আমর প্রতিবদ্ধতা

**ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ**

Approved by DAVP Govt. of India

# ନିଷ୍କର୍ଷ NISHKARSHA

RNI REGD. No. : ODIODI/2020/78909

QR Code Scan for Play NTv(24X7) Channel on Your Mobile Phone

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 06 ♦ ISSUE-52 ♦ CUTTACK ♦ WEEKLY ♦ 29 DECEMBER-2025 TO 04 JANUARY- 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୬ ♦ ସଂଖ୍ୟା -୫୨ ♦ କଟକ ♦ ସାପ୍ତାହିକ ♦ ଡିସେମ୍ବର ୨୯-୨୦୨୫ରୁ ଜାନୁଆରୀ ୦୪-୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


### ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଉତ୍ସବ

# ପଣ୍ଡିତ ରଘୁନାଥ ମୁର୍ମୁ ଥିଲେ ସାନ୍ତାଳୀ ଅସ୍ମିତାର ପ୍ରତୀକ : ମୁଖ୍ୟମନ୍ତ୍ରୀ

**କେନ୍ଦୁଝର(ଏନ୍.ଏମ୍.) :** ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ କେବଳ ଜଣେ ବ୍ୟକ୍ତି ଭାବେ ନୁହେଁ, ସେ ଏକ ଆନ୍ଦୋଳନ, ଏକ ଚେତନା, ଏକ ଅନୁଷ୍ଠାନ ଓ ସଂସ୍କୃତିର ଅଭିଜ୍ଞାନ। ସେ ଜଣେ ଏମିତି ଯୁଗପୁରୁଷ ଥିଲେ, ଯିଏ ଅନ୍ଧାର ଭିତରେ ଆଲୋକର ଜାଗରଣ କରିଥିଲେ। ଏକ ଅବହେଳିତ ଓ ଅନ୍ତର୍ଭୁକ୍ତ ହୋଇନଥିବା ସମାଜକୁ ଶିକ୍ଷା, ଅସ୍ମିତା ଓ ଗର୍ବର ଅନୁଭୂତି ଦେଇଥିଲେ। ସେ ଥିଲେ ସାନ୍ତାଳୀ ଅସ୍ମିତାର ପ୍ରତୀକ। ସାନ୍ତାଳୀ ଭାଷା ସାହିତ୍ୟର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।



ଆଜି ସ୍ଥାନୀୟ ସିଲିସୁଆଁ ଠାରେ ସାନ୍ତାଳୀ ଭାଷା ସାହିତ୍ୟର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ । ଏହି ସମାରୋହରେ ସେ କହିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସୃଷ୍ଟି - ଅଲଚିକି ଲିପିର ପ୍ରସାର ଆମକୁ ଆମ ବର୍ତ୍ତମାନ ସହ ପରିଚୟ କରାଉଛି ଆଉ ଭବିଷ୍ୟତ ପାଇଁ ବିଚାର କରିବାକୁ ପ୍ରେରଣା ଦେଉଛି । ପ୍ରକୃତରେ ଅଲଚିକି ଲିପି ଏବଂ ଗୁରୁ ଗୋମକେ ହେଉଛନ୍ତି ପରସ୍ପର ପରିପୂରକ। ପଣ୍ଡିତ ମୁର୍ମୁ 'ସ୍ରଷ୍ଟା' ହେଲେ, ଅଲଚିକି ଲିପି ହେଉଛି 'ସୃଷ୍ଟି' । ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତାହା ଥିଲା ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ। ତାଙ୍କ ଦ୍ୱାରା ରଚିତ ଗଦ୍ୟ ଓ ପଦ୍ୟ ସାହିତ୍ୟ, ନାଟକ, ପାଠ୍ୟପୁସ୍ତକ ଓ ଲୋକସାହିତ୍ୟ ଆଜି ବି ଆମକୁ ସଂସ୍କୃତିର ମୂଳସୂତ୍ର ସହିତ ବାନ୍ଧି ରଖିଛି। ସେ ତାଙ୍କ ଶିକ୍ଷା ଓ ଚେତନା ଦ୍ୱାରା ସମାଜରେ ଶୋଷଣ ବିରୋଧରେ ଏକ ଶକ୍ତିଶାଳୀ ଜାଗରଣ ସୃଷ୍ଟି କରିଥିଲେ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ସାନ୍ତାଳୀ ଭାଷାକୁ ସମୃଦ୍ଧ କରିବା ପାଇଁ ପଣ୍ଡିତ ମୁର୍ମୁ ଅଲଚିକି ଲିପିରେ ଅନେକ ଗୀତ, ନାଟକ ଓ ପାଠ୍ୟପୁସ୍ତକ ରଚନା କରିଥିଲେ। ଅଲଚିକିର ପ୍ରସାର ପାଇଁ ସେ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରର ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳ ବୁଲି ଲିପିର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ସାନ୍ତାଳୀ ସାହିତ୍ୟର ପ୍ରଚାର ପାଇଁ ସେ 'ସାଗେନ୍ ସାକାମ୍' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ତାଙ୍କ ପ୍ରେରଣାରେ ବାବା ତିଲକା ମାଝୀ ପାଠାଗାର ମଧ୍ୟ ପ୍ରତିଷ୍ଠା ହୋଇଥିଲା। ସାନ୍ତାଳୀ ସମାଜର ସାମାଜିକ, ଶିକ୍ଷାଗତ ଓ ସାଂସ୍କୃତିକ ଉନ୍ନତି ପାଇଁ ସେ ଏକ ଆଦିବାସୀ ସୋସିଓ-ଏଜୁକେସନାଲ୍ ଆଣ୍ଡ କଲ୍ଚରାଲ୍ ଆସୋସିଏସନ୍ ଗଠନ କରିଥିଲେ।

ପଣ୍ଡିତ ମୁମୁର୍ଙ୍କ ଯୋଗୁଁ କେବଳ ସାନ୍ତାଳୀ ସମାଜକୁ ନୂଆ ପରିଚୟ ମିଳିନଥିଲା, ଏଥି ସହିତ ଅନ୍ୟାନ୍ୟ ଆଦିବାସୀ ସମାଜକୁ ମଧ୍ୟ ସେ ନିଜସ୍ୱ ଲିପି ବିକଶିତ କରିବାର ପଥ ପ୍ରଦର୍ଶନ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ସେ କହିଥିଲେ, ୨୦୦୩ରେ ଭାରତ ସରକାର ସାନ୍ତାଳୀ ଭାଷାକୁ ସଂବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିଥିଲେ। ଆଜି ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରର ଆଦିବାସୀବହୁଳ ଅଞ୍ଚଳରେ ସାନ୍ତାଳୀ ଭାଷାରେ ସ୍କୁଲ୍ ଶିକ୍ଷା ଦିଆଯାଉଛି। ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭାଷା ସାହିତ୍ୟ ପଢ଼ାଯାଉଛି। କେବଳ ସାନ୍ତାଳୀ ଭାଷା କାହିଁକି, ରାଜ୍ୟ ସରକାର, ହୋ, ମୁଣ୍ଡାରୀ, ଗାଦବା , କୁଇ, ଓରାଓଁ ଭଳି ଅନେକ ଆଦିବାସୀ ଭାଷାର ପ୍ରସାର ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କାର୍ଯ୍ୟକ୍ରମ ରେ ଯାଦବ ଟୁଡୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ତହସିଲଦାର ହାଁସଦା ସ୍ୱାଗତ ଭଷାଣ ଦେଇଥିଲେ। ଏହି ଅବସରରେ ସାରସକଣା ବିଧାୟକ ଭାଦବ ହାଁସଦା, ବିଧାୟକ ସଞ୍ଜଳି ମୁର୍ମୁ, ଡକ୍ଟର ପ୍ରିୟଙ୍କା ମାର୍ଣ୍ଡି, ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଠିକ୍ ସେହିପରି ଶିକ୍ଷା ହେଉଛି ମାନବ ସଭ୍ୟତାର ବିକାଶର ପ୍ରଥମ ପାହାଚ। ଏହି ପାହାଚ ଚଢ଼ି ଭାରତ ବିକଶିତ ହେବ ଏବଂ ଆମେ ନିର୍ଭରଶୀଳ ହୋଇ ପାରିବା। ତେଣୁ ଛାତ୍ରଛାତ୍ରୀମାନେ ଜୀବନରେ ସବୁବେଳେ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମଇଦାନକେଲସ୍ଥିତ ପ୍ରଗତି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ''ଶିକ୍ଷା ହେଉଛି ମାନବ ସଭ୍ୟତାର ବିକାଶର ପ୍ରଥମ ପାହାଚ। ଆଜି ସମୟ ବଦଳିଛି, ଶିକ୍ଷାଦାନ, ଶିକ୍ଷା ଆହରଣ ପଦ୍ଧତି ମଧ୍ୟ ବଦଳିଛି। ଆଜିର ପିଲାମାନେ ଅତ୍ୟନ୍ତ ବିଚକ୍ଷଣ, ବୁଦ୍ଧିମାନ ଏବଂ ପ୍ରତିଭାବାନ୍। ମୋ କହିବାରେ ଆଦୌ ସଙ୍କୋଚ ନାହିଁ ଯେ ଆମ ସମୟରେ କିମ୍ବା ଆମ ପୂର୍ବ ପିଢ଼ିମାନେ ଯାହା ଦଶମ-ଏକାଦଶ ଶ୍ରେଣୀରେ ପଢୁଥିଲେ ତାହା ଆଜିର ପିଲାମାନେ ସପ୍ତମ ଶ୍ରେଣୀରୁ ପଢିବା ଆରମ୍ଭ କରିଦେଉଛନ୍ତି। ଆଗାମୀ ଦିନରେ ଏହି ଜ୍ଞାନର ପରିସୀମା ଆହୁରି ବୃଦ୍ଧି ହେବ।' ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଛାତ୍ରଛାତ୍ରୀମାନେ ହିଁ ବିକଶିତ ଭାରତର ସୂତ୍ରଧର। ବର୍ତ୍ତମାନର ଛାତ୍ରଛାତ୍ରୀ ହେଉଛନ୍ତି ଏକବିଂଶ ଶତାବ୍ଦୀର ଛାତ୍ରଛାତ୍ରୀ। ୫୦ ବର୍ଷ ତଳେ ଛାତ୍ରଛାତ୍ରୀମାନେ ଯେଉଁ ସୁଯୋଗ ବିଷୟରେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ, ଆଜି ସବୁ ସୁଯୋଗ ପାଉଛନ୍ତି। ତେବେ ଛାତ୍ରଛାତ୍ରୀମାନେ କେବଳ ପାଠରେ ଗୁରୁତ୍ୱ ନୁହେଁ ବରଂ ସବୁଦିଗରୁ ପ୍ରତିଭାବାନ ହେବା ଆବଶ୍ୟକ। କେବଳ ପାଠ କଥା କହୁ ନାହିଁ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ମାର୍ଚ୍ଚ ସୁଦ୍ଧା ଓଡ଼ିଶା ମାଓମୁକ୍ତ ହେବ : ଏଡିଜି



**ଭୁବନେଶ୍ୱର(ଏନ୍.ଏମ୍.) :** ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଓଡ଼ିଶା ମାଓବାଦୀମୁକ୍ତ ହେବ। କନ୍ଧମାଳ ଜିଲା ଫୁଲବାଣୀରେ ଶୁକ୍ରବାର ମାଓବାଦୀ ବିରୋଧୀ ଅପରେସନର ସମୀକ୍ଷା ସମୟରେ ଏହା କହିଛନ୍ତି ଏଡିଜି ସଞ୍ଜୀବ ପଣ୍ଡା। ସମୀକ୍ଷା ପରେ ଏଡିଜି ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ତଥ୍ୟ ପ୍ରଦାନ କରିଥିଲେ। ଏଡିଜି ସଞ୍ଜୀବ କନ୍ଧମାଳ ଏନକାଉଣ୍ଟରରେ ସାମିଲ ସୁରକ୍ଷାକର୍ମୀମାନଙ୍କୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏବେ ବି ଅପରେସନ ଜାରି ରହିଛି। ଅପରେସନରେ ଅଧିକ ଟିମ୍ ସାମିଲ କରାଯାଇଛି। ବିପୁଳ ପରିମାଣର ସମାଓବାଦୀ ସାମଗ୍ରୀ ଏବଂ ବିସ୍ଫୋରକ ଜବତ ହୋଇଛି। ଏନକାଉଣ୍ଟରେ ନିହତ ହୋଇଥିବା ଟପ୍ ମାଓବାଦୀ ନେତା ଗଣେଶ ଉଇକା ୩୯ ବର୍ଷ ଧରି ସଂଗଠନରେ ସାମିଲ ଥିଲା। ସେ ବିଭିନ୍ନ ରାଜ୍ୟରେ ଘଟିଥିବା ହିଂସାକାଣ୍ଡରେ ଜଡ଼ିତ ଥିଲା। ଓଡ଼ିଶାରେ ମାଓବାଦୀ ଗତିବିଧିର ସେ ନେତୃତ୍ୱ ନେଉଥିଲା। ତା' ମୃତ୍ୟୁ ସଂଗଠନକୁ ଶକ୍ତ ଝଟ୍କା। ତା' ମୃତ୍ୟୁ ପରେ ଅଧିକାଂଶ ମାଓବାଦୀ ସଂଗଠନ ଛାଡ଼ିବେ ନଚେତ ଆତ୍ମସମର୍ପଣ କରିବେ। ହିଂସାର ମାର୍ଗ ଛାଡ଼ି ସେମାନେ ଆତ୍ମସମର୍ପଣ କରନ୍ତୁ। ମାଓବାଦୀମୁକ୍ତ ଓଡ଼ିଶା ପାଇଁ ଆମକୁ ଟାର୍ଗେଟ ଦିଆଯାଇଛି। ମାର୍ଚ୍ଚ ମାସ ସୁଦ୍ଧା ନିଶ୍ଚୟ ମାଓବାଦୀମୁକ୍ତ ହେବ ରାଜ୍ୟ।

# ଜାନୁଆରୀ ୧ରୁ ଆର୍ଥିକ ପରିବର୍ତ୍ତନ



**ନୂଆଦିଲ୍ଲୀ(ଏନ୍.ଏମ୍.) :** ବର୍ଷ ୨୦୨୫ ଧୀରେଧୀରେ ସରିବାକୁ ଯାଉଥିବା ବେଳେ ନୂଆବର୍ଷ ୨୦୨୬ ପାଦ ଥାପିବ। ନୂଆବର୍ଷ ଆରମ୍ଭରୁ ଅନେକ ବଡ଼ ଆର୍ଥିକ ପରିବର୍ତ୍ତନ ଦେଖିବାକୁ ମିଳିବ। ଏହା ଆପଣଙ୍କ ପକେଟ ଉପରେ ପ୍ରଭାବ ପକାଇପାରେ । ଏଲପିଜି ଗ୍ୟାସ ଦର ଠାରୁ ଆରମ୍ଭ କରି ପ୍ୟାନ, ଆଧାର, ନୂଆ ପେ କମିସନ ପର୍ଯ୍ୟନ୍ତ ଅନେକ ନିୟମ ବଦଳିବ।

୧- ଆଧାର କାର୍ଡ ଓ ପ୍ୟାନର ଲିଙ୍କ କରିବାର ତାରିଖ ଡିସେମ୍ବରେ ସମାପ୍ତ ହେବାକୁ ଯାଉଛି। ଯଦି ଆପଣମାନେ ଲିଙ୍କ କରିନଥିବେ, ତେବେ ଜାନୁଆରୀ ପହିଲାରୁ ତାହା ନିଷ୍କ୍ରିୟ ହୋଇଯିବ।

୨- ବ୍ୟାଙ୍କ ୟୁପିଆଇ ଓ ଡିଜିଟାଲ ପେମେଣ୍ଟ ନିୟମ କଠୋର କରାଯାଉଛି । ଫ୍ରଡକୁ ରୋକିବା ପାଇଁ ସିମ ଭେରିଫିକେସନର ନିୟମକୁ କଡ଼ାକଡ଼ି କରାଯାଉଛି । ହ୍ୱାଟସଆପ, ଟେଲିଗ୍ରାମ ଓ ସିଗନାଲ ପରି ଆପରେ ଠକାମିକୁ ରୋକିବାକୁ ପ୍ରୟାସ କରାଯାଉଛି।

୩- ଏସବିଆଇ, ପିଏନବି ଓ ଏଚଡିଏଫସି ପରି ବ୍ୟାଙ୍କ ପକ୍ଷରୁ ଲୋନ ଦର କମ୍ କରାଯାଇଛି। ଏହା ଜାନୁଆରୀ ପହିଲାରୁ ଲାଗୁ ହେବ। ସେହିପରି ଏହି ତାରିଖରୁ ନୂଆ ସ୍ଥାୟୀ ଜମା ସୁଧ ହାର ମଧ୍ୟ ଲାଗୁ ହେଉଛି ।

୪- ବର୍ଷ ଆରମ୍ଭରୁ ଏଲପିଜି ଗ୍ୟାସ ସିଲିଣ୍ଡର ଦାମରେ ପରିବର୍ତ୍ତନ ହୋଇଥାଏ । ଏଲପିଜି ଦାମରେ ହ୍ରାସ ମଧ୍ୟ ପରିଲକ୍ଷିତ ହୋଇପାରେ ।

୫- ତୈଳ କମ୍ପାନୀମାନେ ପ୍ରତି ମାସରେ ଏଲପିଜି ସହ ସିଏନଜି-ପିଏନଜି ଓ ଜେଟ ଫ୍ୟୁଏଲ (ଏଟିଏଫ) ଦାମ ପରିବର୍ତ୍ତନ କରିଥାନ୍ତି । ବର୍ଷ ଆରମ୍ଭରୁ ଏହି ସବୁ ଦାମରେ ପରିବର୍ତ୍ତନ ଘଟିପାରେ।

୬- ନୂଆ ଆୟକର ଆକ୍ଟ ୨୦୨୫ ଜାନୁଆରୀ ୧ରୁ ପୂର୍ଣ୍ଣ ଭାବେ ଲାଗୁ ହେବ ନାହିଁ । ମାତ୍ର ସରକାର ଜାନୁଆରୀ ପର୍ଯ୍ୟନ୍ତ ନୂଆ ଆଇଟିଆର (ଟ୍ୟାକ୍ସ ରିଟର୍ଣ୍ଣ) ଫର୍ମ ଓ ନିୟମକୁ ନୋଟିଫାଇ କରିବେ, ଯାହାକି ଏପ୍ରିଲ ୨୦୨୬ ବା ଆର୍ଥିକ ବର୍ଷ ୨୦୨୬-୨୭ ଠାରୁ ଲାଗୁ ହେବ।

୭- ସରକାର ୮ମ ବେତନ ଆୟୋଗ ଜାନୁଆରୀ ୧ରୁ ଲାଗୁ କରିବେ ବୋଲି ଆଶା କରାଯାଉଛି । ଡିସେମ୍ବର ୩୧ରେ ସପ୍ତମ ବେତନ ଆୟୋଗ ସମାପ୍ତ ହୋଇଯିବ।

୮- ଉତ୍ତରପ୍ରଦେଶ ପରି ରାଜ୍ୟମାନଙ୍କରେ କିଷାନଙ୍କୁ ପିଏମ-କିଷାନ ଯୋଜନାର ଫାଇଦା ପାଇବାକୁ ୟୁନିକ କିଷାନ ଆଇଡିର ଆବଶ୍ୟକତା ପଡ଼ିବ।

୯- ଜାନୁଆରୀ ୧ରୁ ଭାରତରେ ଅନେକ ପ୍ରମୁଖ ଅଟୋମୋବାଇଲ କମ୍ପାନୀମାନେ ନିଜର ଗାଡ଼ିର ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। ନିସାନ, ବିଏମଡବ୍ଲ୍ୟୁ, ଜେଏସଡବ୍ଲ୍ୟୁ ଏମଜି ମୋଟର, ରେନାଲ୍ଟ ଏଥର ଏନର୍ଜି ଗାଡ଼ିର ଦାମରେ ୩ ହଜାର ଟଙ୍କାରୁ ଆରମ୍ଭ କରି ୩ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିବାକୁ ଯାଉଛି। ଟାଟା ମୋଟର୍ସ ଓ ହୋଣ୍ଡା ପରି କମ୍ପାନୀମାନେ ବୃଦ୍ଧି ନେଇ ସଙ୍କେତ ଦେଇସାରିଛନ୍ତି ।

# ନିଜ ଛୁଆକୁ ହତ୍ୟା କଲା ମା

**ମୁମ୍ବଇ(ଏନ୍.ଏମ୍.) :** କୁହାଯାଏ ଯେ ଜଣେ ମାଆ ତାର ପିଲାକୁ ସୁରକ୍ଷା ଦେବା ପାଇଁ ସବୁକିଛି କରିଥାଏ। କିନ୍ତୁ ଯେତେବେଳେ ଜଣେ ମାଆ ନିଜେ ତାଙ୍କ ପିଲାର ଜୀବନର ଶତ୍ରୁ ହୋଇଯାଆନ୍ତି, ସେହି ମାକୁ କ'ଣ କୁହାଯିବ ? ମହାରାଷ୍ଟ୍ରର ନଭି ମୁମ୍ବାଇରେ ଏପରି କିଛି ଘଟିଥିଲା, ଯେଉଁଠାରେ ଜଣେ ମାଆ ତାଙ୍କ ଛଅ ବର୍ଷର ଝିଅକୁ କେବଳ ଏଥିପାଇଁ ହତ୍ୟା କରିଥିଲେ ଯେ ସେ ମରାଠୀ କହିପାରୁ ନଥିଲେ। ତାଙ୍କ ଝିଅକୁ ହତ୍ୟା କରିବା ପରେ, ସେ ଏକ କାହାଣୀ ତିଆରି କରିଥିଲେ ଯେ ପିଲାଟି ହୃଦଘାତରେ ମୃତ୍ୟୁବରଣ କରିଛି । କିନ୍ତୁ ପୁଲିସ ତାଙ୍କ କଥାରେ ବିଶ୍ୱାସ କରିନଥିଲା। ଅଧିକ ତଦନ୍ତ ପରେ, ସମସ୍ତ ରହସ୍ୟ ଉନ୍ମୋଚିତ ହୋଇଥିଲା ଏବଂ ହତ୍ୟାକାରୀ ମାଆକୁ ଗିରଫ କରାଯାଇଥିଲା।



ନଭି ମୁମ୍ବାଇର କଳାମ୍ବୋଲିର ଗୁରୁସଙ୍କଳ୍ପ ସୋସାଇଟିରେ ଜଣେ ଆଇଟି ଇଞ୍ଜିନିୟର, ତାଙ୍କ ସ୍ତ୍ରୀ ଏବଂ ସେମାନଙ୍କର ୬ ବର୍ଷର ଝିଅ ରହୁଥିଲେ। ପିଲାଦିନରୁ ଝିଅଟି କହିବାରେ କିଛି ଅସୁବିଧା ହେଉଥିଲା, ପ୍ରାୟତଃ ମରାଠୀ ବଦଳରେ ହିନ୍ଦୀ କହୁଥିଲା। ତାଙ୍କ ଝିଅ ମରାଠୀ କହିପାରୁ ନଥିବାରୁ ମହିଳା ଜଣକ ପ୍ରାୟତଃ ବିରକ୍ତ ହେଉଥିଲେ। ସେ ତାଙ୍କ ସ୍ୱାମୀଙ୍କୁ ବାରମ୍ବାର କହିଥିଲେ ଯେ ସେ ଏପରି ଝିଅ ଚାହାଁନ୍ତି ନାହିଁ ଯିଏ ସ୍ପଷ୍ଟ ଭାବରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ବିଶ୍ୱାସ ଘାତକତାର ଆଉ ଏକ ନମୁନା

# ମୁହଁରେ ବୋମାଫୁଟି ମାଈ ହାତୀର ମୃତ୍ୟୁ

**ବାରିପଦା(ଏନ୍.ଏମ୍.) :** ଆହାର ମୁହଁରେ ପାହାର। ଭୋକିଲା ପେଟରେ ଖାଦ୍ୟ ଅନ୍ୱେଷଣରେ ଥିବା ମାଇ ହାତୀଟି ବୋମା ଖାଇ ଦେଇଥିଲା। ତେବେ ବୋମା ଖାଇବା ସମୟରେ ହଠାତ ବିସ୍ଫୋରଣ ହେବାରୁ ଉକ୍ତ ହାତୀଟି ଗୁରୁତର ହୋଇ ପଡ଼ିଥିଲା। ମୁହଁରେ ବୋମା ବିସ୍ଫୋରଣ ଯୋଗୁ ଗୁରୁତର ଆହତ ହୋଇ ଚିକିସାଧୀନ ଥିବା ମାଈ ହାତୀର ମୃତ୍ୟୁ ଘଟିଛି। ଏହାକୁ ବନ୍ୟଜନ୍ତୁପ୍ରେମୀମାନେ ଘୋର ନିନ୍ଦା କରିବା ସହ ଷଡ଼ଯନ୍ତ୍ର କରି ହାତୀଟିକୁ ମାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ହାତୀଟି ଭୋକିଲା ଥିବାବେଳେ ଖାଦ୍ୟ ମଧ୍ୟରେ ବୋମା ରଖିବା ଏବଂ ହାତୀଟି ଖାଇବା ବେଳେ ବିଶ୍ୱାସଘାତକର ସହ ହତ୍ୟା କରାଯାଇଛି ବୋଲି ଚର୍ଚ୍ଚା ହୋଇଛି। ବୋମା ବିସ୍ଫୋରଣ ଯୋଗୁଁ ହାତୀ ମୁହଁରେ ଗଭୀର କ୍ଷତ ସହ ଜିଭ ଛିଡ଼ିଯାଇଥିଲା। ଫଳରେ ସେ କିଛି ଖାଇପିଇ ନପାରି ମୃତ୍ୟୁ ସହ ସଂଗ୍ରାମ କରୁଥିଲା। ଶେଷରେ ହାତୀଟି ଆଖିବୁଜିଛି।

ପ୍ରାପ୍ତ ସୂଚନା ଅନୁସାରେ, ୨ ସପ୍ତାହ ତଳେ ବେତନଟୀ ରେଞ୍ଜ ଦେଇ ୨୭ଟି ହାତୀ ବାଲେଶ୍ୱରର ନୀଳଗିରି ରେଞ୍ଜକୁ ଯାଇଥିଲେ। ୧୧ ତାରିଖ ଦିନ ହାତୀପଲ ସେଠାରୁ ଫେରିଥିବାବେଳେ ୨ଟି ହାତୀ ବେତନଟୀ ରେଞ୍ଜ ଚୁଆପଦା ଜଙ୍ଗଲରେ ରହିଯାଇଥିଲେ। ସେମାନଙ୍କ ମଧ୍ୟରୁ ୭/୮ ବର୍ଷର ଗୋଟିଏ ମାଈହାତୀର ମୁହଁରେ ଗଭୀର କ୍ଷତ ହୋଇଥିବା ଏବଂ ଜିଭ ଛିଡ଼ିଯାଇଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ବିସ୍ଫୋରକ ଭର୍ତ୍ତି ପରିବା କିମ୍ବା ଫଳ ଖାଇଦେବାରୁ ତାହା ହାତୀର ମୁହଁରେ ଫାଟିଯାଇଥିଲା। ଗତ ୧୨ ତାରିଖ ଦିନ ବନ ବିଭାଗ ଟ୍ରାଙ୍କୁଲାଇଜ୍ କରି ହାତୀଟିକୁ ଶିମିଳିପାଳ ଅଭୟାରଣ୍ୟର ଉତ୍ତର ଡିଭିଜନ୍ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନ ତାଳବନ୍ଧ ରେଞ୍ଜ କାର୍ଯ୍ୟାଳୟକୁ ନେଇଥିଲା। ସେଠାରେ ହାତୀଟିର ଚିକିସା ଚାଲିଥିଲା। ଶନିବାର ଆହତ ହାତୀର ମୃତ୍ୟୁ ଘଟିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ତେବେ ହାତୀମୃତ୍ୟୁ ଖବରକୁ ବନ ବିଭାଗ ଲୁଚାଇବା ନେଇ ପ୍ରଶ୍ନ ଉଠିଛି। ଡିଏଫ୍ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କହିଛନ୍ତି, ହାତୀଟିକୁ ବଞ୍ଚାଇବା ପାଇଁ ଆମେ ଯଥାସମ୍ଭବ ଉଦ୍ୟମ କରିଥିଲୁ। ଶେଷରେ ଶନିବାର ଆଖିବୁଜିଲା। ଏବେ ଆମେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛୁ।



# ଓଡ଼ିଶାବାସୀଙ୍କୁ ମିଳିଲା ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ



**ଭୁବନେଶ୍ୱର(ଏନ୍.ଏମ୍.) :** ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ପଦୋନ୍ନତି ହୋଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀମତୀ ଗର୍ଗଙ୍କୁ ନୂଆ ଦାୟିତ୍ୱ ମିଳିଛି। ମନୋଜ ଆହୁଜାଙ୍କ ସ୍ଥାନରେ ରାଜ୍ୟ ସରକାର ଅନୁ ଗର୍ଗଙ୍କୁ ଅବସ୍ଥାପିତ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ପଦୋନ୍ନତି ହୋଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀମତୀ ଗର୍ଗଙ୍କୁ ନୂଆ ଦାୟିତ୍ୱ ମିଳିଛି। ଆସନ୍ତା ୩୧ରେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ସରିବ। ଶ୍ରୀ ଆହୁଜାଙ୍କ ସ୍ଥାନରେ ରାଜ୍ୟ ସରକାର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# 'ଶାହରୁଖଙ୍କ ସହିତ କାମ କଲା ବେଳେ ଏକସପ୍ତାହ ପର୍ଯ୍ୟନ୍ତ ଭୋକରେ ରହିବାକୁ ପଡ଼ିଥିଲା' : ଟୁଇଙ୍କିଲ



**ନୂଆଦିଲ୍ଲୀ (ଏଜେନ୍ସି):** ଅଭିନେତ୍ରୀ ଡିମ୍ପଲ କପାଡ଼ିଆଙ୍କ ଝିଅ ଓ ଅକ୍ଷୟ କୁମାରଙ୍କ ସ୍ତ୍ରୀ ଟୁଇଙ୍କିଲ ଖନ୍ନା ସିନେମା ଦୁନିଆରୁ ଦୂରେଇ ଯାଇଛନ୍ତି କିନ୍ତୁ ଏକ ଲେଖକ ଭାବେ ନିଜର ପରିଚୟ ଗଢ଼ିଛନ୍ତି। ନିକଟରେ ଟୁଇଙ୍କିଲ ଖନ୍ନା ୧୯୯୯ ମସିହାରେ ଆସିଥିବା ସିନେମା 'ବାଦଶାହ'ରେ ଶାହରୁଖ ଖାନଙ୍କ ସହିତ କାମ କରିବାକୁ ନେଇ ଖୋଲାଖୋଲି ଭାବେ ଆଲୋଚନା କରିଛନ୍ତି। ଟୁଇଙ୍କିଲ ଏହି ଆଲୋଚନା ସମୟରେ କହିଛନ୍ତି, 'ଶାହରୁଖ ଖାନଙ୍କ ସହିତ ସିନେମା 'ବାଦଶାହ'ର ସୁଟିଂ ସମୟରେ ଆଉଟଫିଟରେ ଖାପ ଖାଇବା ପାଇଁ ଉପବାସରେ ରହିଥିଲି। ଗୋଟିଏ ସପ୍ତାହ ପର୍ଯ୍ୟନ୍ତ କେବଳ ଚଣା ଖାଇ ରହିଛି। ଏହା ବ୍ୟତୀତ 'ମୋହବତ ହୋ ଗଇ' ଗୀତର ସୁଟିଂ ସମୟରେ ମୋ ପେଟରେ ଗ୍ୟାସ ଭରି ଯାଇଥିଲା। ଏହି ସମୟରେ ଶାହରୁଖ ମୋତେ ଉଠାଇବାର ଏକ ଦୃଶ୍ୟ ଥିଲା। ଏହି ଦୃଶ୍ୟର ସୁଟିଂ କରିବା ସମୟରେ ମୋତେ ଭୟ ଲାଗିଥିଲା।' ଅକ୍ଷୟଙ୍କୁ ବିବାହ କରିବା ପରେ ଟୁଇଙ୍କିଲ ସିନେମା ଦୁନିଆରୁ ଦୂରେଇ ଯାଇଛନ୍ତି। କିନ୍ତୁ ସୋସିଆଲ ମିଡିଆରେ ସେ ଖୁବ ସକ୍ରିୟ ରହିଥାଆନ୍ତି। ଫ୍ୟାନ୍ସମାନେ ବି ତାଙ୍କର ପ୍ରତିଟି ପୋଷ୍ଟକୁ ପସନ୍ଦ କରିବା ସହିତ ପ୍ରତିକ୍ରିୟା ଦେଇଥାଆନ୍ତି। ଏଥିସହିତ ସେ ସିନେମା କରିବା ସମୟରେ ଅଙ୍ଗେ ନିଭାଇଥିବା ଅନୁଭୂତିକୁ ତାଙ୍କ ଫ୍ୟାନ୍ସମାନଙ୍କ ସହିତ ସମୟ ସମୟରେ ସେୟାର ବି କରିଥାଆନ୍ତି।

## ୭୦୦ ଟଙ୍କାରେ 'ଥର' କାର୍ କିଣିବାକୁ ଚାହୁଁଛି କୁନି ବାଳକ; ଆନନ୍ଦ ମହିନ୍ଦ୍ରା କହିଲେ, ଆମେ ଦେବାଳିଆ ହୋଇଯିବୁ



**ନୂଆଦିଲ୍ଲୀ(ଏଜେନ୍ସି):** ରବିବାର ଦିନ 'ଏକ୍ସ'ରେ ନୋଇଡ଼ାର ଚିକୁ ଯାଦବ ନାମରେ ଜଣେ କୁନି ବାଳକର ଭିଡିଓ ସେୟାର୍ କରି ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ମଜାରେ କହିଛନ୍ତି ଯେ, ଖୁବ୍ ଶୀଘ୍ର ଆମେ ଦେବାଳିଆ ହୋଇଯିବୁ। ଉଲ୍ଲେଖ ଯୋଗ୍ୟ, ମହିନ୍ଦ୍ରା ସେୟାର୍ କରିଥିବା ଭିଡିଓ କ୍ଲିପରେ ଚିକୁ ନାମରେ ସେ ବାଳକ ତା'ର ବାପାଙ୍କୁ କହୁଛି, ୭୦୦ ଟଙ୍କା ଦେଇ ଆମେ ଗୋଟାଏ 'ଥର' କାର୍ କିଣିବା। ପିଲାଟି ଭାବିଛି ଯେ, ମହିନ୍ଦ୍ରା କମ୍ପାନିର 'ଥର' କାର୍ ଓ 'ଏକ୍ସୟୁଭି ୭୦୦' ଏକା ଗାଡ଼ି ଓ ୭୦୦ ଟଙ୍କା ଦେଇ ତାକୁ କିଣାଯାଇ ପାରିବ। ବାପପୁଅ ମଧ୍ୟରେ ଆଳାପ ଚାଲିଥିବା ଏ ଭିଡିଓଟି ଆନନ୍ଦ ମହିନ୍ଦ୍ରାଙ୍କ ଦୃଷ୍ଟିରେ ପଡ଼ିବାରୁ ସେ ଏହାକୁ ଗୋଟାଏ ମଉଜିଆ 'କ୍ୟାପସନ୍' ବା 'ପରିଚୟୋକ୍ତି' ଦେଇ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଶ୍ରୀ ମହିନ୍ଦ୍ରା ଲେଖିଛନ୍ତି ଯେ 'ମୁଁ ଚିକୁକୁ ଶ୍ରଦ୍ଧା' କରେ କହି ମୋର ସାଙ୍ଗ ସୁନି ତାରାପୋରେୱାଲା ଏହି ଭିଡିଓଟି ମୋ ପାଖକୁ ସେୟାର୍ କରିଛନ୍ତି। ତେଣୁ, 'ଇନ୍‌ଷ୍ଟାଗ୍ରାମ୍'ରେ ଚିକୁର କିଛି ଫଟୋ ଦେଖିବା ପରେ ମୋ ମନରେ ବି ତା'ଲାଗି ଶ୍ରଦ୍ଧା ଜାତ ହେଲା। କିନ୍ତୁ, ମୋର ସମସ୍ୟା ହେଲା ତା' କଥା ରଖିବାକୁ ଯଦି ୭୦୦ ଟଙ୍କାରେ 'ଥର' କାର୍ ବିକ୍ରି କରେ ତେବେ, ଆମେ ଦେବାଳିଆ ହୋଇଯିବୁ। ଚିକୁର ବାପା ଚଳାଉଥିବା ଚିକୁର 'ଇନ୍‌ଷ୍ଟାଗ୍ରାମ୍' ପେଜରେ ଗତ ଜୁଲାଇ ମାସରେ ଉକ୍ତ ଭିଡିଓ ସେୟାର୍ କରାଯାଇଥିଲା। ଏପର୍ଯ୍ୟନ୍ତ ଏହି କ୍ଲିପର ୭ ଲକ୍ଷ 'ଭିୟୁ' ହେଲାଣି।

# ମୁଣ୍ଡରେ ପଗଡ଼ି ବାନ୍ଧି ଘୋଡ଼ା ଚଢ଼ି ଶାଶୁଘରକୁ ଯାଇ ବାହା ହେବାକୁ ପ୍ରସ୍ତାବ ଦେଲେ ବଧୂ



**ନୂଆଦିଲ୍ଲୀ(ଏଜେନ୍ସି):** ଯୁବପିଢ଼ି ନିଜନିଜ ବିବାହକୁ ସ୍ମରଣୀୟ କରିବା ପାଇଁ ନୂଆନୂଆ ଉପାୟମାନ ଆପଣାଇ ଥାଆନ୍ତି। ଏହି କ୍ରମରେ ମଧ୍ୟପ୍ରଦେଶର ବୁରହାନପୁରରେ ଜଣେ ଯୁବତୀ ଘୋଡା ଚଢ଼ି ଶାଶୁଘରେ ପହଞ୍ଚିଥିଲେ। ଏହି ଦୃଶ୍ୟ ଦେଖି ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବୁରହାନପୁରରେ ଏହି ସ୍ୱତନ୍ତ୍ର ବିବାହ ଦେଖିବାକୁ ମିଳିଥିଲା। ଏଠାରେ ଜଣେ ବଧୂ ଘୋଡାରେ ବସି ଏନଆରଆଇ ବରଙ୍କ ଘରକୁ ବିବାହ ପ୍ରସ୍ତାବ ଦେବାକୁ ଯାଇଥିଲେ। ବଧୂଙ୍କୁ ବର ତାଙ୍କ ଘରେ ଦେଖିବା ପରେ ବିବାହ ପ୍ରସ୍ତାବ ସ୍ୱୀକାର କରି ଏକ ଖଣ୍ଡା ଉପହାରରେ ଦେଇଥିଲେ। ତେବେ ଏହି ପରମ୍ପରା କେବଳ ବୁରହାନପୁର ଗୁଜୁରାଟୀ ମୋଢ଼ ବଣିକ ସମାଜରେ ଦେଖିବାକୁ ମିଳିଥାଏ। ଏହି ପ୍ରଥା ରାଜାମହାରାଜା ସମୟରୁ ଚାଲି ଆସୁଛି। ଆଧୁନିକ ଯୁଗରେ ଚକଚକ୍ୟରେ ପ୍ରାଚୀନ ପ୍ରଥା ଲୋପ ପାଇ ଯିବାର ଦେଖିବାକୁ ମିଳୁଛି। କିନ୍ତୁ ବୁରହାନପୁର ଗୁଜରାଟୀ ମୋଢ଼ ବଣିକ ସମାଜରେ ତାଙ୍କର ଏହି ସ୍ୱତନ୍ତ୍ର ପରମ୍ପରାକୁ ଜୀବିତ ରଖିଛନ୍ତି। ଗୁଜରାଟୀ ବଣିକ ମୋଢ଼ ସମାଜରେ ଗୋପାଳ ଦେବକର କହିଛନ୍ତି, 'ଆମ ସମାଜରେ ପ୍ରାଚୀନ ପରମ୍ପରା ଅଛି। ଯେଉଁଥିରେ କନ୍ୟା ମୁଣ୍ଡରେ ପଗଡ଼ି ବାନ୍ଧି ଘୋଡ଼ା ଚଢ଼ି ବିବାହ ପୂର୍ବରୁ ବିବାହ ପ୍ରସ୍ତାବ ନେଇ ବରଙ୍କ ଘରେ ପହଞ୍ଚିଥାଆନ୍ତି। ବର କନ୍ୟାଙ୍କ ପ୍ରସ୍ତାବକୁ ସ୍ୱୀକାର କରି ଖଣ୍ଡା ପ୍ରଦାନ କରି ବରଯାତ୍ରୀ ଧରି ଆସି ଥାଆନ୍ତି। ଏହି ପରମ୍ପରା ଧୀରେଧୀରେ ମଉଳି ଆସୁଥିବା ବେଳେ ପୁଣି ଯୁବପିଢ଼ି ଏଥିପ୍ରତି ଆଗ୍ରହ ଦେଖାଇଛନ୍ତି। ଯାହାକି ଏକ ଭଲ ସଙ୍କେତ।'

# ପୁଣି ବିବାହ କଲେ ଅରବାଜ, ଭାଇବୋହୂଙ୍କ ସହ ନାଚିଲେ ସଲମାନ



**ମୁମ୍ବାଇ(ଏଜେନ୍ସି):** ପୁଣି ବର ସାଜିଲେ ଅଭିନେତା ଅରବାଜ ଖାନ୍। ମଲାଇକାଙ୍କୁ ଛାଡପତ୍ର ଦେବା ପରେ ଭଉଣୀଙ୍କ ଘରେ କଲେ ଦ୍ୱିତୀୟ ବିବାହ। ସେ ତାଙ୍କ ମେକ୍‌ଅପ୍ ଆର୍ଟିଷ୍ଟ ଶୌରା ଖାନ୍‌ଙ୍କ ହାତ ଧରିଛନ୍ତି। ମୁସ୍ଲିମ୍ ରୀତିନୀତି ଅନୁଯାୟୀ ଭଉଣୀ ଅର୍ପିତାଙ୍କ ଘରେ ଉଭୟଙ୍କ ନିକାହା ସମ୍ପର୍ଣ୍ଣ ହୋଇଛି। ବିବାହରେ କେବଳ ଘନିଷ୍ଠ ବନ୍ଧୁ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ଅରବାଜଙ୍କ ବିବାହରେ ଅନେକ ତାରକା ସାମିଲ ହୋଇଥିଲେ। ଭାଇଜାନ୍ ସାଲମାନ ଖାନ୍ ମଧ୍ୟ ଏହି ବିବାହରେ ଉପସ୍ଥିତ ଥିଲେ। ନିଜ ଭାଇର ବିବାହକୁ ନେଇ ସଲମାନ ବେଶ୍ ଖୁସି ଥିବା ନଜର ଆସିଥିଲେ। କେବଳ ସେତିକି ନୁହେଁ ସେ ନିଜ ନୂଆ ଭାଇବୋହୂଙ୍କ ସହ ମିଶି ଡ୍ୟାନ୍ସ ମଧ୍ୟ କରିଥିଲେ। ଏହାର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି, ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ସଲମାନ ଭାଇବୋହୂ ଶୌରାଙ୍କ ସହ ନାଚୁଥିବାର ନଜର ଆସିଛନ୍ତି। ସଲମାନ ଖାନ ଧୂସର ରଙ୍ଗର କୁର୍ତ୍ତା-ପାଇଜାମା ପିନ୍ଧି ଭାଇ ଅରବାଜଙ୍କ ବିବାହରେ ପହଞ୍ଚିଥିଲେ। ସଲମାନ ଭାଇବୋହୂ ଏବଂ ଅରବାଜ ଖାନଙ୍କ ପୁଅ ଅରହାନ ଖାନଙ୍କ ସହ 'ଦିଲ ଦିଆ ଗାଲାଁ'ରେ ଏକ ଜବରଦସ୍ତ ଡ୍ୟାନ୍ସ କରିଥିଲେ। ସଲମାନ ଖାନଙ୍କ ଡ୍ୟାନ୍ସ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଛି। ଏହି ବିବାହରେ ଅରବାଜଙ୍କ ପୁଅ ଅରହାନ ଖାନଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ସେମାନଙ୍କ ସହ ରିତେଶ ଦେଶମୁଖ, ଜିନିଲିଆ ଡି'ସୁଜା, ରବୀନା ଟଣ୍ଡନ, ଫରାହ ଖାନ, ସାଜିଦ ଖାନ ଏବଂ ବଲିଉଡ ଅନେକ ଷ୍ଟାର୍ ଏହି ବିବାହରେ ସାମିଲ ହୋଇଥିଲେ। ଅରବାଜ ତାଙ୍କର ନୂଆ ଫିଲ୍ମ 'ପଟନା ଶୁକ୍ଲା'ର ସୁଟିଂ ସମୟରେ ଶୌରାଙ୍କୁ ଭେଟିଥିଲେ। ଅଭିନେତା ପୂର୍ବରୁ ମଲାଇକା ଆରୋଡ଼ାଙ୍କୁ ବିବାହ କରିଥିଲେ। ମାର୍ଚ୍ଚ ୨୦୧୬ରେ ସେମାନେ ବିଚ୍ଛେଦ ଘୋଷଣା କରିଥିଲେ। ୨୦୧୭ ମେ ୧୧ ତାରିଖରେ ସେମାନଙ୍କର ଆନୁଷ୍ଠାନିକ ବିବାହ ବିଚ୍ଛେଦ ହୋଇଥିଲା। ୧୯ ବର୍ଷ ତଳେ ୧୯୯୮ ମସିହାରେ ସେମାନଙ୍କର ବିବାହ ହୋଇଥିଲା।

# ଟଲିଉଡରେ କମାଲ ଦେଖାଇଲେ କୋରାପୁଟ ଝିଅ ସୁମନ



**କୋରାପୁଟ(ଏନ୍.ଏମ୍.):** ଦେଶର ବିଭିନ୍ନ କ୍ଷେତ୍ରରେ ଏବେ ପ୍ରତିଷ୍ଠିତ ହୋଇ ପାରିଛନ୍ତି ଓଡ଼ିଆ। ଏବେ ଓଡ଼ିଆ ବୋଲି ନିଜକୁ ପରିଚୟ ଦେବାକୁ ଗର୍ବ ଅନୁଭବ ହେଉଛି। ଦେଶର ବିଭିନ୍ନ ପଦପଦବୀ ଠାରୁ ଆରମ୍ଭ କରି ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟ ଓଡ଼ିଆଙ୍କ ବେଶ ଦଖଲ ରହିଛି। ଏବେ ତେଲୁଗୁ ଫିଲ୍ମରେ କମାଲ ଦେଖାଇଲେ ଓଡ଼ିଆ ଝିଅ ସୁମନ ଖିଲ। କୋରାପୁଟର ଆଦିବାସୀ ଝିଅ ସୁମନଙ୍କୁ ନେଇ ସବୁଠି ଚର୍ଚ୍ଚା। ତାଙ୍କ ଅଭିନୀତ ପ୍ରଥମ ତେଲୁଗୁ ଫିଲ୍ମ 'ମଙ୍ଗଲବାରମ୍' ନିକଟରେ ୫ଟି ଭାଷାରେ ରିଲିଜ ହୋଇଛି। ଆଉ ସୁମନଙ୍କ ଅଭିନୟକୁ ସମସ୍ତେ ପ୍ରଶଂସା କରୁଛନ୍ତି। ସେମିଳିଗୁଡା ସହର ତଳ ସାହିରେ ରହୁଥିବା ସୁମନ ଫିଲ୍ମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସୁଟିଂ ସାରି ୬ ମାସ ପରେ ସେ ନିଜ ଘରକୁ ଫେରିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି ଲୋକେ। ସୁମନ ସେମିଳିଗୁଡାରୁ ଦଶମ ପଢ଼ିବା ପରେ ଏନଆଇଏଫଟିରୁ ଫ୍ୟାସନ୍ ଡିଜାଇନ ଓ ମଡେଲିଂ ଶିକ୍ଷା ଲାଭ କରିଛନ୍ତି। ଆଗକୁ ଜିଲ୍ଲାର ପିଲାଙ୍କୁ ତାଲିମ ଦେବା ସହ କୋରାପୁଟ ଅଞ୍ଚଳର ପ୍ରଚାର ପ୍ରସାର ଦିଗରେ କାମ କରିବେ ବୋଲି ସେ କହିଛନ୍ତି। ସୁମନ ଖିଲ କହିଛନ୍ତି, ୬ମାସ ପରେ ସୁଟିଂ ସାରି ଗାଁକୁ ଫେରିଛି। ଗାଁକୁ ଫେରିବା ପରେ ମୁଁ ସରପ୍ରାଇଜ ହୋଇ ଯାଇଥିଲି। ମୋ ଗାଁ ଲୋକ ଓ ମୋ ନିଜର ପରିବାର ଲୋକେ ବାଜା ବଜାଇ, ବାଣ ଫୁଟାଇ ମୋତେ ଫୁଲ ହାର ଦେଇ ଗାଁକୁ ପାଛୋଟି ଆଣିଥିଲେ। ଏପରି ମୋର ସ୍ୱାଗତ କରାଯିବ ବୋଲି ମୁଁ ଆଶା କରି ନଥିଲି। ମୁଁ ବହୁତ ଖୁସି ଅଛି। ମୁଁ ଫ୍ୟାସନ ଲାଇନରେ ଯିବା ପାଇଁ ମୋ ଛୋଟବେଳୁ ଇଚ୍ଛା ଥିଲା। ଓଡ଼ିଆରେ ଯଦି ମୋତେ ପସନ୍ଦ ହେଲା ଭଳି କ୍ୟାରେକ୍ଟର ମିଳିଲା, ତାହାହେଲେ ମୁଁ କରିବି। ହିନ୍ଦୀ ଫିଲ୍ମ ପାଇଁ କାମ ଚାଲିଛି। ଖୁବ୍ ଶୀଘ୍ର ରିଲିଜ ହେବ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର: ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ …ର ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ … ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ …ବ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: …ରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ …ବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ … କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି …କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ଶରୀରରେ କୋଲେଷ୍ଟ୍ରଲ୍ ବୃଦ୍ଧି ହେଲେ ଜାଣିବେ କିପରି ?

ଶରୀର ପାଇଁ କୋଲେଷ୍ଟ୍ରଲ ନିହାତି ଆବଶ୍ୟକ। କିନ୍ତୁ କୋଲେଷ୍ଟ୍ରଲ ବୃଦ୍ଧି କିମ୍ବା ହ୍ରାସ ହେଲେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। କୋଲେଷ୍ଟ୍ରଲ ବୃଦ୍ଧି ହୃଦଘାତ ଏବଂ ଷ୍ଟ୍ରୋକ ପରି ଗୁରୁତର ବିପଦ ଆଣିପାରେ। ତେଣୁ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିବା ନିହାତି ଜରୁରୀ। କୋଲେଷ୍ଟ୍ରେଲ ବୃଦ୍ଧିର ଲକ୍ଷଣ ଜାଣିପାରିଲେ ନିଶ୍ଚିତ ରୂପେ ସଠିକ୍ ସମୟରେ ଚିକିତ୍ସା କରିପାରିବେ। ଶରୀରରେ କୋଲେଷ୍ଟ୍ରଲ୍ ବୃଦ୍ଧିରେ କି କି ଲକ୍ଷଣ ଦେଖାଯାଏ...

**ଉଚ୍ଚ ରକ୍ତଚାପ-** ଅନିୟନ୍ତ୍ରିତ ଉଚ୍ଚ ରକ୍ତଚାପ ପ୍ରାୟତଃ କୋଲେଷ୍ଟ୍ରଲ ବୃଦ୍ଧିର ଲକ୍ଷଣ ହୋଇ ପାରେ। ଧମନୀରେ କୋଲେଷ୍ଟ୍ରଲ ଜମା ହେବା ଫଳରେ ରକ୍ତଚାପ ବୃଦ୍ଧିପାଏ। ଯଦି କ୍ରମାଗତ ଭାବରେ ରକ୍ତଚାପ ବୃଦ୍ଧି ପାଉଛି ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

**ନିଶ୍ୱାସ-ପ୍ରଶ୍ୱାସରେ ସମସ୍ୟା-** କୋଲେଷ୍ଟ୍ରଲ ବୃଦ୍ଧି କାରଣରୁ ହୃଦୟ କିମ୍ବା ଫୁସଫୁସରେ ରକ୍ତ ପ୍ରବାହ ହ୍ରାସପାଏ, ଫଳରେ ନିଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହୁଏ। ଯଦି ବିନା କୌଣସି ଶାରୀରିକ ପରିଶ୍ରମରେ ଧଇଁସଇଁ ହୋଇ ଯାଉଛନ୍ତି, ଥକା ଲାଗୁଛି କିମ୍ବା ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କରୁଛନ୍ତି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

**ଛାତି ଯନ୍ତ୍ରଣା-** ଛାତି ଯନ୍ତ୍ରଣା କିମ୍ବା ଅସ୍ୱାଭାବିକତା ଉଚ୍ଚ କୋଲେଷ୍ଟ୍ରୋଲର ଅନ୍ୟ ଏକ ଲକ୍ଷଣ ହୋଇପାରେ। ପ୍ଲେକ୍ ବିଲ୍ଡ-ଅପ୍ କାରଣରୁ ଧମନୀ ଅବରୋଧ ହୋଇଯାଏ, ଏହା ହୃଦୟରେ ରକ୍ତ ପ୍ରବାହକୁ ପ୍ରତିବନ୍ଧିତ କରେ। ହାର୍ଟକୁ ରକ୍ତ ସଞ୍ଚାଳନ ହୋଇ ନପାରିଲେ ଛାତିରେ ଯନ୍ତ୍ରଣା ହୁଏ।

**ଥକ୍କା ଏବଂ ଦୁର୍ବଳତା-** କ୍ରମାଗତ ଥକ୍କା ଏବଂ ଦୁର୍ବଳତା ଉଚ୍ଚ କୋଲେଷ୍ଟ୍ରଲର ସଙ୍କେତ ହୋଇପାରେ। ଯେତେବେଳେ ଧମନୀଗୁଡ଼ିକ ପ୍ଲେକ୍ ସହିତ ଜମା ହୋଇଯାଏ, ସେତେବେଳେ ବିଭିନ୍ନ ଅଙ୍ଗ ଏବଂ ମାଂସପେଶୀରେ ରକ୍ତ ପ୍ରବାହ ଏବଂ ଅମ୍ଳଜାନ ବିତରଣକୁ ସୀମିତ ହୋଇଯାଏ। ଫଳରେ ଥକ୍କା ଲାଗିବା ସହ ଶକ୍ତି ହ୍ରାସ ପାଏ। ଦୁର୍ବଳ ଦୁର୍ବଳ ଅନୁଭବ ହୁଏ।

**ଝିମଝିମ୍ ଲାଗିବା-** କୋଲେଷ୍ଟ୍ରଲ ବୃଦ୍ଧି କାରଣରୁ ରକ୍ତ ପ୍ରବାହ ସଠିକ୍ ଭାବରେ ହୁଏ ନାହିଁ। ଫଳରେ ଝିମଝିମ୍ ହୁଏ। ହାତ କିମ୍ବା ଗୋଡରେ ବାରମ୍ବାର ଝିମଝିମ୍ ସମସ୍ୟା ଲାଗି ରହୁଥିଲେ ଡାକ୍ତରଙ୍କୁ ପରାମର୍ଶ ନିଅନ୍ତୁ।

### ମା'ରାଣ ଦେହକୁ ନେବେନି...



ବଡଦିନ ଭାରି ଭିଡରେ ମାନସ
ଉଡ଼ାଅନା ବେଶି ବାନା...
ପୁରୁଣାକୋରନା ମୁଣ୍ଡଟେକିଲାଣି
କଣେଇକି ଟିକେ ଅନା...
ବାନ୍ଧୁଅଛି ଭିଡ଼େ ଦାନା...
ମାକସ ପାଖରେ ରଖିଥା ନହେଲେ
ବୁଲେଇବ କଳାକନା...

- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

# ପନିର ଆଳୁ କବାବ



ଶୀତ ଦିନିଆ ସନ୍ଧ୍ୟାରେ ଚା' କପେ ସହ କିଛି ଗରମାଗରମ, ଚଟପଟା ଖାଇବାକୁ ମିଳିଗଲେ, ତାହାର ମଜା ନିଆରା। ତେଣୁ ଫଟାଫଟ ପ୍ରସ୍ତୁତ ହୋଇ ପାରୁଥିବା ଏକ ରେସିପି ସନ୍ଧ୍ୟା ଟି ଟାଇମ୍ ସ୍ନାକ୍ସ ଭାବେ ପ୍ରସ୍ତୁତ କରିବା। ଏହି ରେସିପି ହେଉଛି ପନିର ଆଳୁ କବାବ।

**ଆବଶ୍ୟକ ସାମଗ୍ରୀ:** ଆଳୁ, ପନିର, ଲୁଣ, ଜୁଆଣି, କଟା ପିଆଜ, ଅଦା, ରସୁଣ, କଟା କଞ୍ଚା ଲଙ୍କା, ସେଜୱାନ ସସ୍, କର୍ନଫ୍ଲୋର, ଧନିଆ ପତ୍ର, ଅଦା, ରସୁଣ,ଗାଜର, କ୍ୟାପସିକମ।

**ପ୍ରସ୍ତୁତି ପ୍ରଣାଳୀ:** ଆଳୁ ପନିର କବାବ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ପାତ୍ରରେ ପନିର ଓ ସିଝା ଆଳୁକୁ ନେଇ ଚକଟି ଦିଅନ୍ତୁ। ଏବେ ସେଥିରେ କଟା ହୋଇଥିବା ପିଆଜ, ଲୁଣ, କଟା କଞ୍ଚା ଲଙ୍କା, ଜୁଆଣି ଏବଂ ସେଜୱାନ ସସ୍, ଧନିଆ ପତ୍ର, ଛୋଟ ଛୋଟ କଟା ହୋଇଥିବା ଗାଜର, କ୍ୟାପସିକମ୍ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ସେଥିରେ କିଛି ଅଦା, ରସୁଣ ପକାଇ ମିଶାଇ ଦିଅନ୍ତୁ। ଏହାକୁ ଛୋଟ ଛୋଟ ଟିକ୍କି ପରି ଗୁଳା କରି ଦିଅନ୍ତୁ। ଏବେ କର୍ନ ଫ୍ଲୋର ଘୋଳରେ କବାବ୍କୁ ବୁଡାଇ ତେଲରେ ଛାଣିଦିଅନ୍ତୁ। ଏବେ ସସ୍ ସହିତ ଗରମାଗରମ ପରଷନ୍ତୁ ଆଳୁ ପନିର କବାବ୍।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




# ମୋଦୀଙ୍କ ଫଟୋ ସେୟାର, ଆରଏସଏସକୁ ପ୍ରଶଂସା କଲେ ଦିଗବିଜୟ ସିଂହ



**ନୂଆଦିଲ୍ଲୀ(ଏନ୍.ଏମ୍.) :** ବରିଷ୍ଠ କଂଗ୍ରେସ ନେତା ଦିଗବିଜୟ ସିଂହଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟ ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିଛି । ସେ ୧୯୯୦ ଦଶକର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଫଟୋ ସେୟାର କରିଛନ୍ତି । ଫଟୋ ସହିତ ସେ ବିଜେପି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଶଂସା କରିଛନ୍ତି । ଏହା ବ୍ୟତୀତ, ସେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖଡଗେଙ୍କୁ ଟ୍ୟାଗ୍ କରିଛନ୍ତି । ପୋଷ୍ଟଟି କଂଗ୍ରେସ ଦଳର ହାଇକମାଣ୍ଡଙ୍କ ପାଇଁ ଏକ ବାର୍ତ୍ତା ପରି ମନେ ହେଉଛି । ଦିଗବିଜୟ ସିଂହ ଦ୍ୱାରାରୁ ଏକ ସ୍କ୍ରିନସଟ୍ ସେୟାର କରିଛନ୍ତି । ଏଥିରେ, ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ଗୁଜରାଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାର ଦେଖାଯାଉଛି । ନରେନ୍ଦ୍ର ମୋଦୀ ଆଡଭାନୀଙ୍କ ପାଖରେ ତଳେ ବସିଥିବାର ଦେଖାଯାଉଛି । ତାଙ୍କୁ ଉଲ୍ଲେଖ କରି ଦିଗବିଜୟ ସିଂହ ପ୍ରଶଂସା କରିଛନ୍ତି ଯେ କିପରି ଜଣେ ତୃଣମୂଳ ସ୍ତରର କର୍ମୀ ଯିଏ ଥରେ ତଳେ ବସିଥିଲେ ସେ ପ୍ରଥମେ ମୁଖ୍ୟମନ୍ତ୍ରୀ ଏବଂ ପରେ ପ୍ରଧାନମନ୍ତ୍ରୀ ହୋଇଥିଲେ । ଦିଗବିଜୟ ସିଂହ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, "ମୁଁ ଏହି ଫଟୋଟି କ୍ୱାରାରେ ପାଇଲି । ଏହା ବହୁତ ପ୍ରଭାବଶାଳୀ । କିପରି ଜଣେ ତୃଣମୂଳସ୍ତରୀୟ ଆରଏସଏସ ସ୍ୱୟଂସେବକ ଏବଂ ଜନସଂଘର ଜଣେ ବିଜେପି କର୍ମୀ, ନେତାଙ୍କ ପାଦତଳେ ବସି ଏକ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ପରେ ଦେଶର ପ୍ରଧାନମନ୍ତ୍ରୀ ହେଲେ । ଏହା ହେଉଛି ସଂଗଠନର ଶକ୍ତି । ଜୟ ସିଆ ରାମ ।" ସୂଚନା ଅନୁଯାୟୀ ଏହି ଫଟୋଟି ପୂର୍ବତନ ଗୁଜରାଟ ମୁଖ୍ୟମନ୍ତ୍ରୀ ଶଙ୍କରସିଂହ ବାଘେଲାଙ୍କ ଶପଥ ଗ୍ରହଣ ସମାରୋହ ସମୟରେ ଉଠାଯାଇଥିଲା, ଯେଉଁଥିରେ ସେତେବେଳର ବରିଷ୍ଠ ବିଜେପି ନେତାମାନେ ଯୋଗ ଦେଇଥିଲେ । ଏହି ପୋଷ୍ଟରେ କଂଗ୍ରେସ, ମଧ୍ୟପ୍ରଦେଶ କଂଗ୍ରେସ, ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ଜୟରାମ ରମେଶ ଏବଂ ନରେନ୍ଦ୍ର ମୋଦିଙ୍କୁ ଟ୍ୟାଗ୍ କରାଯାଇଥିଲା । ଏହାକୁ କଂଗ୍ରେସ ହାଇକମାଣ୍ଡଙ୍କ ପ୍ରତି ତାଙ୍କର ବାର୍ତ୍ତା ଭାବରେ ଦେଖାଯାଉଛି । ଦିଗବିଜୟ ସିଂହଙ୍କ ଏକ୍ସ-ପୋଷ୍ଟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଉପରେ ବିଜେପି କଟାକ୍ଷ କରିଛି । ବିଜେପି ମୁଖପାତ୍ର ସି.ଆର. କେଶବନ କହିଛନ୍ତି ଯେ ଏହି ପୋଷ୍ଟ କଂଗ୍ରେସ ନେତୃତ୍ୱର "ଏକଚ୍ଛତ୍ରବାଦୀ ଏବଂ ଅଗଣତାନ୍ତ୍ରିକ" ମନୋଭାବକୁ ପ୍ରକାଶ କରିଛି । ସେ ଏକ୍ସ-ପୋଷ୍ଟରେ ଲେଖିଛନ୍ତି, "ରାହୁଲ ଗାନ୍ଧୀ କଣ ସାହସ ଦେଖାଇ ଦିଗବିଜୟ ସିଂହଙ୍କ ସତ୍ୟ ପ୍ରକାଶନ ପୋଷ୍ଟର ଜବାବ ଦେବେ ? ଏହି ପୋଷ୍ଟ ସ୍ପଷ୍ଟ ଭାବରେ ପ୍ରକାଶ କରୁଛି ଯେ କଂଗ୍ରେସର ପ୍ରଥମ ପରିବାର କିପରି ଏକଛତ୍ରବାଦୀ ଉପାୟରେ ଦଳକୁ ପରିଚାଳନା କରୁଛନ୍ତି ଏବଂ ଏହି କଂଗ୍ରେସ ନେତୃତ୍ୱ କେତେ ଏକଛତ୍ରବାଦୀ ଏବଂ ଅଗଣତାନ୍ତ୍ରିକ ?"

**ସଂଧ୍ୟା ଥିଏଟରରେ ପୁଷ୍ପା-୨ ଦଳାଚକଟା ମାମଲା**

# ୧୧ ନମ୍ବର ଅଭିଯୁକ୍ତ ଅଲ୍ଲୁ ଅର୍ଜୁନ



**ନୂଆଦିଲ୍ଲୀ (ଏଜେନ୍ସି):** ନୂଆଦିଲ୍ଲୀ 'ପୁଷ୍ପା-୨' ଚଳଚ୍ଚିତ୍ରର ସ୍ପେଶାଲ ସ୍କ୍ରିନିଂ ସମୟରେ ହୋଇଥିବା ଦଳାଚକଟା ମାମଲାରେ ହାଇଦ୍ରାବାଦ ପୁଲିସ ଚାର୍ଜସିଟ୍ ଦାଖଲ କରିଛି । ପୁଲିସ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ସମେତ ସମୁଦାୟ ୨୩ ଜଣଙ୍କୁ ଅଭିଯୁକ୍ତ କରିଛି । ଚିକ୍କଡପଲ୍ଲୀ ପୁଲିସ ଦ୍ୱାରା ଦାଖଲ କରାଯାଇଥିବା ଏହି ଚାର୍ଜସିଟ୍‌ରେ ଅଲ୍ଲୁ ଅର୍ଜୁନଙ୍କୁ ଏ-୧୧ ଭାବେ ନାମିତ କରାଯାଇଛି । ଏଥିସହ ସନ୍ଧ୍ୟା ଥିଏଟରର ମାଲିକ (ଏ-୧), ଥିଏଟର ପରିଚାଳନା କମିଟି, ଅଲ୍ଲୁ ଅର୍ଜୁନଙ୍କ ମ୍ୟାନେଜର, ବ୍ୟକ୍ତିଗତ କର୍ମଚାରୀ ଏବଂ ୮ ଜଣ ବାଉନ୍ସରଙ୍କ ନାମ ମଧ୍ୟ ଏଥିରେ ରହିଛି । ପୁଲିସ ଏହି ଚାର୍ଜସିଟ୍‌ରେ ଦର୍ଶାଇଛି ଯେ ସନ୍ଧ୍ୟା ଥିଏଟର ପରିଚାଳନା କମିଟିର ଅବହେଳା ଯୋଗୁଁ ଏହି ଦଳାଚକଟା ଘଟିଛି । ଅଲ୍ଲୁ ଅର୍ଜୁନଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ଼ ହେବ ବୋଲି ଜାଣି ମଧ୍ୟ ଥିଏଟର କର୍ତ୍ତୃପକ୍ଷ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିନଥିଲେ । ଥିଏଟର ମାଲିକଙ୍କ ବିରୋଧରେ ଆଇପିସି ଧାରା ୩୦୪-ଏ ଅଧୀନରେ ଅଭିଯୋଗ ଅଣାଯାଇଛି । ତଦନ୍ତକାରୀଙ୍କ ଅନୁଯାୟୀ, ଭିଡ଼ର ଆଶଙ୍କା ଥାଇ ମଧ୍ୟ ଅଲ୍ଲୁ ଅର୍ଜୁନ ଥିଏଟରକୁ ଯାଇଥିବାରୁ ତାଙ୍କୁ ଜଣେ ଅଭିଯୁକ୍ତ ଭାବେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ନାବାଳକ ପୁଅ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶ ଥାଉ କି, ୪ ଡିସେମ୍ବର ୨୦୨୪ରେ ହାଇଦ୍ରାବାଦର ଆରଟିସି ଏକ୍ସ ରୋଡ୍‌ସ୍ଥିତ ସନ୍ଧ୍ୟା ଥିଏଟରରେ ପ୍ରିମିୟର ସ୍କ୍ରିନିଂ ସମୟରେ ଅଲ୍ଲୁ ଅର୍ଜୁନଙ୍କ ଝଲକ ପାଇବା ପାଇଁ ପ୍ରବଳ ଭିଡ଼ ଜମିଥିଲା । ଏହି କାରଣରୁ ସେଠାରେ ଦଳାଚକଟା ହୋଇଥିଲା, ଯେଉଁଥିରେ ୩୫ ବର୍ଷୀୟା ମହିଳା ରେବତୀଙ୍କ ମୃତ୍ୟୁ ଘଟିଥିଲା ଏବଂ ତାଙ୍କ ନାବାଳକ ପୁଅ ଶ୍ରୀତେଜଙ୍କ ଶରୀରରେ ଅମ୍ଳଜାନ ଅଭାବରୁ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଦୁଃଖଦ ଘଟଣା ଚରମ ଅବହେଳା ଏବଂ ସୁରକ୍ଷା ନିୟମ ପାଳନ ନକରିବା ଯୋଗୁଁ ଘଟିଛି । ୨୩ ଜଣ ଅଭିଯୁକ୍ତଙ୍କ ତାଲିକାରେ ଅଲ୍ଲୁ ଅର୍ଜୁନଙ୍କ ବ୍ୟକ୍ତିଗତ ମ୍ୟାନେଜର, ତାଙ୍କ କର୍ମଚାରୀ ଏବଂ ୮ ଜଣ ଘରୋଇ ବାଉନ୍ସର ମଧ୍ୟ ଅଛନ୍ତି, ଯେଉଁମାନଙ୍କ କାର୍ଯ୍ୟକଳାପ ସେଠାରେ ଅରାଜକତା ବଢ଼ାଇଥିଲା ବୋଲି ଅଭିଯୋଗ ହୋଇଛି । ପୁଲିସ ରିପୋର୍ଟ ଅନୁଯାୟୀ, ଭିଆଇପି ଅତିଥିଙ୍କ ପାଇଁ ଅଲଗା ପ୍ରବେଶ ଓ ପ୍ରସ୍ଥାନ ପଥ କରାଯାଇନଥିଲା । ଏପରିକି ସୁରକ୍ଷା ଦୃଷ୍ଟିରୁ ପୁଲିସ ଅଭିନେତାଙ୍କ ଉପସ୍ଥିତି ପାଇଁ ଅନୁମତି ଦେଇନଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି । ଥିଏଟର ମାଲିକଙ୍କ ବିରୋଧରେ ଆଇପିସି ଧାରା ୩୦୪-ଏ ସହିତ ଭାରତୀୟ ନ୍ୟାୟ ସଂହିତାର ଅନ୍ୟାନ୍ୟ ଧାରାରେ ମଧ୍ୟ ମାମଲା ରୁଜୁ କରାଯାଇଛି ।

# ଭାରତରେ ନୁହେଁ ସାରା ବିଶ୍ୱରେ ବଢୁଛି ସୁନା ଦର



**ନୂଆଦିଲ୍ଲୀ (ଏଜେନ୍ସି) :** ଯେଉଁମାନେ ଏବେ ସୁନା କିଣୁ ନାହାଁନ୍ତି, ଭାବୁଛନ୍ତି କିଛି ଦିନ ପରେ କମିଯିବ ସେବେ କିଣିବେ, ତେବେ ଏହା ଭୁଲ ଭାବୁଛନ୍ତି । ପରବର୍ତ୍ତୀ ଦିନଗୁଡିକରେ ସେମାନେ ଅଧିକ ଦରରେ ସୁନା କିଣିପାରନ୍ତି । ଦିଲ୍ଲୀରେ ଆଜି ୨୪କ୍ୟାରେଟ ସୁନାର ମୂଲ୍ୟ ୧୦ଗ୍ରାମ ପ୍ରତି ୧,୪୧,୯୯୦ରେ ପହଞ୍ଚିଛି । ୨୨କ୍ୟାରେଟର ମୂଲ୍ୟ ୧,୨୯,୬୦୦ ରହିଛି । ପ୍ରତିଦିନ ସୁନାର ମୂଲ୍ୟ ବୃଦ୍ଧି ହେଉଥିବାରୁ ସୁନା ପ୍ରେମୀମାନେ ବେଶ ଚିନ୍ତିତ ଅଛନ୍ତି । ଆଜି ଭୁବନେଶ୍ୱରରେ ୨୪କ୍ୟାରେଟ ସୁନାର ମୂଲ୍ୟ ୧୦ଗ୍ରାମ୍ ପିଛା ୧,୪୧,୨୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟର ମୂଲ୍ୟ ହେଉଛି ୧,୨୯,୪୫୦ଟଙ୍କା । ସୁନା ଏତେ ମହଙ୍ଗା କାହିଁକି ହେଉଛି, ଏବଂ ଏହି ଉଚ୍ଚ ମୂଲ୍ୟର ମୁକାବିଲା ପାଇଁ ଲୋକମାନେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତବର୍ଷ ଡିସେମ୍ବରରେ ୧୦ଗ୍ରାମ୍ ସୁନାର ମୂଲ୍ୟ ୭୮ହଜାର ୯୫୦ଟଙ୍କା ରହିଥିବା ବେଳେ ଏଥର ଏହା ୧,୪୨,୩୦୦ ହେଲାଣି । ଯାହାକି ଏକ ନୂତନ ରେକର୍ଡ ସୃଷ୍ଟି କରିଛି । ଏହା ଅର୍ଥ ବର୍ଷକରେ ସୁନାର ମୂଲ୍ୟ ୬୩,୩୫୦ ଅର୍ଥାତ ୮୦.୨୪ ପ୍ରତିଶତ ମହଙ୍ଗା ହୋଇଛି ।

# କାନାଡାରେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା



**କାନଡ଼ା (ଏଜେନ୍ସି) :** କାନାଡା ଟୋରଣ୍ଟୋ ସ୍କାରବୋରୋ ବିଶ୍ୱବିଦ୍ୟାଳୟରେ ଜଣେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା କରାଯାଇଛି । ପୀଡ଼ିତ ଜଣଙ୍କ ହେଉଛନ୍ତି ୨୦ବର୍ଷୀୟ ଡକ୍ଟରେଟ୍ ଛାତ୍ର "ଶିବାଙ୍କ ଅବସ୍ଥି" । ପୁଲିସ ଘଟଣାରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ କରୁଛି । କାନାଡିୟ ଗଣମାଧ୍ୟମ ଅନୁସାରେ ଗତ ମଙ୍ଗଳବାର ଏହି ଗୁଳିକାଣ୍ଡ ଘଟିଥିଲା । ବୁଧବାର ଟୋରଣ୍ଟୋ ପୁଲିସ ପୀଡିତ ଶିବାଙ୍କ ଅବସ୍ଥିଙ୍କୁ ଚିହ୍ନଟ କରି ତଦନ୍ତ ଆରମ୍ଭ କରିଛି । କାନାଡିୟ ପୁଲିସ ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନ ପ୍ରାୟ ୩:୩୦ସମୟରେ ବିଶ୍ୱବିଦ୍ୟାଳୟ ପରିସର ନିକଟରେ ଆହତ ବ୍ୟକ୍ତି ତଳେ ପଡ଼ିଥିବାର ସୂଚନା ପାଇଥିଲେ । ପୁଲିସ ଅଧିକାରୀମାନେ ପହଞ୍ଚିବା ପରେ ସେମାନେ ଜଣେ ଛାତ୍ରଙ୍କୁ ଗୁଳି ବାଜିଥିବା ଦେଖିଥିଲେ । ଘଟଣାସ୍ଥଳରେ ହିଁ ଛାତ୍ରଙ୍କୁ ମୃତ ଘୋଷଣା କରାଯାଇଥିଲା । ଟୋରଣ୍ଟୋ ପୁଲିସ କହିଛି ଯେ, ପୁଲିସ ପହଞ୍ଚିବା ପୂର୍ବରୁ ସନ୍ଦିଗ୍ଧ ବ୍ୟକ୍ତି ଅଞ୍ଚଳରୁ ପଳାଇ ଯାଇଥିଲା । ତେବେ ବିଶ୍ୱବିଦ୍ୟାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ପରିସର ନିକଟରେ ମୃତ୍ୟୁ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ । କିନ୍ତୁ ସେ ଜଣେ ଛାତ୍ର କି ନାହିଁ ତାହା ସ୍ପଷ୍ଟ କରିନାହାନ୍ତି । ମୁଖପାତ୍ର କହିଛନ୍ତି, ଆମେ ବର୍ତ୍ତମାନ ପୀଡିତାଙ୍କ ପରିଚୟ ଉପରେ ମତାମତ ଦେଇପାରିବୁ ନାହିଁ । ଆମେ ଆମର କ୍ୟାମ୍ପସ୍ ସୁରକ୍ଷା ଦଳ, ଟୋରଣ୍ଟୋ ପୁଲିସ ସେବା ଏବଂ ଜରୁରୀକାଳୀନ ଚିକିତ୍ସା ସେବା କର୍ମଚାରୀଙ୍କ ତୁରନ୍ତ ପ୍ରତିକ୍ରିୟା ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ କୃତଜ୍ଞ ।

## ଆଇନ ଅଦାଲତ

# ଆରାବଲ୍ଲୀ ମାମଲାର ସୁପ୍ରିମକୋର୍ଟରେ ଶୁଣାଣି : ନିଜ ରାୟ ଉପରେ ରହିତାଦେଶ



**ନୂଆଦିଲ୍ଲୀ(ଏଜେନ୍ସି) :** ଆରାବଲ୍ଲୀ ମାମଲାରେ ସୁପ୍ରିମକୋର୍ଟଙ୍କ ବଡ ହସ୍ତକ୍ଷେପ । ନଭେମ୍ବର ୨୦ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ନିଜ ରାୟ ଉପରେ ରହିତାଦେଶ ଜାରି କରିଛନ୍ତି । ଏହାସହିତ କେନ୍ଦ୍ର ସରକାର, ଦିଲ୍ଲୀ, ରାଜସ୍ଥାନ, ହରିୟାଣା ଏବଂ ଗୁଜୁରାଟ ସରକାରଙ୍କୁ ନୋଟିସ୍ ମଧ୍ୟ ଜାରି କରିଛନ୍ତି । କମିଟିର ସୁପାରିଶକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଜାନୁଆରୀ ୨୧ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରିବେ ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ଖଣ୍ଡପୀଠରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିଚାରପତି ଜେ.କେ. ମାହେଶ୍ୱରୀ ଏବଂ ବିଚାରପତି ଏଜି ମାସିହ ସାମିଲ ଥିଲେ । ଶୁଣାଣି ସମୟରେ, ସୁପ୍ରିମକୋର୍ଟ ସରକାରଙ୍କୁ ଅନେକ ପ୍ରଶ୍ନ ମଧ୍ୟ ପଚାରିଥିଲେ । ଆରାବଲ୍ଲୀ ଅଞ୍ଚଳରେ ଖଣି ଖନନ ବନ୍ଦ ହେବ ନା ଜାରି ରହିବ ତାହା ସ୍ପଷ୍ଟ ଭାବରେ କହିବାକୁ ସରକାରଙ୍କୁ କହିଥିଲେ । ନଭେମ୍ବର ମାସରେ, ସୁପ୍ରିମକୋର୍ଟ ଏକ କମିଟିର ସୁପାରିଶକୁ ଅନୁମୋଦନ କରିଥିଲେ ଯେ କେବଳ ୧୦୦ ମିଟରରୁ ଅଧିକ ଉଚ୍ଚ ପର୍ବତଗୁଡ଼ିକୁ ଆରାବଲ୍ଲୀ ଭାବରେ ବିବେଚନା କରାଯିବ । ଏହା ଆରାବଲ୍ଲୀର ୯୦% ଅଞ୍ଚଳକୁ ଆଇନଗତ ସୁରକ୍ଷାରୁ ବାଦ ଦେବ । ଯଦିଓ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ, ନୂତନ ପରିଭାଷା ପର୍ବତମାଳାକୁ କୌଣସି ବିପଦ ସୃଷ୍ଟି କରିବ ନାହିଁ, ତଥାପି ନୂତନ ପରିଭାଷାକୁ ବିରୋଧ କରାଯାଉଛି । ଏହି ପ୍ରସଙ୍ଗକୁ ନେଇ ରାଜସ୍ଥାନ ସମେତ ଅନେକ ସ୍ଥାନରେ ପ୍ରତିବାଦ ପ୍ରଦର୍ଶନ କରାଯାଉଛି । ପ୍ରତିବାଦକାରୀମାନେ କହିଛନ୍ତି ଯେ ଏହା ଆରାବଲ୍ଲୀ ଅଞ୍ଚଳରେ ଖଣି ଏବଂ ଅବୈଧ ନିର୍ମାଣକୁ ଆହୁରି ବୃଦ୍ଧି କରିବ । ବଢୁଥିବା ବିବାଦକୁ ଦେଖି ସୁପ୍ରିମକୋର୍ଟ ଏହି ମାମଲାର ସ୍ୱତଃସ୍ପୃତ ବିଚାର କରିଥିଲେ ।

# ଜାହାଜ ଆରେଷ୍ଟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ(ଏନ୍.ଏମ୍.) :** ବ୍ୟବସାୟିକ ବିବାଦକୁ ନେଇ ଜଲ୍ପି ଓଭରସିଜ୍ ପିଟିଇ ଲିମିଟେଡ୍ ପକ୍ଷରୁ ଦାୟର ଆବେଦନର ହାଇକୋର୍ଟ ଶୁଣାଣି କରି ପାରାଦୀପ ବନ୍ଦରରେ ଏମ୍ଭି ଦି' ପାଟ୍ରୋନ୍ (ଆଇଏମଓ ୯୪୮୧୪୩୯) ଜାହାଜକୁ ଗିରଫ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଆବେଦନକାରୀ ସଂସ୍ଥାର ଅନ୍ତରୀଣ ଆବେଦନର ଶୁଣାଣି କରିଥିଲେ । ୨୦୨୬, ଜାନୁଆରି ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଜାହାଜଟି ଖୁବ୍‌ଶୀଘ୍ର ପାରାଦୀପ ବନ୍ଦର ଛାଡ଼ି ଚାଲି ଯାଇପାରେ ବୋଲି ଆବେଦନକାରୀ ଦର୍ଶାଇବା ସହିତ ମାମଲାର ଜରୁରୀ ଶୁଣାଣି ପାଇଁ ନିବେଦନ କରିଥିଲେ । ଯଦି ପାରାଦୀପ ବନ୍ଦରରୁ ଜାହାଜ ଅନ୍ୟତ୍ର ଚାଲିଯାଏ ତେବେ ଏହି ମାମଲା ଅପ୍ରାସଙ୍ଗିକ ହୋଇଯିବ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା । ପ୍ରକାଶଥାଉକି, ଏମ୍ଭି ଦି' ପାଟ୍ରୋନ୍ ବିରୋଧରେ ୨୦୨,୦୦୦ ଆମେରିକୀୟ ଡଲାର ଅର୍ଥ ଦାବି କରି ଆବେଦନକାରୀ ସଂସ୍ଥା ହାଇକୋର୍ଟରେ ଏହି ମାମଲା ଦାୟର କରିଛି ।

# ହାଇକୋର୍ଟରେ ଶୀତ ଅବକାଶ : ଜାନୁଆରୀ ୫ରେ ଖୋଲିବ, ଡିସେମ୍ବର ୩୦ରେ ଅବକାଶକାଳୀନ କୋର୍ଟ

**କଟକ (ଏନ୍.ଏମ୍.) :** ଓଡିଶା ହାଇକୋର୍ଟରେ ଡିସେମ୍ବର ୨୫ ଗୁରୁବାର ଠାରୁ ଶୀତ ଅବକାଶ ଆରମ୍ଭ ହେବ । ଆଜି ୨୦୨୬, ଜାନୁଆରି ୨କୁ ହାଇକୋର୍ଟ ପକ୍ଷରୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି । ଫଳରେ ଶୀତ ଅବକାଶ ପରେ ୨୦୨୬, ଜାନୁଆରି ୫ରେ ହାଇକୋର୍ଟ ଖୋଲିବ । ଶୀତ ଅବକାଶ ସମୟରେ ଡିସେମ୍ବର ୩୦ରେ ଅବକାଶକାଳୀନ କୋର୍ଟ ବସିବେ । ଡିସେମ୍ବର ୩୦ରେ ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଏମ.ଏସ.ରମଣ ଦୁଇ ଜଣିଆ ଓ ପରେ ଜଣିକିଆ ଖଣ୍ଡପୀଠରେ ବସି ଜରୁରୀ ମାମଲା ଶୁଣାଣି କରିବେ । ସେହିଭଳି ଭାବେ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଜଣିକିଆ ଖଣ୍ଡପୀଠରେ ବସି ଜରୁରୀ ମାମଲା ଗୁଡ଼ିକର ଶୁଣାଣି କରିବେ । ଶୀତ ଅବକାଶ ସମୟରେ ଡିସେମ୍ବର ୨୬, ୨୭, ୨୯, ୩୦ ଓ ୩୧ରେ ହାଇକୋର୍ଟ କାର୍ଯ୍ୟାଳୟ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖୋଲା ରହିବ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୨୦୨୬, ଜାନୁଆରି ୨ ତାରିଖ ଶୁକ୍ରବାରକୁ ଛୁଟି ଘୋଷଣା ପାଇଁ ହାଇକୋର୍ଟ ବାର୍ ଆସୋସିଏସନ ତରଫରୁ ଅନୁରୋଧ କରାଯାଇଥିଲା । ଏହାପରେ ଜାନୁଆରି ୨ ତାରିଖକୁ ଛୁଟି ଦିବସ ଭାବେ ଆଜି ହାଇକୋର୍ଟ ପକ୍ଷରୁ ଘୋଷଣା କରାଯାଇଛି । ବଦଳରେ ମାର୍ଚ୍ଚ ୭ ତାରିଖ ଶନିବାରକୁ ହାଇକୋର୍ଟ ପାଇଁ କାର୍ଯ୍ୟଦିବସ ଭାବେ ଘୋଷଣା କରାଯାଇଛି । ଏ ନେଇ ହାଇକୋର୍ଟ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ହାଇକୋର୍ଟ ବାର୍ ଆସୋସିଏସନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଏ ନେଇ ସୂଚନା ଦେଇଛନ୍ତି ।

# ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ବିଲ୍‌କୁ ଚ୍ୟାଲେଞ୍ଜ : ହାଇକୋର୍ଟରେ ମାମଲା ଖାରଜ

**କଟକ(ଏନ୍.ଏମ୍.) :** ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗକୁ ବିରୋଧ କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ବେଳେ ଜନସ୍ୱାର୍ଥ ଆବେଦନର ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠିଥିଲା । ସରକାରଙ୍କ ତରଫରୁ ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଦର୍ଶାଇଥିଲେ ଯେ ବିଧାନସଭାରେ ପାରିତ ହୋଇଥିବା ବିଲ୍‌କୁ ଏହି ଆବେଦନରେ ଚ୍ୟାଲେଞ୍ଜ କରାଯାଇଛି । ବିଧାନସଭାରେ ପାରିତ ବିଲ୍ ରାଜ୍ୟପାଳଙ୍କ ସ୍ୱୀକୃତି ପାଇବା ପରେ ଆଇନରେ ପରିଣତ ହୋଇଥାଏ । ଏହି କ୍ଷେତ୍ରରେ ବିଧାନସଭାରେ ପାରିତ ବିଲ୍‌କୁ ବିରୋଧ କରି ମାମଲା ଦାୟର କରାଯାଇଥିବାରୁ ଏହା ଗ୍ରହଣୀୟ ନୁହେଁ । ଅପରିପକ୍ୱ ସ୍ଥିତିରେ ଏ ସଂପର୍କିତ ଆବେଦନ ଦାୟର କରାଯାଇଥିବାରୁ ଏହାକୁ ଖାରଜ କରାଯାଉ ବୋଲି ଆଡଭୋକେଟ୍ ଜେନେରାଲ୍ ଦର୍ଶାଇଥିଲେ । ଏଥି ସହିତ ଏଭଳି ଯୁକ୍ତି ସପକ୍ଷରେ ସୁପ୍ରିମକୋର୍ଟ ଓ ଆହ୍ଲାବାଦ ହାଇକୋର୍ଟଙ୍କ ରାୟର ନଜିର ଆଡଭୋକେଟ୍ ଜେନେରାଲ୍ ଉପସ୍ଥାପନ କରିଥିଲେ । ଏହାପରେ ହାଇକୋର୍ଟ ଏ ସଂପର୍କିତ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଥିଲେ । ଏଥି ସହିତ ଆଇନଜୀବୀ କବିତା ପାତ୍ରଙ୍କ ତରଫରୁ ଦାୟର ଜନସ୍ୱାର୍ଥ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ । ସରକାରଙ୍କ ତରଫରୁ ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟଙ୍କୁ ଏଜିଏ ଦେବାଶିଷ ତ୍ରିପାଠୀ, ଏଏସ୍ସି ଐଶ୍ୱର୍ଯ୍ୟା ଦାଶ ସହାୟତା କରୁଥିବା ବେଳେ ବିଧାନସଭା ବାଚସ୍ପତିଙ୍କ ପକ୍ଷରୁ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ମାମଲା ପରିଚାଳନା କରୁଥିଲେ ।

# ମୁକ୍ତାକାଶ ଆଶ୍ରମରୁ କଏଦୀ ଫେରାର ମାମଲା : ହାଇକୋର୍ଟଙ୍କ ଅସନ୍ତୋଷ, ଜେଲ୍ ଡିଜିଙ୍କୁ ସାନି ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**କଟକ(ଏନ୍.ଏମ୍.) :** ଖୋର୍ଦ୍ଧା ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ(କାରାଗାର)ରୁ ୧୭ଜଣ ଅନ୍ତେବାସୀ (ଆଜୀବନ କାରାଦଣ୍ଡ ପାଇଥିବା କଏଦୀ) ଖସି ପଳାଇବା ଘଟଣାରେ ଜେଲ୍ ଡିଜିଙ୍କ ତରଫରୁ ଅତିରିକ୍ତ ଡିଜି ଦାଖଲ କରିଥିବା ସତ୍ୟପାଠକୁ ନେଇ ହାଇକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ନିର୍ଦ୍ଦେଶ ଅନୁସାରେ ସତ୍ୟପାଠରେ ତଥ୍ୟ ନଥିବା ଶୁଣାଣିବେଳେ ସ୍ପଷ୍ଟ ହୋଇଥିଲା । ଏହାପରେ ଫେରାର କଏଦୀଙ୍କୁ ଧରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ କର୍ତ୍ତବ୍ୟରେ ଅବହେଳା କରିଥିବା ତଥା ଦାୟୀ ଜେଲ୍ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ନେଇ ସତ୍ୟପାଠରେ ସ୍ପଷ୍ଟ କରିବାକୁ ଜେଲ୍ ଡିଜିଙ୍କୁ ହାଇକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ମୁକ୍ତାକାଶ ଆଶ୍ରମରୁ ଖସି ପଳାଇଥିବା ବ୍ୟକ୍ତି ଓ ପାରୋଲରେ ଯାଇ ଆଉ ଫେରି ନଥିବା କଏଦୀଙ୍କୁ ଧରିବା କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ମାମଲା ଶୁଣାଣିବେଳେ ସ୍ପଷ୍ଟ ହୋଇଛି । ଏଭଳି ପ୍ରସଙ୍ଗ ନେଇ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି । ମାମଲାର ଶୁଣାଣିବେଳେ ଉପସ୍ଥାପନ କରାଯାଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଥିଲା ଯେ ଆବେଦନକାରୀ ମୁନସୀ ଭୁଏ ୨୦୧୮ ଜୁନ ୧୯ରେ ମୁକ୍ତାକାଶ ଆଶ୍ରମରୁ ଖସି ପଳାଇଥିଲା । ଦୁଇ ଦିନ ପରେ ଜୁନ ୨୧ରେ ଚନ୍ଦକା ଥାନାରେ ଜେଲ୍ ଅଧୀକ୍ଷକଙ୍କ ରିପୋର୍ଟ ଆଧାରରେ ଏତଲା ପଞ୍ଜୀକୃତ ହୋଇଥିଲା । ଏହି ମାମଲାର ତଦନ୍ତ କରି ପୁଲିସ ୨୦୨୫ ଅଗଷ୍ଟ ୨୭ରେ ମୁନସୀ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିବାବେଳେ ଭୁବନେଶ୍ୱର ଜେଏମ୍‌ଏଫସି(ଓ) ଅଦାଲତ ୨୦୨୫ ଅଗଷ୍ଟ ୮ରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ । ଏହି ଗିରଫ ପରୱାନା ବହୁଦିନ ଧରି କାର୍ଯ୍ୟକାରୀ ହୋଇ ନଥିଲା । ଡିସେମ୍ବର ୧୩ରେ ମୁନସୀକୁ ବରଗଡ଼ ଜିଲ୍ଲାରେ ଥିବା ତାର ଗାଁରୁ ଧରାଯାଇଥିଲା । ୨୦୧୮ର ମାମଲାରେ ପୁଲିସ ୨୦୨୫ରେ ତଦନ୍ତ ଶେଷ କରିଥିବାବେଳେ ଗିରଫ ପରୱାନା କାର୍ଯ୍ୟକାରୀ କରାଯିବା ପାଇଁ ଚାରି ମାସରୁ ଅଧିକ ସମୟ ଲାଗିଥିଲା । ଏଭଳି ଘଟଣାକୁ କର୍ତ୍ତୃପକ୍ଷ ଗୁରୁତ୍ୱର ସହିତ ନେଇ ନଥିବା ସ୍ପଷ୍ଟ ହୋଇଛି ବୋଲି ହାଇକୋର୍ଟ କହିଛନ୍ତି । ଅନ୍ୟ ଆଜୀବନ କାରାଦଣ୍ଡ ପାଇଥିବା ବନ୍ଦୀ ଫେରାର ଥିବା ଘଟଣାକୁ ମଧ୍ୟ କର୍ତ୍ତୃପକ୍ଷ ସମାନ ଭାବେ ଗ୍ରହଣ କରିଥିବା ନେଇ ଆଶା କରାଯାଏ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଜେଲ୍ ଡିଜି ସାନି ସତ୍ୟପାଠ ଦାଖଲ କରିବା ପରେ ଜାନୁଆରୀ ତୃତୀୟ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବବୋଲି ହାଇକୋର୍ଟ କହିଛନ୍ତି । ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମୁନସୀ ଭୁଏଙ୍କ ଜେଲ୍ କ୍ରିମିନାଲ୍ ଅପିଲ୍ ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି ।

ନିଷ୍କର୍ଷ
NISHKARSHA




## ସରିଗଲା ବର୍ଷ ରହିଗଲା ସ୍ମୃତି

ଏବେ ଗୋଟିଏ ବର୍ଷ ଶେଷ ହୋଇ ଯାଉଥିବାବେଳେ ଆଉ ଗୋଟିଏ ବର୍ଷର ଆଗମନ ହେଉଛି । ଚାଲିଯାଉଥିବା ୨୦୨୫ ମସିହା ଅନେକ ଦୁଃଖ ଦେଇଥିବାବେଳେ ଅନେକ ସମସ୍ୟା ସମାଧାନର ବାଟ ବି ଦେଖାଇଛି । ଅନେକ ଘଟଣାକୁ ସ୍ମୃତିର ଉପାଦାନ କରାଇ ପାରିଛି । ଆଉ ଇତିହାସର ପୃଷ୍ଠା ମଣ୍ଡନ କରିବା ପାଇଁ ଖୋରାକ ଜଗାଇଛି । ହେଲେ କ୍ୟାଲେଣ୍ଡରରେ ସଂଖ୍ୟା ବଦଳାଇ ଆସୁଥିବା ୨୦୨୬ ପାଇଁ ସମସ୍ତଙ୍କ ଆଶା, ବିଶ୍ୱାସ ରହିଛି । ଏ ବର୍ଷଟି ବହୁତ ଭଲ ହେଉ ଏ ନେଇ ଇଶ୍ୱରଙ୍କ ପାଖରେ ପ୍ରାର୍ଥନା ମଧ୍ୟ କରାଯାଉଛି । ତେବେ ୨୦୨୫କୁ ଘାଣ୍ଟିଲେ ଏହି ବର୍ଷଟି ଲୋକଙ୍କ ମାନଙ୍କୁ ଅନେକ ଶିକ୍ଷା ଦେଇଛି । ସମ୍ପର୍କ ବଢ଼ାଇଛି ଆଉ ଭାଙ୍ଗିଛି ମଧ୍ୟ, ଭୟରେ ଛାତି ଥରାଇଦେଇଛି ତ ନିର୍ଭୟ ହେବାର ବାଟ ମଧ୍ୟ ଦେଖାଇଛି । ଅନେକ ନରସଂହାରକୁ ଇତିହାସ ପୃଷ୍ଠାକୁ ପଠାଇଛି । ୨୦୨୫ର ସ୍ମୃତି ମଧ୍ୟରେ ବ୍ୟକ୍ତିଗତ ଘଟଣା ଠାରୁ ଆରମ୍ଭ କରି ରାଜ୍ୟ, ଦେଶ ଓ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଅନେକ ଆଶା ଓ ଆଶଙ୍କା ଭିତରେ ଶେଷ ହୋଇଛି । ରାଜନୈତିକସ୍ତରରେ ଅନେକ ପରିବର୍ତ୍ତନ ଆଣିଛି । କୂଟନୈତିକ କ୍ଷେତ୍ରରେ ମଧ୍ୟ ବଳିଷ୍ଠ ଉଦାହରଣ ସୃଷ୍ଟି କରିଛି । ଚଳିତ ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦରବୃଦ୍ଧି ଲାଗି ରହିବା ଦ୍ୱାରା ଜନସାଧାରଣ ଅନେକ ହତାଶ ମଧ୍ୟରେ କାଳାତିପାତ କରିଛନ୍ତି । ଏଥି ସହିତ ରାଜ୍ୟ-ରାଜ୍ୟ ମଧ୍ୟରେ ଦ୍ୱନ୍ଦ, ଦେଶ-ଦେଶ ମଧ୍ୟରେ ଦ୍ୱନ୍ଦ ଦେଖିବାକୁ ମିଳିଥିଲା । ସେହିଭଳି ନ୍ୟାୟ ପାଇବା ପାଇ ଆତ୍ମାହୁତି ଘଟଣା ଏହି ବର୍ଷ ପାଇଁ ଆଉ ଏକ ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଶେଷ କରି ଓଡ଼ିଶାରେ ଏହି ଆତ୍ମାହୁତି ଘଟଣା ୨୦୨୫ର ଏକ ବଡ଼ ଘଟଣା ହୋଇଛି । ବାଲେଶ୍ୱରର ସୌମ୍ୟାଶ୍ରୀ ହୁଅନ୍ତି କିମ୍ବା ରାଜଗାଙ୍ଗପୁରର ଶ୍ରୁତି ଟପୋ ପୁଣି କେନ୍ଦ୍ରାପଡ଼ାର ଜଣେ ଯୁବତୀଙ୍କ ଆତ୍ମହତା ଘଟଣା ସାଙ୍ଗକୁ ବଲାଙ୍ଗୀ ନାବାଳିକା ଆତ୍ମାହୁତି ; ନବରଙ୍ଗପୁର ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା । କହିବାକୁ ଗଲେ ଏହି ବର୍ଷ ୫୦ରୁ ଅଧିକ ମହିଳା ଜଳି ଯାଇଥିବା ଏକ ଇତିହାସ ସୃଷ୍ଟି କରିଛି । ପୁନଶ୍ଚ ଗଣବଳାତ୍କାର ଘଟଣା ମଧ୍ୟ ଏହି ବର୍ଷରୁ ଅଧିକ କଳଙ୍କିତ କରିଥିବା ଦେଖିବାକୁ ମିଳିଛି । ସେହିଭଳି ମନୋରଞ୍ଜନ କ୍ଷେତ୍ରରେ ମଧ୍ୟ ୨୦୨୫ ସେତେଟା ଲାଭଜନକ ହୋଇପାରିନଥିବା ଅନେକ ବୁଦ୍ଧିଜୀବୀ କହିଛନ୍ତି । ସେହିଭଳି କଟକ ଓ ମାଲକାନଗିରିର ଦଙ୍ଗା ମଧ୍ୟ ୨୦୨୫କୁ ଅଧିକ କଳଙ୍କିତ କରିଛି । ସେହଭଳି ରାଜନୀତିର ପଶାପାଲିରେ ବ୍ରହ୍ମପୁର ବିଜେପି ନେତାଙ୍କୁ ହତ୍ୟା କରାଯିବା ଘଟଣା ମଧ୍ୟ ଅଧିକ ଗୁରୁତ୍ୱ ବହନ କରିଛି । ସେହିଭଳି ପୁରୀ ଶ୍ରୀମନ୍ଦିରରେ ରଥଯାତ୍ରାରେ ଶରଧାବାଲିରେ ଦଳଚକଟା ଘଟି ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନିକ ଅଧିକାରୀଙ୍କୁ ନିନ୍ଦିତ କରିଛି । କେବଳ ସେତିକି ନୁହେଁ ୨୦୨୫ ମସିହାରେ ଗଣମାଧ୍ୟମ କ୍ଷେତ୍ରରେ ମଧ୍ୟ କିଛି ଘଟଣା ଘଟିଛି ଯାହାକି ଅଧିକ ଲଜ୍ୟା ଜନକ । ଗଣମାଧ୍ୟମର କିଛି ସ୍ୱାର୍ଥପର ପ୍ରତିନିଧି କାମଳ ସାମ୍ବାଦିକତାକୁ ଆପଣେଇ ଏହି ବର୍ଷକୁ ଅଧିକ କଳଙ୍କିତ କରିଛନ୍ତି । କହିବାକୁ ଗଲେ ଏହି ବର୍ଷ କେବଳ ଲୋକଙ୍କୁ ଶିକ୍ଷା ଦେଇଛି ବୋଲି ଶୁଣିବାକୁ ମିଳିଛି । ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି । ତେଣୁ ୨୦୨୬ ସୁଖମୟ ହେବା ସହ ୨୦୨୫ର ଅନୁଭୂତିକୁ ନେଇ ଲୋକେ ଆଗାମୀ ଭବିଷ୍ୟତ ଗଠନ କରିବେ ବୋଲି କୁହାଯାଉଛି ।

### କବିତା ଗୁଚ୍ଛ

## ବର୍ଷ ଶେଷର କବିତା

**ଡକ୍ଟର ନୀଳମଣି ସୂତାର**

ଜୀବନରେ କେତେ ଯେ, ଭଲପାଇବା ପାଇଲି
ସ୍ନେହପୂର୍ଣ୍ଣ, ଆଦରବୋଳା, ଶ୍ରଦ୍ଧାମୟ
ବନ୍ଧୁର ଇର୍ଷ ମିଶ୍ରିତ, ସଂସାରର ଦାୟିତ୍ୱ ଓ
ଦାୟିତ୍ୱହୀନତାର -
ପାଇଛି ତ କେତେ କିଛି ଆପଣାଛାଏଁ ଉଡ଼ିଆସିଥିବା
ଅନାତ୍ମିୟତାର ଅଜସ୍ର ଅଭିଜ୍ଞତା ଅଥବା
ରମଣୀର ସ୍ୱତଃସ୍ଫୂର୍ତ୍ତ ସୌରାଚାର
ଆମୋଦ ପ୍ରମୋଦ ବା ଆବେଗ-ଆବୃତ୍ତ ପ୍ରେମ
ପାଇଛି ଅନେକ ଥର ଅଚିହ୍ନ ରସାପ୍ଲୁତ
ଅବର୍ଣ୍ଣିତ ପ୍ରଣୟ ପରଶ-
ସଭ୍ୟସମାଜରେ ଯାହା ଆତ୍ମର ମିଳନ ବୋଲି ପରିଚିତ ହୁଏ
ପାଇଛି ଘୃଣା ଛଳରେ, କୋଧର ଆବରଣେ
ମାନସିକ ଶାନ୍ତି; ନାଶକତା ଭିତରେ
ଅନେକ ଗୁଢ଼ ସମ୍ପର୍କ
କହିବାକୁ ଗଲେ ଯାହାକୁ ପ୍ରେମ ବୋଲି କୁହାଯାଏନା
ପୁନଶ୍ଚ ଅଦୃଶ୍ୟ ଉତ୍ତାପ କେବଳ ପାଇଛି ଅନେକ
କିଏ ଯେମିତି କେଉଁଠୁ ମତେ ଅନେକଟା ଶାନ୍ତ କରିଛି
ଚନ୍ଦ୍ରମା ପାଖେ ବସେଇଛି ନେଇ
ଚିରୁଡ଼ାଏ ମହକ ବି ଦେଇଛି ଗଭୀର ପ୍ରତ୍ୟୟ
ଅକୁହା କଥାରେ ଅଜଣା ରୀତିରେ
ବାକି ସବୁ କିଛି ଭୁଲି ଯିବାକୁ ଚାହେଁ
ଯାହା ପାଇ ନାହିଁ ସେସବୁ କଥା ବି
ହୋଇପାରେ ଅନେକ କିଛି ହେବାର ଥିଲା
ଟଙ୍କା ପଇସାର ରାସ୍ତା ନିକଟରେ ବି ବୁଲି ଆସିଛି
ସାମାନ୍ୟ କେଇପାଦ କ୍ଷମତାର ନିକଟବର୍ତ୍ତୀ ହୋଇ ବି
ଫେରି ଆସିଛି
ଅନେକ ମୁଖଶ୍ରୀ ମନ
ମୋତେ ଅସୁଖୀ କରିଛି
କ'ଣ ହୋଇଥାନ୍ତା ଏରକମ ନହୋଇ
ସେ ରକମ ହୋଇଥିଲେ
ପ୍ରଥମ ତୁମେ ପରିବର୍ତ୍ତେ ଦ୍ୱିତୀୟ,
ତୃତୀୟ ବା ଚତୁର୍ଥ ତୁମେ ହୋଇଥିଲେ ?
କାହିଁକି ବା ଏମିତି ହୁଏ ?
ସବୁ ବର୍ଷ ତ ଗୋଟିଏ ଗୋଟି
ଡିସେମ୍ବରର ଶେଷ ଦିନରେ
ଆସି ଅଟକି ଯାଏ ଆପଣା ଛାଏ ତୁମ ମୃତ୍ୟୁରେ ଅଟକି ଯାଏନା !

ଯୋଗାଯୋଗ : ଖାନନଗର, କଟକ

# ଦେଓବନ୍ଦ ଓ ସ୍ୱାଧୀନତା ସଂଗ୍ରାମ

# ଭାରତୀୟ ଦେଶଭକ୍ତିର ଏକ ବିସ୍ତୃତ ଅଧ୍ୟାୟ

ଭାରତର ସ୍ୱାଧୀନତା ସଂଗ୍ରାମର ଏକ ବିସ୍ତୃତ ଐତିହ୍ୟରେ ଉପନିବେଶବାଦ ବିରୋଧରେ ବହୁ ସ୍ୱର ଏକାଥରକେ ଉଠିଥିଲା । କେହି ଶସ୍ତ୍ର ନେଇ କେହି ଚିନ୍ତାଧାରା ନେଇ ତଥା କେହି ଅଦମ୍ୟ ବିଶ୍ୱାସ ସହିତ । ସେହି ସ୍ୱରମାନଙ୍କ ମଧ୍ୟରୁ ଦର-ଉଲ୍-ଉଲୁମ ଦେଓବନ୍ଦ ଯାହା ଉତ୍ତର ପ୍ରଦେଶର ଏକ ମହତ୍ତ୍ୱପୂର୍ଣ୍ଣ ଇସାଲମିକ ଶିକ୍ଷାନୁଷ୍ଠାନ ଅଟେ । ତାହାର ଭୂମିକା ମହତ୍ତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଆଜି ବି ଅନେକ ସମୟରେ ଚର୍ଚ୍ଚା ପରିସରର ବାହାରେ ରହିଛି । ଏହି ପ୍ରସିଦ୍ଧ ଇସଲାମିକ ସେମିନାରି କେବଳ ଧାର୍ମିକ କେନ୍ଦ୍ର ନୁହେଁ ବରଂ ବ୍ରିଟିଶ ବିରୋଧୀ ଆନ୍ଦୋଳନର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ କେନ୍ଦ୍ର ଭାବେ ଉଭା ହୋଇଥିଲା । ସେଠାକାର ଧାର୍ମିକ ବିଦ୍ୱାନମାନଙ୍କର ମୂଲ୍ୟବୋଧ ଗଭୀର ଇସଲାମିକ ଶିକ୍ଷା ଉପରେ ଆଧାରିତ ହେଲେ ମଧ୍ୟ ଏକ ବିବିଧମୟ ଓ ସ୍ୱାଧୀନଭାରତ ପ୍ରତି ତାଙ୍କ ଦୃଢ଼ ସଂକଳ୍ପ ଆଜି ଭାରତୀୟ ମୁସଲିମମାନଙ୍କ ଦେଶଭକ୍ତିର ସାକ୍ଷ୍ୟ ଅଟେ । ତେଣୁ ଦେଓବନ୍ଦର ଐତିହ୍ୟକୁ ପୁନଃ ଅବଲୋକନ କରିବା କେବଳ ଇତିହାସକୁ ସମ୍ମାନ ଦେବା ନୁହେଁ ବରଂ ଜାତୀୟ ଏକତାର ଆତ୍ମାକୁ ପୁନଃ ଅନ୍ୱେଷଣ କରିବା ଅଟେ ।



ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ-୧୮୫୭ର କିଛି ବର୍ଷ ପରେ ୧୮୬୬ ମସିହାରେ ପ୍ରତିଷ୍ଠିତ ଦାରୁଲ-ଉଲୁମ ଦେଓବନ୍ଦ କେବଳ ବ୍ରିଟଶ ଦମନକୁ ଉତ୍ତର ନଥିଲା ବରଂ ଏହାଏକ ଆଦର୍ଶଗତ ବିପ୍ଳବ ଥିଲା । ଯେତେବେଳେ ଅନେକ ବ୍ରିଟିଶମାନଙ୍କୁ ଅଜେୟ ଭାବୁଥିଲେ, ଦେଓବନ୍ଦର ସଂସ୍ଥାପକମାନେ ବିଶ୍ୱାସ କରୁଥିଲେ ଯେ, ଧାର୍ମିକ ପରିଚୟର ସଂରକ୍ଷଣକୁ ଦେଶର ସ୍ୱାଧୀନତା ଠାରୁ ପୃଥକ କରାଯାଇ ପାରିବ ନାହିଁ । ଯାହା ଫଳରେ ଏହି ଶିକ୍ଷାନୁଷ୍ଠାନ ଧାର୍ମିକ ଶିକ୍ଷା ଓ ରାଜନୈତିକ ସଚେତନତାର ଏକ ବିଶିଷ୍ଟ ସଂଯୋଗରେ ପରିଣତ ହେଲା । ଦେଓବନ୍ଦର ମହତ୍ତ୍ୱପୂର୍ଣ୍ଣ ଚରିତ୍ରମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ମୌଲାନା ମହମ୍ମଦ ହସନ ଯାହାଙ୍କୁ ସମସ୍ତେ ଶେଖ ଉଲ ହିନ୍ଦ ବୋଲି ଜାଣିଥିଲେ । ତାଙ୍କର ଜୀବନୀ ଓ କାର୍ଯ୍ୟକଳାପ ଦେଶର ସ୍ୱାଧୀନତା ସହତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲା । ସେ ନିଜେ ରେଶମ ରୁମାଲ ଆନ୍ଦୋଳନ (Silk Letter Movement)ର ନେତୃତ୍ୱ ନେଇଥିଲେ । ଏହା ଏକ ଗୁପ୍ତ ଉଦ୍ୟମ ଥିଲା ଯାହା ଇଂରେଜ ବିରୋଧୀ ଶକ୍ତିମାନଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ଯୋଡ଼ିବାକୁ ଚେଷ୍ଟା କରିଥିଲା । ସେ ଇଂରେଜମାନଙ୍କ ଦ୍ୱାରା ଗିରଫ ପରେ ମାଲ୍ଟାକୁ ନିର୍ବାସିତ ହୋଇଥିଲେ ମଧ୍ୟ ଏହି ଆନ୍ଦୋଳନର ସ୍ୱର ଦବି ଯାଇନଥିଲା ବରଂ ଏହା ଯୁବ ମୁସଲିମ ଧର୍ମଗୁରୁ ଏବଂ ଛାତ୍ରମାନଙ୍କ ମଧ୍ୟରେ ନୂତନ ଆନ୍ଦୋଳନର ଚେତନା ଜାଗ୍ରତ କରିଥିଲା ।

ଦେଓବନ୍ଦର ପ୍ରଭାବ ଗୁପ୍ତ କାର୍ଯ୍ୟକଳାପରୁ ବିସ୍ତାରିତ ହୋଇ ଜମଅତ ଉଲେମା-ଇ-ହନ୍ଦର ପ୍ରତିଷ୍ଠାରେ ମହତ୍ତ୍ୱ ପୂର୍ଣ୍ଣ ଭୂମିକା ନେଲା-ଯାହା ସ୍ୱାଧୀନତା ପୂର୍ବରୁ ଭାରତର ସବୁଠୁ ବଡ଼ ମୁସଲିମ ସାମାଜିକ-ରାଜନୈତିକ ସଂଗଠନମାନଙ୍କ ମଧ୍ୟରେ ଗଣା ହେଉଥିଲା । ମୁସଲିମ ଲିଗ ବିପରିତ ଏହା ଦେଶର ବିଭାଜନର ସପକ୍ଷରେ ନଥିଲା ଏବଂ ଭାରତୀୟ ଜାତୀୟ କଂଗ୍ରେସ ସହିତ ମିଶି ଧର୍ମ ଆଧାରରେ ଦେଶର ବିଭାଜନକୁ ତୀବ୍ର ବିରୋଧ କରିଥିଲା । ଜମିଅତ୍‌ର ଦୃଷ୍ଟିକୋଣ ଇସଲାମର ମୂଲ୍ୟବୋଧ ୱାହଦତ(ଏକତା) ଓ ଅଦଲ(ନ୍ୟାୟ) ଉପରେ ଆଧାରିତ ହୋଇ ସେ ସମୟର ବିଚ୍ଛିନ୍ନତାବାଦୀ ରାଜନୀତି ପ୍ରତି ଏକ କଡ଼ା ଜବାବଥିଲା ।

ଦେଓବନ୍ଦର ଅନେକ ବିଦ୍ୱାନ ଗାନ୍ଧିଜୀ ଓ ଅନ୍ୟସ୍ୱାଧୀନତା ସେନାନୀମାନଙ୍କ ସହିତ ଗଭୀର ଭାବରେ ଯୋଡ଼ି ହୋଇ ଅହିଂସା ଆନ୍ଦୋଳନ ଓ ଆଇନ ଅମାନ୍ୟ ଆନ୍ଦୋଳନରେ ଭାଗ ନେଇଥିଲେ । ମୌଲାସ ହୁସେନ ଆହମଦ ମଦନୀଙ୍କ ଭଳି ମହାନ ବ୍ୟକ୍ତିତ୍ୱ କେବଳ ଇଂରେଜମାନଙ୍କୁ ବିରୋଧ କରୁନଥିଲେ ମୁତାହିଦା କୌମିଯତ(ଏକୀକୃତ ରାଷ୍ଟ୍ରବାଦ) ସପକ୍ଷରେ ଏକ ଦୃଢ଼ ସ୍ୱର ଥିଲେ । ସେ କହୁଥିଲେ ଯେ, ସମସ୍ତେ ଭାରତୀୟ ହିନ୍ଦୁ, ମୁସଲିମ, ଶିଖ ଓ ଖ୍ରୀଷ୍ଟିୟାନମାନେ ମିଶି ଏକ ରାଷ୍ଟ୍ର ତେଣୁ ସେମାନେ ଉପନିବେଶବାଦୀ ଶାସକଙ୍କ ବିରୋଧରେ ଏକତାବଦ୍ଧ ହୋଇ ସଂଘର୍ଷ କରିବା ଉଚିତ । ଏହି ଦୃଢ଼ ଆଦର୍ଶବାଦ ଓ ନିଷ୍ଠା ପ୍ରଦର୍ଶନ କରୁଥିବାରୁ ସେମାନଙ୍କୁ ଅନେକ ମୂଲ୍ୟ ମଧ୍ୟ ଦେବାକୁ ପଡ଼ିଥିଲା । ସେମାନଙ୍କୁ ଗିରଫ କରାଯାଉଥିଲା । ଯନ୍ତ୍ରଣା ଦିଆଯାଉଥିଲା । ନଜରବନ୍ଦ କରି ରଖାଯାଉଥିଲା । ତଥା ସେମାନଙ୍କ ଅନୁଷ୍ଠାନ ଗୁଡ଼ିକୁ ହଇରାଣ ଓ ଆନ୍ଦୋଳନ ଗୁଡ଼ିକ ଦମନ କରାଯାଉଥିଲା । କିନ୍ତୁ ଏହାଦ୍ୱାରା ସେମାନଙ୍କ ସଂକଳ୍ପ ଓ ଇଚ୍ଛାଶକ୍ତି କେବେ ଦୂର୍ବଳ ପଡ଼ିନଥିଲା । ସେହି ଶ୍ରେଣୀଗୃଗୁଡ଼ିକ ଧାର୍ମିକ ଶିକ୍ଷା ସହ ରାଜନୈତିକ ଜାଗରଣର କେନ୍ଦ୍ର ଭାବରେ ଦ୍ୱିଗୁଣିତ ହୋଇଥିଲା । ସେମାନେ କେବଳ ଧର୍ମ ବିଷୟରେ ନୁହେଁ ବରଂ ଗାନ୍ଧୀ, ନେହେରୁ ଓ ମୌଲାନା ଆଜାଦଙ୍କ ବାର୍ତ୍ତା ବିଷୟରେ ଆଲୋଚନା କରୁଥିଲେ । ଭାରତର ମୁକ୍ତି ସଂଗ୍ରାମର ଇତିହାସରେ ଦାରୁଲ-ଉଲୁମ ଦେଓବନ୍ଦ ଓ ସେଠାକାର ବିଦ୍ୟାନ ମାନଙ୍କ ଅବଦାନ ସମ୍ମାନର ସହିତ ଲିପିବଦ୍ଧ ହେବା ଉଚିତ । ସେମାନେ ଉପନିବେଶବାଦକୁ କେବଳ ପ୍ରତିବାଦର ରୂପରେ ନୁହେଁ ବରଂ ଧାର୍ମିକ, ବୌଦ୍ଧିକ ଓ ଆଧାତ୍ମିକପ୍ରତିରୋଧର ଏକ ସଂଘଠିତ ଆନ୍ଦୋଳନ ଭାବେ ଆହ୍ୱାନ ଦେଇଥିଲେ ।

ଦେଓବନ୍ଦର ଏହି କାହାଣୀ ଆଜିର ଯୁବପିଢ଼ୀ ପାଇଁ ଏକ ସାକ୍ଷ୍ୟ ଅଟେ ଯେ, ଭାରତୀୟ ମୁସଲମାନମାନେ ସବୁବେଳେ ସ୍ୱାଧୀନତା ଓ ନ୍ୟାୟର ସଂଘର୍ଷରେ ନେତୃତ୍ୱ ନେଇ ଆସିଛନ୍ତି । ଆମେ ଯେପରି ସେହି ମଞ୍ଚକୁ ଭୁଲି ନଯାଉ- ଯାହ ସତ୍ୟ କହିଥିଲା, ସେହି ମଦରସାକୁ ଭୁଲି ନଯାଉ, ଯାହା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଜନ୍ମ ଦେଇଥିଲା ଏବଂ ସେହି ଆସ୍ଥାକୁ ଭୁଲି ନଯାଉ ଯାହା ସ୍ୱାଧୀନତା ସହ ଭାତରେ ହାତ ଧରି ଚାଲିଥିଲା । ତାହା ପ୍ରତି ଆମେ ସଂକଳ୍ପବଦ୍ଧ ହେବା ଉଚିତ ।

- ଇନ୍‌ସା ୱାରସୀ
ଫ୍ରାଙ୍କୋଫୋନ ଏବଂ ସାମ୍ବାଦିକତା ଅଧ୍ୟନ ବିଭାଗ
ଜାମିଆ ମିଲିଆ ଇସଲାମିଆ

# ନିପୁଣ ମସ୍ତିଷ୍କ, କାଲୁଆ ହୃଦୟ

ଶୁଟିଏ ପରିବାରକୁ ଆସିଲା ମାତ୍ରେ ସମସ୍ତେ ଖୁସି ବ୍ୟକ୍ତ କରନ୍ତି । ତାହାର ହସ, କାନ୍ଦ ଓ ପ୍ରତିଟି ହାବଭାବକୁ ନେଇ ଦୀର୍ଘ ସମୟ ବାର୍ତ୍ତାଳାପ ହୁଏ । ଶିଶୁ କ୍ରମଶଃ ବଡ଼ ହୁଏ । ବଡ଼ ହେବା ସହିତ ତାହାର କ୍ୟାରିୟର ଗଠନରେ ଆଧୁନିକ ପିତାମାତା ଲାଗି ପଡ଼ନ୍ତି । ଆମ ଚାରିପାଖର ଅନେକ ବସ୍ତୁର ଇଂରାଜୀ ଶବ୍ଦ ସହିତ ଶିଶୁକୁ ପରିଚିତ କରାଇଥାନ୍ତି । ସେ ବୁଝି ପାରୁ ଅଥବା ନପାରୁ ସେ ତାହାକୁ ଗ୍ରହଣ କରୁ ଅଥବା ନକରୁ ଯୁବ ପିତାମାତା ନିଜ କାର୍ଯ୍ୟରେ କେବେ ଅବହେଳା କରନ୍ତି ନାହିଁ । ଶବ୍ଦ ଓ ଏହା ପରେ ସ୍ପେଲିଙ୍ଗକୁ ମୁଖସ୍ଥ କରିବା ଭିତରେ ଶିଶୁ ଏକ ଉତ୍ତମ ଅଭିଧାନରେ ପରିଣତ ହୁଏ । ସେ ଜ୍ଞାନ ବା ନଲେଜ କହିଲେ ଇଂରାଜୀ ଅଭିଧାନକୁ ପ୍ରାଥମିକ ଭାବରେ ବୁଝେ, ଶବ୍ଦମାନଙ୍କର ଏକାଧିକ ବ୍ୟବହାର ମଧ୍ୟ ସେ ଭଲରେ ଜାଣିନଥାଏ ।

ହରର ଅତି ଦାମୀ ଭଲ ଇଂରାଜୀ ମିଡିୟମ ସ୍କୁଲରେ ଶିଶୁର ଯେମତି ନାମଲେଖା ହୋଇଯାଇପାରିବ ସେଥିଲାଗି ଶିଶୁର ଇଂରାଜୀ ଶିକ୍ଷା ଜରୁରୀ ବୋଲି ବାପାମା ଭାବନ୍ତି । ଇଂରାଜୀ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଆଡମିସନ ଲାଗି ଏକ ଲକ୍ଷ ଟଙ୍କା ନେବାର ଚୁକ୍ତି ସହିତ ଶିଶୁକୁ ପୁନଃ ପରୀକ୍ଷା କରିବେ ବୋଲି ଭୟ ମଧ୍ୟ ସୃଷ୍ଟି କରାଇଥାନ୍ତି । ଶେଷରେ ଆଡମିଶନ ଦିନ 'ପରୀକ୍ଷାରେ ପାସ କରିଥିବା' ଓ 'ଏଥର ଆଡମିଶନ କରାନ୍ତୁ' ବୋଲି କର୍ତ୍ତୃପକ୍ଷଙ୍କ ଉକ୍ତିକୁ ବାପାମା' ଅପେକ୍ଷା କରି ରହିଥାନ୍ତି ।

ଇଂରାଜୀ ସଭ୍ୟତାର ଚାପ ବେଶ ଓଜନିଆ । ଅର୍ଥନୈତିକ ବିକାଶର ଦକ୍ଷ କାରିଗର ହେବାର ସ୍ୱପ୍ନ ଶିଶୁ ସେହି ସ୍କୁଲ ଦିନରୁ ଯେପରି ଦେଖିବ ସେଥିପାଇଁ ବାପାମାଙ୍କ ସହିତ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଲାଗି ପଡ଼ନ୍ତି । ମୁଁ ଏଠାରେ ସହରୀ ଶିକ୍ଷିତ ମଧ୍ୟବିତ୍ତ ଉଚ୍ଚ ଜାତିର ପିତାମାତାଙ୍କ କଥା କହୁଛି । ଏହା ଅବଶ୍ୟ ଅନ୍ୟମାନଙ୍କୁ ସଂକ୍ରମିତ ହେଲାଣି । ପିତାମାତା ପ୍ରାୟତଃ ପ୍ରାଇଭେଟ ଚାକିରିରେ ଥା'ନ୍ତି । ନିଜର ଜୀବିକାକୁ ବଞ୍ଚାଇବା ଲାଗି ଜୀବନରେ ସଂଘର୍ଷ ଯେ କେଉଁଭଳି କରିବାକୁ ହୁଏ ତାହା ସେମାନେ ହୃଦୟଙ୍ଗମ କରିଥାନ୍ତି । ତେଣୁ ସେମାନେ ଚାହାଁନ୍ତି ଯେ ଅନ୍ତତଃ ତାଙ୍କ ଛୁଆ ଜୀବନର କୌଣସି ବି ପ୍ରତିଯୋଗୀତାରେ ଯେମିତି ବିଫଳ ହୋଇ ନଯାଉ । ଯେନତେନ ପ୍ରକାରରେ ଶିଶୁ କେମିତି ବିଦେଶ ଚାଲିଯିବ ସେହି ସ୍ୱପ୍ନ ପିତାମାତା ମୂଳରୁ ଦେଖନ୍ତି । ପ୍ରକାଶ କରନ୍ତି ନାହିଁ । ସେଥିଲାଗି ଆଞ୍ଚଳିକ ବା ମାତୃଭାଷା ଶିଖିବା ଜରୁରୀ ନୁହେଁ ବୋଲି ବାପାମା' ଭାବିଥାନ୍ତି । ଏପରିକି ଶିଶୁ ପ୍ରାୟ ପାଞ୍ଚ ବର୍ଷ ହୋଇଗଲେ ସେ ମାତୃଭାଷା ବା ଆଞ୍ଚଳିକ ଭାଷାକୁ ନ୍ୟୁନ କରିଦେଖିବା ଆରମ୍ଭ କରେ । କେହି ତାକୁ ମାତୃଭାଷା ଶିଖିବା କହିଲେ ସେ ନିଜ ଭିତରେ ପ୍ରତିବାଦ କରେ ଓ ଇଂରାଜୀକୁ ନିଜର ମାତୃଭାଷା ବୋଲି ଧରେ ବା ଧରିବା ଲାଗି ପ୍ରେରିତ ହୁଏ । ସେ ନିଜେ ଇଂରାଜୀ କହୁଥିବା ଲୋକଙ୍କ ପ୍ରତି ଆକର୍ଷିତ ହୁଏ ଓ କହିପାରୁ ନଥିବା ବ୍ୟକ୍ତିଙ୍କୁ ନାପସନ୍ଦ କରେ । ଏହି କାରଣରୁ ଶିଶୁ ନିଜର ଜେଜେ ବାପାମା, ଅଜା-ଆଈ ଓ ପିତାମାତାଙ୍କ ଗ୍ରାମ୍ୟ ଜୀବନ ଠାରୁ ଦୂରେଇ ଯାଏ ।

ଶିଶୁ ବଡ଼ ହେବା ସହିତ ଏକ ଜିଦିଆ ହୁଏ । ସେ ତାହା ଦୃଷ୍ଟିରେ ଛୋଟ ବଡ଼ର ସଂଜ୍ଞା ତିଆରି କରିନିଏ । କ୍ରମଶଃ ଅହଙ୍କାରୀ ହୁଏ । ଅସହଯୋଗୀ ହୋଇଯାଏ । ତାହାର ଶତ୍ରୁ ହୋଇଯାଏ ଯୁଗ୍ମ ପରିବାରର ତାହା ଠାରୁ ସାନ ଛୁଆମାନେ । ମାଉସୀ, ପିଉସୀ, ମାମୁଁ ବା କାକାଙ୍କ ପୁଅ ଝିଅଙ୍କୁ ତାହା ଠାରୁ ଅଧିକ ଧ୍ୟାନ ଦିଆଯିବା ତାହା ଲାଗି ଅସହ୍ୟ ହୋଇଯାଏ । ଏଥିରେ ଯଦି ତାହାର ଖେଳଣାକୁ ଦେବାକୁ ହୁଏ ତେବେ ଶିଶୁର ପ୍ରତିକ୍ରିୟା ଚରମ ସ୍ଥିତିରେ ପହଞ୍ଚିଯାଏ ।

ତାହାର ଲାଳନପାଳନ ଏଭଳି ହୋଇଥାଏ ଯେ ସେ ଏହି ପୃଥିବୀର ଏକମାତ୍ର ଶିଶୁ ଯେ ସମସ୍ତ ସୁବିଧା ପାଇବା ଲାଗି ହକଦାର ବୋଲି ଭାବେ । ଘରର ଅଶାନ୍ତ ସ୍ଥିତି ଦେଖି ବାପାମା' ନିଜର ଏକମାତ୍ର ଶିଶୁର ମନକୁ ସମ୍ମାନ ଜଣାଇ ନିଜର ସମ୍ବନ୍ଧ ଠାରୁ ଦୂରେଇଯାନ୍ତି । ପିଲା ଆହୁରି ଏକୁଟିଆ ହୋଇଯାଏ । ଅଧିକ ଜିଦ୍ଦିଆ ଅଧିକ କ୍ରୋଧୀ ହୋଇଯାଏ । ସେ ନିଜର ସେହି ଦୂର ଭାଇଭଉଣୀମାନଙ୍କୁ ବାହାଘର ଭଳି ସ୍ଥାନରେ ଭେଟେ । କ୍ରମଶ ବଡ଼ ହେଲେ ସେ ସେହି ସ୍ଥାନକୁ ମଧ୍ୟ ଯିବା ବନ୍ଦ କରିଦିଏ । ଶିଶୁର ସାମାଜିକୀକରଣର କୈଶୋର ସ୍ଥିତିରେ ପହଞ୍ଚିବା ବେଳକୁ ସମାପ୍ତ ହୋଇଯାଇଥାଏ ।

ଏହି କ୍ରମରେ ଶିଶୁ ଲାଗି ତାହାର ବାପାମା' ହିଁ କେବଳ ତାହାର ବନ୍ଧୁ, ମାମୁଁ, ମାଉସୀ, ପିଉସୀ ଏପରିକି ଜେଜେ ବାପା ଓ ଜେଜେ ମା' ବା ଅଜା ଓ ଆଈର ଭୂମିକା ନେଇଥାନ୍ତି । ଅର୍ଥାତ ସେ ଚାହୁଁଥିବା ସମସ୍ତ ପରିବେଶ, ଭଲପାଇବା, ଗପ ଶୁଣିବାର ସଂସ୍କୃତି, ବୁଲିଯିବାର ଅନୁଭବ ସବୁ କିଛି ବାପାମା' ହିଁ ପୂରଣ କରିବାକୁ ଚେଷ୍ଟା କରନ୍ତି । ସେ ବି ସେମାନଙ୍କୁ ତାହାର ବନ୍ଧୁ ବୋଲି ଧରେ, ବାକି ସମସ୍ତଙ୍କୁ ପ୍ରତିଯୋଗୀ ବୋଲି ଭାବେ । ଦେଶର ଆର୍ଥିକ ବ୍ୟବସ୍ଥା ବାପାମାଙ୍କୁ ଏଭଳି ଫସାଇ ଦେଇଛି ଯେ ସେଥିରୁ ଚାହିଁଲେ ବି ମୁକ୍ତି ସେମାନଙ୍କୁ ମିଳିବା କଷ୍ଟ । ପ୍ରଥମେ ପ୍ରଥମେ ସେମାନେ ଅତି ଆଗ୍ରହରେ ଏହି ବ୍ୟବସ୍ଥାରେ ସାମିଲ ହୁଅନ୍ତି ଓ ପରେ ସେହି ବ୍ୟବସ୍ଥା ତାଙ୍କ ଲାଗି ବାଧ୍ୟବାଧକତା ସୃଷ୍ଟି କରେ ।



ଗୋଟିଏ ଶିଶୁ ଲାଗି ପୂର୍ବେ କିନ୍ତୁ ଆବଶ୍ୟକ ହେଉଥିଲା ଏକ ଗାଁ । ଗାଁର ପରିବେଶ ଭିତରେ ସେ ଗଛ, ଲତା, ପାହାଡ଼, ଚାଷ ଜମି, ଝରଣାକୁ ଦେଖୁଥିଲା, ଶୀତ ଓ ଗରମକୁ ସେହି ପରିବେଶରେ ଅନୁଭବ କରୁଥିଲା । ସେ ନିଜର ଶବ୍ଦକୋଷ ତିଆରି କରୁଥିଲା । ଢଗ ଢମାଳିକୁ ଶୁଣି ତାଳି ମାରୁଥିଲା । କ'ଣ କରିବା ଉଚିତ ଓ କ'ଣ ନକରିବା ଉଚିତ ତାହାକୁ ସେ ଅନୁଧ୍ୟାନ କରୁଥିଲା । ସେ ଜିଦିଆ ହେଉନଥିଲା । ସେ ନିଜ ପାଖରେ ରହିଥିବା ଜିନିଷକୁ ବନ୍ଧୁଙ୍କୁ ଦେଇ ବନ୍ଧୁତା ସୃଷ୍ଟି କରୁଥିଲା । ସେହି ବନ୍ଧୁ ପୁଣି ତାହା ସହିତ ଜୀବନର ପ୍ରତି ସମୟରେ ହାଜର ହେଉଥିଲା । ଏଥିରେ ମାନବିକତାର ପ୍ରକାଶ ହେଉଥିଲା । ସେ କାହାର ପ୍ରତିଯୋଗୀ ହେଉନଥିଲା । ସେ ତରୁଣ ବୟସରେ ଏକୁଟିଆ ଅନୁଭବ କରୁନଥିଲା । ପ୍ରେମରେ ବିଫଳ ହେଲେ ନିଜର ସାମର୍ଥ୍ୟ ରଖୁଥିଲା । ନିଜ ଜିଦ୍ଦି ଲାଗି କେବେ ଆତ୍ମହତ୍ୟା କରୁନଥିଲା । ସହରର ଶିଶୁକୁ ସେହି ସୁଯୋଗ ମିଳେ ନାହିଁ । ସହରର ଧାଡ଼ି ଧାଡ଼ି ଘର ବା ଅପାର୍ଟମେଣ୍ଟ ରେ ଖେଳିବାର ସ୍ଥାନର ଅଭାବ କାରଣରୁ ସେ ମୋବାଇଲ ଓ ହୋମ ଟାସ୍କ ଭିତରେ ଦିନର ସମାପ୍ତି କରେ । କେହି ଯଦି କ୍ୟାରିୟର ଗଢ଼ାରୁ ସାମାନ୍ୟ ବିଚ୍ୟୁତ ହୋଇ ନିଜର ଖେଳ, ସଙ୍ଗୀତ, ପେଣ୍ଟିଙ୍ଗ, ଫୋଟୋଗ୍ରାଫି ଇତ୍ୟାଦି ଆଡ଼କୁ ଢଳେ ତେବେ ବାପାମା' ଦକ୍ଷ ବ୍ୟାଙ୍କ ମ୍ୟାନେଜର ଭଳି ପିଲାଟି ପଛରେ ହୋଇଥିବା ଖର୍ଚ୍ଚର ହିସାବ ଦେଇଥାନ୍ତି । ସେମାନେ ଚାହାନ୍ତି ନାହିଁ ଯେ ତାଙ୍କ ଛୁଆ ଏଭଳି ରାସ୍ତାରେ ଯାଉ ଯେଉଥିରେ ପୁଞ୍ଜି ଲଗାଣରୁ ଉପଯୁକ୍ତ ପରିଶୋଧ ବା ରିଟର୍ଣ୍ଣ ଆସିବ ନାହିଁ ।

କୈଶୋର ବୟସରେ ସେମାନେ ନିଜର ଭବିଷ୍ୟତ ନିଜେ ତିଆରି କରିବାର ସଂକଳ୍ପ ରଖି ଖେଳ, ସଙ୍ଗୀତ, ପେଣ୍ଟିଙ୍ଗ, ଫୋଟୋଗ୍ରାଫି ଇତ୍ୟାଦି ଆଡ଼କୁ ଢଳିଥାନ୍ତି । କିନ୍ତୁ ଅଧିକାଂଶ ଜଣେ ଦକ୍ଷ କର୍ମଚାରୀ ହେବା ପାଇଁ ଲାଗି ପଡ଼ନ୍ତି । ନିଜ ପଢ଼ା ବାହାରେ ବି ଅନେକ ପରୀକ୍ଷା ଓ ପ୍ରତିଯୋଗୀତା ଲାଗି ପ୍ରସ୍ତୁତ ହୁଅନ୍ତି । ଅନେକ ବିଷୟ ସହିତ ସେମାନେ ପରିଚିତ ହୁଅନ୍ତି ଯାହା ହୁଏତ ଆମେ ଭାବିନଥିବା । ଅନେକ ବିଷୟ ସମ୍ପର୍କରେ ସେମାନେ ବାପାମା'ଙ୍କୁ ଲୁଚାନ୍ତି । ଅନେକ ବିଷୟରେ ନିଜେ ନିଜେ ନିଷ୍ପତ୍ତି ନେଇଯାନ୍ତି ଓ ଭାବନ୍ତି ସେଥିରେ କିଛି ଅସୁବିଧା ନାହିଁ । ନିଆଁରେ ହାତ ମାରିଲା ଭଳି କାମ ବି କୈଶୋର ସ୍ଥିତିରେ ପିଲା କରନ୍ତି । ନିଜର ଅନଲାଇନ ବ୍ୟାଙ୍କ ଆକାଉଣ୍ଟ ସେମାନଙ୍କୁ ସେହି କ୍ଷମତା ଦିଏ । ବାପାମା ସେଥିରେ ଟଙ୍କା ଭର୍ତ୍ତି କରିଚାଲନ୍ତି ଓ ପିତାମାତାଙ୍କ ଆର୍ଥିକ ସ୍ଥିତି ଠାରୁ ଯଥେଷ୍ଟ ଅଧିକ ସେମାନେ ଖର୍ଚ୍ଚ କରିବାରେ ଲାଗିପଡ଼ନ୍ତି । ଏହା ପଛରେ ମା'ର ଅନେକ ସମର୍ଥନ ରୁହେ । ଅନେକ ପ୍ରସଙ୍ଗ ବାପା ଜାଣିନଥାଏ କିନ୍ତୁ ପିଲା କରିଦିଏ ଓ ମା' ଜାଣି ମଧ୍ୟ ତାହାକୁ ଲୁଚାଇଥାଏ । ଯେତେବେଳେ ନେଡ଼ି ଗୁଡ଼ କହୁଣି ଛୁଏଁ ସେତେବେଳେ ବାପା ଦରକାର ହୁଏ । ଏହାର ଅନେକ ଉଦାହାରଣ ରହିଛି ।

କିଶୋର କିଶୋରୀମାନେ କ୍ରମଶଃ ଯୁବା ବୟସକୁ ଆସନ୍ତି । ଏହି ପ୍ରକ୍ରିୟା ମଧ୍ୟରେ ସେମାନେ ଅନେକ ଅମାନବୀୟ ଗୁଣକୁ ଆପଣାଇଥାନ୍ତି । ସମ୍ବେଦନଶୀଳତାକୁ ଦକ୍ଷ ପ୍ରତିଯୋଗୀ ହେବାର ଅନ୍ତରାୟ ବୋଲି ମନେ କରନ୍ତି । ବୃହତ କମ୍ପାନୀମାନଙ୍କ ସ୍ଲୋଗାନକୁ ସେମାନେ ପ୍ରଗତିର ରାସ୍ତା ଭାବନ୍ତି । ସେମାନେ କମ୍ପାନୀକୁ ନିଜର ଲକ୍ଷ୍ୟ ଓ କମ୍ପାନୀର ମୁଖ୍ୟଙ୍କୁ ନିଜର ଆଦର୍ଶ ମନେକରନ୍ତି । ସେମାନେ ସାଧାରଣ ଲୋକଙ୍କୁ ଅତି ହୀନ ମନେକରନ୍ତି । ବୁଲଡୋଜର ନେଇ ସେମାନଙ୍କ ଘର ଭାଙ୍ଗିବା ଲାଗି ଆଦୌ ପଛାନ୍ତି ନାହିଁ । ସାଧାରଣ ଲୋକଙ୍କୁ ପ୍ରଗତିର ଅନ୍ତରାୟ ବୋଲି ଦୃଢ଼ ଧାରଣା ରହିଯାଏ । ତାଙ୍କ ବାପାମା' ହୁଏତ ଏକ ଗ୍ରାମୀଣ ପରିବେଶ ମଧ୍ୟରୁ ଆସିଥିବେ । କିନ୍ତୁ ତାଙ୍କ ଜନ୍ମିତ ଛୁଆ ସେହି ପରିବେଶକୁ ଧ୍ୱଂସ କରିବା ଲାଗି ଆଗଭର ହୁଏ । ସେମାନେ ଏତେ ଉଚ୍ଚକୁ ଯାଇଥାନ୍ତି ଯେ ବାପାମା ସେହି ଉଚ୍ଚତାରେ ପହଞ୍ଚି ଛୁଆର କାନ ଧରି ଭଲ କ'ଣ ଓ ଖରାପ କ'ଣ କହିବାର ସୁଯୋଗ ଆଉ ରହିନଥାଏ ।

ପିତାମାତାଙ୍କ ଲାଗି ତାଙ୍କ ରୋଜଗାର ପିଲା କେବଳ ଏକ ଫୋନପେ ଆକାଉଣ୍ଟ । ବାପାମାଙ୍କ ଆବଶ୍ୟକତାକୁ ସେମାନେ ଅନଲାଇନ ମାଧ୍ୟମରେ ପୂରଣ କରିଥାନ୍ତି । ପିଲାମାନେ ରହୁଥିବା ସହର ଓ ବାପାମା ରହୁଥିବା ସହରର ସୁବିଧା ମଧ୍ୟରେ ଅନେକ ଫରକ ଥାଏ । ପିଲାଙ୍କୁ ତାହା ଅସୁବିଧା ସୃଷ୍ଟି କରେ । ଏହାପରେ ସେମାନେ ନିଜେ ନିଷ୍ପତ୍ତି ନେଇଯାନ୍ତି ଯେ ତାଙ୍କ ପିତା ବା ମା' କେତେ ବର୍ଷ ବଞ୍ଚିବା ଆବଶ୍ୟକ । ସେମାନେ କୁହନ୍ତି, 'ଅନେକ ବର୍ଷ ବଞ୍ଚିଗଲେଣି । ଏମିତି ବିନା ଉତ୍ପାଦନ କାର୍ଯ୍ୟରେ ବଞ୍ଚିରହିବା କ'ଣ ଆବଶ୍ୟକ ?' ମାନସିକ ଅପରାଧବୋଧ ବି ସେମାନଙ୍କୁ ଲାଗେଚ୍ଛ ନାହିଁ । ସେ ଭିତରୁ ଜଣକର ମୃତ୍ୟୁ ଖବର ପାଇବା ପରେ ଘରକୁ ମୃତ୍ୟୁକାଳୀନ ରୀତିନୀତି ପାଇଁ ଆସିଥାନ୍ତି । ଭାରତୀୟ ସଂସ୍କୃତିକୁ ବଞ୍ଚାଇବାର ଆଗ୍ରହ ସେମାନଙ୍କୁ ବିଦେଶରୁ ବା ବଡ଼ ସହରରୁ ଟାଣି ଆଣେ । ବାପା ମା ମଧ୍ୟରୁ ଦ୍ୱିତୀୟ ଜଣକ ଚାଲିଗଲା ପରେ ଛୋଟ ସହରର ସମ୍ପତ୍ତି ବିକ୍ରି କରି ନିଜେ ରହୁଥିବା ସହରରେ ଘର କିଣିନେଉଛନ୍ତି ।

ଦୁଇ ହଜାର ମସିହା ପରଠାରୁ ସହରର ସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଘଟୁଛି । ସେଦିନର ଶିଶୁ ଆଜି ନିଜ ଲାଗି ପୁଅ ବା ଝିଅ ବାଛୁଛି, ବିବାହ କରୁଛି । ଅଥଚ ସେମାନଙ୍କ ମଧ୍ୟରେ ଧୈର୍ଯ୍ୟ, ଭଲପାଇବା, ପରସ୍ପର ପ୍ରତି ସମ୍ମାନ ଓ ମାନବିକତା ଅଭାବରୁ ସେମାନଙ୍କ ପରିବାର ବହୁ ଶୀଘ୍ର ଭାଙ୍ଗି ଯାଉଛି । ସେହି ବାପା ଓ ମା'ମାନେ ନିଜ ଜୀବନର ଅନୁଭୂତିରୁ ଶିଖୁନାହାନ୍ତି । ଯଦି ପରିବାର ରହିଯାଉଛି ତେବେ ସେମାନେ ନିଜର ଏକ ମାତ୍ର ସନ୍ତାନକୁ ନୂଆ ରୋବୋର୍ଟ ଭାବରେ ତିଆରି କରୁଛନ୍ତି । ଏହି ସମସ୍ତ ସ୍ଥିତି ଲାଗି ଦେଶର ଆର୍ଥିକ ବ୍ୟବସ୍ଥା ଦାୟୀ । ଏହା ବିରୁଦ୍ଧରେ ଯଦି ସାମାଜିକ ଆନ୍ଦୋଳନ ତିଆରି ହେବ ତେବେ ଆମକୁ ନିଶ୍ୱାସ ନେବା ଲାଗି କିଛି ବଞ୍ଚିବ ନହେଲେ ପ୍ରକୃତିର ଅନେକ କିଛି ଏହି ନୂତନ ପିଢ଼ି ହାତରେ ଧ୍ୱଂସ ହୋଇଯିବ ।

ଦେବ ରଞ୍ଜନ
ମୋବାଇଲ -୯୪୩୭୭୬୨୨୭୨




## ଚୌଦ୍ୱାରରେ ଚାଲିଥିଲା ଚିଟଫଣ୍ଡ

# ୪୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା କାରବାର ଆଶଙ୍କା

**ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଥାନାରେ ମାମଲା ରୁଜ୍ଜୁ**

**ଜଣେ ରଙ୍ଗ ଦୋକାନୀ ଓ ମହିଳା ଥିଲେ ମୁଖ୍ୟ କାର୍ପଟଦାର**

**ଚିଟଫଣ୍ଡ ଶିକାର ଲୋକଙ୍କୁ ଏତଲା ଦେବାକୁ ଆଇଆଇସିଙ୍କ ଆହ୍ୱାନ**

**ତଦନ୍ତ କରିବା ପାଇଁ ସ୍ୱତନ୍ତ୍ର ଏସଆଇ ନିୟୋଜିତ**

**ଘଟଣାର ତଦନ୍ତ ଇଓଡବ୍ଲୁକୁ ଦିଆଯିବ ବୋଲି କହିଲେ ଆଇଆଇସି**




**ଚୌଦ୍ୱାର (ଏନ୍.ଏମ୍.):** ଜିଅଳ ପକାଇ ଶେଉଳ ଧରିବାର ଅନ୍ୟନାମ ଚିଟଫଟ। ଅର୍ଥାତ ଅଳ୍ପ ଟଙ୍କା ବିନିଯୋଗ କରି ଅଧିକ ଲାଭ ପାଇବାର ଲୋଭ ଦେଖାଇ ଜନସାଧାରଣଙ୍କୁ ଲୁଟିବା ଏବଂ ସାଧାରଣ ଜନତାଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏଭଳି ଚକ୍ରାନ୍ତର ଶିକାର ହେବା ଭଳି ଘଟଣା ନୂଆ ନୁହେଁ। ମାତ୍ର ଚୌଦ୍ୱାର ଭଳି ଗୋଟିଏ ଛୋଟିଆ ଅଞ୍ଚଳରେ ଜନସାଧାରଣଙ୍କୁ ଭୁଆଁ ବୁଲାଇ କୋଟି କୋଟି ଟଙ୍କା ହଡ଼ପ କରିବା ଚର୍ଚ୍ଚାର ବିଷୟ ହୋଇଛି। ଗୋଟିଏ ପଟେ ସରକାର ଚିଟଫଣ୍ଡ ମାମଲାର ଫଇସଲା କରି କ୍ଷତିଗ୍ରସ୍ତ ଲୋକଙ୍କୁ ଟଙ୍କା ଫେରାଇବା ଉଦ୍ୟମ କରୁଥିବାବେଳେ ପୁଣି ନୂଆ ଚିଟଫଣ୍ଡ ମୁଣ୍ଡ ଟେକିବା ସରକାର ତଥା ପ୍ରଶାସନର ବିଫଳତା ବୋଲି କୁହାଯାଉଛି। କଟକ ଜିଲ୍ଲା ଚୌଦ୍ୱାର ଅଞ୍ଚଳରେ କିଛି ଲୋକ ଏକାଠି ହୋଇ ଅଞ୍ଚଳର ବହୁ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଚୂନ ଲଗାଇଥିବା ଘଟଣା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ହେଲେ ବିନିଯୋଗ ହୋଇଥିବା ଟଙ୍କା ବୁଡ଼ି ଯିବା ଭଳି ଆଶଙ୍କା ହେବାରୁ ସମ୍ପୃକ୍ତ ଗୋଷ୍ଠୀଙ୍କୁ ଯୋଗାଯୋଗ କରିବା ପରେ ସେମାନେ ଘରକୁ ଡାକି ବିଭିନ୍ନ ଅପରାଧରେ ଫସାଇବା ଭଳି ଉଦ୍ୟମ କରିବା ପରେ ଏହି ଘଟଣା ଏବେ ପଦାରେ ପଡ଼ିଛି। ଏହି ଗୋଷ୍ଠିରେ ୨ଜଣ ମୁଖ୍ୟ କାର୍ପଟଦାର ଥିବାବେଳେ ଜଣେ ରଙ୍ଗ ବ୍ୟବସାୟୀ ଓ ଅନ୍ୟଜଣେ ମହିଳା। ତେବେ ଏମାନଙ୍କ ଦ୍ୱାରା ଚକ୍ରାନ୍ତର ଶିକାର ହୋଇ କୋଟି କୋଟି ଟଙ୍କା ହରାଇବା ପରେ ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରିବା ଏବଂ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଜଣେ ଆଇନଜୀବୀଙ୍କ ନିକଟରେ ନ୍ୟାୟ ପାଇବା ପାଇଁ ପଠାଇବା ପରେ ଏହି ଘଟଣା ସମଗ୍ର ଚୌଦ୍ୱାର ଅଞ୍ଚଳରେ କାହିଁକି ଜିଲ୍ଲାରେ ହଇଚଇ ସୃଷ୍ଟି କରିଛି। ତେବେ ଏ ନେଇ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ହାଇକୋର୍ଟରେ ରିଟ ପିଟସନ ୧୩୬୬/୨୫ ଦାଖଲ କରି ଘଟଣାର ପର୍ଦ୍ଦାଫାସ କରିଛନ୍ତି। ଏହାପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଚୌଦ୍ୱାର ଥାନାରେ କେଶ ନମ୍ବର ୭୪୨/୨୫ ଏବଂ ୭୪୪/୨୫ ଦୁଇଟି ମାମଲା ରୁଜ୍ଜୁ ହୋଇଛି। ମାମଲା ଅନୁଯାୟୀ ବିଭିନ୍ନ ରୋଚକ ତଥ୍ୟ ମଧ୍ୟ ପଦାକୁ ଆସିଛି।

### କେମିତି ରଙ୍ଗ ଦୋକାନୀ ଲୋଭ ଦେଖାଇ ଲୁଟୁଥିଲେ ଟଙ୍କା:

ବିଶେଷ କରି ମଙ୍ଗୁଳି ମାର୍କେଟରେ ଏକ ରଙ୍ଗ ଦୋକାନ କରିଥିଲେ। ରଙ୍ଗ ଦୋକାନକୁ ଆସୁଥିବା ଗ୍ରାହକମାନେ ବିଶେଷ କରି ଭଲ ପଇସାବାଲା ହୋଇଥିବାରୁ ସେମାନଙ୍କୁ କିଭଳି ଜାଲରେ ପକାଇବେ ସେ ନେଇ ତିଆରି କରିଥିଲେ ଏକ ସ୍ୱତନ୍ତ୍ର ଯୋଜନା। ରଙ୍ଗ କିଣୁଥିବା ଗ୍ରାହକଙ୍କୁ ଲକିଡ୍ର ଜରିଆରେ ପୁରସ୍କାର ମିଳିବା ଲୋଭ ଦେଖାଇ ସେମାନଙ୍କ ଠାରୁ ମୋବାଇଲ ନମ୍ବର ଓ ଠିକଣା ସଂଗ୍ରହ କରିଦେଉଥିଲେ। ଉକ୍ତ ଗ୍ରାହକଙ୍କୁ ତାଙ୍କ ଗୋଷ୍ଠୀରେ ଥିବା ମହିଳା ଫୋନ କରି ଲକି ଡ୍ର ସମ୍ପର୍କରେ କହିବା ସହ ସେମାନଙ୍କ ଘରକୁ ଯାଇ ସମ୍ପର୍କ ଦୃଢ଼ କରୁଥିଲେ। ଏହାପରେ ବିର୍ଲା ଫାଇନାନ୍ସ କମ୍ପାନୀର ନାମ ଦେଇ ସେଠାରେ ଟଙ୍କା ବିନିଯୋଗ କଲେ ବହୁ ଅର୍ଥ ମିଳିବ ବୋଲି ପ୍ରତିଶ୍ରୁତି ଦେଉଥିଲେ। ସେମାନଙ୍କ ଠାରୁ ମାତ୍ର ଲକ୍ଷେ ଟଙ୍କା ନେଇ ଲଗାତାର ଭାବେ କିଛି ସପ୍ତାହ ସେମାନଙ୍କ ଆକାଉଣ୍ଟକୁ ସାପ୍ତାହିକ ୭ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଦେଇ ବିଶ୍ୱାସକୁ ଅଧିକ ବଳିଷ୍ଠ କରି ସେମାନଙ୍କ ଠାରୁ କୋଟି କୋଟି ଟଙ୍କା ଆଦାୟ କରିବାରେ ସଫଳ ହୋଇଥିଲେ।

### କିଏ ସାମିଲ ଥିଲେ ତାଙ୍କ ଗୋଷ୍ଠୀରେ:

ଚୌଦ୍ୱାର ଅଞ୍ଚଳର ପ୍ରମୋଦ ଜେନା ନାମକ ଜଣେ ରଙ୍ଗ ଦୋକାନୀ ସହିତ ଚୌଦ୍ୱାର ଅଞ୍ଚଳରେ ଭଡ଼ାରେ ରହୁଥିବା ବିଷ୍ଣୁପ୍ରିୟା ସାମନ୍ତରାୟ ନାମ୍ନୀ ମହିଳା ଏହି ଗୋଷ୍ଠୀର ମୁଖ୍ୟ କାର୍ପଟଦାର ଥିଲେ। ସେ ପ୍ରଥମେ ପ୍ରଥମେ କିଛି ଲୋକଙ୍କୁ ସାମିଲ କରି କିଛି ସପ୍ତାହ ପର୍ଯ୍ୟନ୍ତ ଠିକ୍ ଠାକ୍ ସେମାନଙ୍କ କମିଶନି ମଧ୍ୟ ଦେଇ ସେମାନଙ୍କୁ ଏହି କାର୍ଯ୍ୟ ଅଧିକ ବଢ଼ାଇବା ପାଇଁ ପ୍ରବର୍ତ୍ତାଉଥିଲେ।

### କେମିତି ଚାଲିଥିଲା ଏହି କାରନାମା:

ବିଶେଷ କରି ଚୌଦ୍ୱାର ଅଞ୍ଚଳର କିଛି ଲୋକଙ୍କୁ କିଛି ସପ୍ତାହ ପର୍ଯ୍ୟନ୍ତ ଲକ୍ଷେ ଟଙ୍କା ନେଇ ୧୦ହଜାର ଟଙ୍କା ଦେଉଥିବାବେଳେ ଏବିଷୟରେ କାହାକୁ ନକହିବାକୁ ମଧ୍ୟ ପରାମର୍ଶ ଦେଉଥିଲେ। ତେବେ ଲକ୍ଷେ ଟଙ୍କାରେ ୧୦ହଜାର ସପ୍ତାହକୁ ପାଉଥିବାଲୋକେ ଅଧିକ କିଛି ପାଇବା ପାଇଁ ସେମାନେ ସେମାନଙ୍କ ପଡୋଶୀମାନଙ୍କୁ ଲକ୍ଷେ ଟଙ୍କାରେ ୫ହଜାର ଟଙ୍କା ଦିଆଯିବ ବୋଲି କହି ବହୁ ଲୋକଙ୍କ ଠାରୁ ଟଙ୍କା ଆଣି ଏଠାରେ ଜମା କରିଥିଲେ। ମାତ୍ର କିଛି ଦିନ ଏଭଳି କାରନାମା ଚାଲିବା ପରେ ଯେତେବେଳେ ଆଉ ନୂଆ ଗ୍ରାହକ ନଜୁଟିଲେ ସେତେବେଳେ ସେମାନଙ୍କୁ ଆଉ ପଇସା ମିଳିଲା ନାହିଁ। ଫଳରେ ଏଜେଣ୍ଟ ସାଜି ଲକ୍ଷ ଲକ୍ଷ ଟଙ୍କା ନେଇ ସେଠାରେ ଜମା କରୁଥିବା ଲୋକଙ୍କୁ ଅନ୍ୟ ବିନିଯୋଗକାରୀମାନେ ଧରିଥିଲେ। ହେଲେ ଏହି ଗୋଷ୍ଠୀର ରଙ୍ଗଦୋକାନୀ ଓ ମହିଳା ଜଣକ କମ୍ପାନୀ ଟଙ୍କା ଦେଇନି ଦେଲେ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଉଥିଲେ। ଏଥି ସହିତ ଥାନା କୋର୍ଟ କଚେରୀକୁ ଗଲେ ଏହି ଟଙ୍କା ମିଳିବ ନାହିଁ ବୋଲି ଧମକ ମଧ୍ୟ ଦେଉଥିଲେ। ଚୌଦ୍ୱାର ଯାଜପୈରବ ନୂଆ ଗାଁର ଅସିତ କୁମାର ମହାପାତ୍ର ୨କୋଟି ୪୦ଲକ୍ଷ ଟଙ୍କା ଓ ଚାରବାଟୀଆ ରେଲୱେ କଲୋନୀର ସ୍ମିତାରାଣୀ ବାରିକଙ୍କ ଠାରୁ ୧୫ଲକ୍ଷ ୫୦ହଜାର ଟଙ୍କା ସେମାନେ ନେଇଥିବା ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ତେଣୁ ଏ ମାମଲରେ ଅନେକ ଲୋକ ଶିକାର ହୋଇଥିଲେ ମଧ୍ୟ ଟଙ୍କା ବୁଡ଼ିଯିବା ଭୟରେ ମୁହଁ ଖୋଲୁ ନାହାନ୍ତି। ଏମିତିକି ୪୦କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା କାରବାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣାରେ ଶିକାର ଅନ୍ୟଲୋକମାନେ ଥାନାରେ ଏତଲା ଦେଲେ ତାହା ଗ୍ରହଣ କରାଯିବ ବୋଲି ଚୌଦ୍ୱାର ଥାନା ଆଇଆଇସି ଦୀପକ କୁମାର ଖଣ୍ଡାୟତ ରାୟ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏ ଘଟଣାର ତଦନ୍ତ କରିବା ପାଇଁ ଜଣେ ସବଇନ୍ସପେକ୍ଟରଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଛି। ଏହି ଅର୍ଥ କାରବାର ଅତି ଅଧିକ ଥିବାରୁ ସମସ୍ତଙ୍କ ଏତଲା ପରେ ଏହାକୁ ତଦନ୍ତ କରିବା ନିମନ୍ତେ ଇଓଡବ୍ଲୁକୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ଶ୍ରୀ ଖଣ୍ଡାୟତରାୟ କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ଅଧିକ ତଦନ୍ତ କରାଗଲେ ଏକ ବଡ଼ ଚିଟଫଣ୍ଡ ଠକେଇ ଘଟଣାର ପର୍ଦ୍ଦାଫାସ ହୋଇପାରିବ।

## କୋଟିଆରେ ପଶିଲେ ବନ୍ଧାହେବେ ଆନ୍ଧ୍ର ଅଧିକାରୀ

## ଗଞ୍ଜେଇପଦର, ଦେଓମାଳି ଜଗନ୍ନାଥ ମନ୍ଦିରର ନବୀକରଣ ହେବ

**ଭୁବନେଶ୍ୱର(ଏନ୍.ଏମ୍.):** କୋଟିଆ ଉପରେ ଆନ୍ଧ୍ରପ୍ରଦେଶର ଲୋଲୁପ ଦୃଷ୍ଟି ନେଇ ଗର୍ଜିଛନ୍ତି ରାଜସ୍ୱ ମନ୍ତ୍ରୀ। ଆନ୍ଧ୍ର ସବୁବେଳେ କୋଟିଆରେ ପ୍ରବେଶ କରି ଲୋକଙ୍କୁ ଭଡ଼କାଉଛି। ଆଉ କୋଟିଆକୁ ନିଜ ରାଜ୍ୟରେ ସାମିଲ କରିବା ପାଇଁ ଗୋଟିଏ ପରେ ଗୋଟିଏ ଚକ୍ରାନ୍ତ ଚଳାଇ ଆସିଛି। କେତେବେଳେ ସରକାରୀ ଯୋଜାନ ଯୋଗାଇ ଦେଉଛି ତ ଆଉ କେତେବେଳେ ନିର୍ବାଚନ କରି ସେଠାରେ ଜନପ୍ରତିନିଧି ତିଆରି କରି ଓଡ଼ିଶା ବିରୋଧରେ ଲୋକଙ୍କୁ ଉସକାଉଛନ୍ତି। ତେବେ ଏସବୁ ଆଉ ଚଳିବ ନାହିଁ ବୋଲି କହିଛନ୍ତି ରାଜସ୍ୱମନ୍ତ୍ରୀ କୋଟିଆର ମା' ଓଡ଼ିଶା, ମାଉସୀ ହେଉଛି ଆନ୍ଧ୍ରପ୍ରଦେଶ। ମା' ଥିଲା ଯାଏଁ ମାଉସୀର ଆବଶ୍ୟକତା ନାହିଁ। କୋଟିଆ କାଲି ବି ଓଡ଼ିଶାର ଥିଲା, ଆଜି ବି ଓଡ଼ିଶାର ଅଙ୍ଗ ହୋଇ ରହିଛି। ଏଣିକି କୋଟିଆରେ ପଶିଲେ ଆନ୍ଧ୍ର ଅଧିକାରୀ ବନ୍ଧା ହେବେ। କୋଟିଆ ସୀମା ବିବାଦ ସଂପର୍କରେ ଆନ୍ଧ୍ର ସହ ଆଲୋଚନା କରାଯିବ। ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରି କୋଟିଆ ଲୋକଙ୍କ ହୃଦୟ ଜିଣିବା ପାଇଁ ପରାମର୍ଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଲୋକସେବା ଭବନରେ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରୁ ଜଣାପଡ଼ିଛି ଯେ, କୋରାପୁଟ ଉପଜିଲ୍ଲାପାଳ ବର୍ତ୍ତମାନ କୋଟିଆର ନୋଡାଲ୍ ଅଧିକାରୀଭାବେ କାର୍ଯ୍ୟ କରୁଛନ୍ତି। ଜଣେ ଓଏଏସ୍ ଅଫିସରଙ୍କୁ ଓଏସଡି ଭାବେ ନିଯୁକ୍ତି ଦେବାକୁ ପଦକ୍ଷେପ ନିଆଯାଇଛିକ୍ଷ ଜିଲ୍ଲାପାଳଙ୍କ 'ବିକଶିତ କୋଟିଆ' ଯୋଜନା ଆଧାରରେ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ମହିଳା ଓ ଯୁବକଙ୍କୁ ବିଶେଷ ତାଲିମ ପ୍ରଦାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କୋଟିଆର ଛାତଛାତ୍ରୀଙ୍କ ପ୍ରବେଶ ପାଇଁ ପ୍ରବେଶିକା ପରୀକ୍ଷାର ନିୟମ କୋହଳ କରିବା ବିଚାରାଧୀନ ଅଛି। ମେଧାବୀ ଛାତ୍ରଛାତ୍ରୀଙ୍କୁ ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷା ପରେ ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱରରେ ସୁବିଧାସୁଯୋଗ ଦିଆଯିବ। ଆଗାମୀ ଶିକ୍ଷାବର୍ଷ ପୂର୍ବରୁ କୋଟିଆରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଶେଷ ହେବା ଉପରେ ଗୁରୁତ୍ୱ ଦିଆଯାଇଛି। କୋଟିଆରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୂପାନ୍ତର ସହ ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି ଓ ଭେଷଜ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ। କୋଟିଆ ଓ ଦେଓମାଳିକୁ ରାସ୍ତା ସଂଯୋଗ କାର୍ଯ୍ୟ ଯଥା ସମୟରେ ଶେଷ କରିବା, ଦେଓମାଳିକୁ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ସମୃଦ୍ଧ କରିବା ପାଇଁ ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜେଇପଦର ଓ ଦେଓମାଳି ଜଗନ୍ନାଥ ମନ୍ଦିରର ନବୀକରଣ ସହ ଆଗାମୀ ରଥଯାତ୍ରାକୁ ଅଧିକ ବର୍ଣ୍ଣାଢ୍ୟ ଭାବେ ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




## ଏଆଇଡିଏସଓର ୭୨ତମ ପ୍ରତିଷ୍ଠା ଦିବସରେ ସରକାରୀ ଶିକ୍ଷା ବଞ୍ଚାଇବା ପାଇଁ ଆହ୍ୱାନ




**କଟକ(ଏନ୍.ଏମ୍):** ଏଆଇଡିଏସଓ ୭୨ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଜାତୀୟ ଶିକ୍ଷା ନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରି ସରକାରୀ ଶିକ୍ଷାକୁ ରକ୍ଷା କରିବା, ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ-୨୦୨୫ ପ୍ରତ୍ୟାହାର କରିବା, ଉନ୍ନାଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ସହିତ କ୍ୟାମ୍ପସ ଭିତରେ ଓ ବାହାରେ ଛାତ୍ରୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ପ୍ରାକୃତିକ ସଂପଦ ଆରାବଳୀ ପର୍ବତମାଳା ସମେତ ଜଙ୍ଗଲ, ଜଳ ଓ ଜମିକୁ ପୁଞ୍ଜିପତିଙ୍କୁ ପ୍ରଦାନ ବନ୍ଦ କରିବା, ବନ୍ଦ ହୋଇଥିବା ସମସ୍ତ ବିଦ୍ୟାଳୟକୁ ତୁରନ୍ତ ଖୋଲିବା, ଚାରି-ବର୍ଷିଆ ଡିଗ୍ରୀ କୋର୍ସକୁ ପ୍ରତ୍ୟାହାର କରିବା, ଶିକ୍ଷାନୁଷ୍ଠାନଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ-ଅଧ୍ୟାପକ ନିଯୁକ୍ତି କରିବା ଏବଂ ଜାତିଗତ, ସାମ୍ପ୍ରଦାୟିକ, ଭାଷାଗତ, ପ୍ରାଦେଶିକ ତଥା ଅନ୍ୟାନ୍ୟ ବିଭେଦକାମୀ ମାନସିକତା ଦୂର କରିବାକୁ ପଦକ୍ଷେପ ଗ୍ରହଣ କରିବା ଦାବିରେ ଶକ୍ତିଶାଳୀ ଛାତ୍ର ଆନ୍ଦୋଳନ ଗଢିତୋଳିବାକୁ ଆହ୍ୱାନ ଦିଆଯାଇଛି। ଏଆଇଡିଏସଓ କେନ୍ଦ୍ରୀୟ ପରିଷଦର ସାଧାରଣ ସମ୍ପାଦକ ଶିବାଶିଷ ପ୍ରହରାଜ ଲାଲପତାକା ଉତ୍ତୋଳନ କରି ଆଜିର ଛାତ୍ର ସମାବେଶକୁ ଉଦଘାଟନ କରିଥିଲେ। ତା'ପରେ ସହିଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏଆଇଡିଏସଓ ଓଡ଼ିଶା ରାଜ୍ୟ ଉପ-ସଭାପତି ଭଗ୍ୟରବି ଦାସ, ରାଜ୍ୟ ସମ୍ପାଦକ ମଣ୍ଡଳୀ ବିନୋଦ ସେଠୀ, କଟକ ଜିଲ୍ଲା ସଭାପତି ଇଶା ଧର ଓ ଜିଲ୍ଲା ସମ୍ପାଦକ ତରୁଣସେନ ନାୟକ ସହିଦ ବେଦୀରେ ମାଲ୍ୟଦାନ କରିଥିଲେ। ସମାବେଶର ମୁଖ୍ୟବକ୍ତା ଭାଗ୍ୟରବି ଦାସ ସ୍ୱାଧୀନତା ଆନ୍ଦୋଳନର ଆପୋଷହୀନ ଧାରାର ଅନ୍ୟତମ ଯୋଦ୍ଧା ତଥା ବିଶିଷ୍ଟ ଦାର୍ଶନିକ ଶିବଦାସ ଘୋଷଙ୍କ ଆଦର୍ଶରେ ଅନୁପ୍ରାଣିତ କିଛି ହାତଗଣତି ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୯୫୪ ମସିହା ଡିସେମ୍ବର ୨୮ ତାରିଖରେ ଏଆଇଡିଏସଓର ପ୍ରତିଷ୍ଠାଠାରୁ ଆରମ୍ଭ କରି ସଂଗଠନର ଦୀର୍ଘ ସାତ ଦଶନ୍ଧୀର ସଂଗ୍ରାମୀ ଇତିହାସ ବର୍ଣ୍ଣନା କରିବା ସହ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାରୁ ବଞ୍ଚିତ କରିବାକୁ କରିଥିବା ବିଭିନ୍ନ ଷଡଯନ୍ତ୍ର ବିଷୟରେ ଆଲୋଚନା କରିଥିଲେ। କଟକ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିବା ଏହି କାର୍ଯ୍ୟକ୍ରମରେ ସଂଗଠନର ଜିଲ୍ଲା ଉପ-ସଭାପତି ଶିବାନୀ ସାହୁ, କୋଷାଧ୍ୟକ୍ଷ ଶୁଭସ୍ମିତା ସାହୁ, ଜିଲ୍ଲା କମିଟି ସଭ୍ୟ ଅମରେନ୍ଦ୍ର ନାୟକ, ଭାଗ୍ୟଶ୍ରୀ ପ୍ରଧାନ, ଜ୍ୟୋସ୍ନାରାଣୀ ଦାସ, ସରୋଜ ମାନସିଂହ, ରାଜେଶ ରାଉତ, ମୁସକାନ ତବସୁମ, ସତ୍ୟବ୍ରତ ମୁଦୁଲି, ରାଜେଶ ନାୟକ, ସରୋଜ ବେହେରା, କସକ ଜେନା, ଗାୟତ୍ରୀ ସାହୁ ଓ ସୁଶ୍ରୀ ସର୍ଜନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରଫେସର ଡା. ନିମାଇଁ ଚରଣ ପରିଜାଙ୍କର ଦୁଇଟି ପୁସ୍ତକ ଉନ୍ମୋଚିତ

**କଟକ(ଏନ୍.ଏମ୍.) :** ସ୍ଥାନୀୟ ବିଜୁପଟ୍ଟନାୟକ ଛକ ସ୍ଥିତ ସାରଳା ଭବନ ଠାରେ ସାରଳା ସାହିତ୍ୟ ସଂସଦ ଆନୁକୁଲ୍ୟରେ ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ପ୍ରଫେସର ଡା. ନିମାଇଁ ଚରଣ ପରିଜାଙ୍କ ରଚିତ ଆଧାମ୍ରିକ ପୁସ୍ତକ 'ଗଣମାନସରେ ଦେବତା' ଓ ଭ୍ରମଣ କାହାଣୀ 'ଅମରନାଥରୁ ଆଣ୍ଡାମାନ ଓ ବିଦେଶ ଭ୍ରମଣ' ପୁସ୍ତକ ଦୁଇଟିର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ.ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଚିନ୍ମୟ ମିଶନର ଆଞ୍ଚଳିକ ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ପୁସ୍ତକ ଦୁଇଟିକୁ ଉନ୍ମୋଚନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ତଥା ସାହିତ୍ୟ ସମାଲୋଚକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖିକା ତଥା ପ୍ରାବନ୍ଧିକା ପ୍ରଫେସର ଡ. ଚିନ୍ମୟୀ ମହାପାତ୍ର ଯୋଗ ଦେଇଥିଲେ। ଉଦ୍ଘାଟକ ସ୍ୱାମୀ ସଦାନନ୍ଦ ସରସ୍ୱତୀ କହିଲେ, ମାନବ ଜାତିକୁ ଶୃଙ୍ଖଳିତ କରିବା ପାଇଁ ପୁସ୍ତକ ହିଁ ଏକମାତ୍ର ମାଧ୍ୟମ। ମାଆ ପ୍ରତି ଥିବା ଭକ୍ତିଭାବନାରେ ଐଶ୍ୱରୀୟ ଚେତନାକୁ ଉପଲବ୍ଧି ଓ ଅନୁଭବ କରିହୁଏ। ଡ. ପରିଜାଙ୍କ 'ଗଣମାନସରେ ଦେବତା' ପୁସ୍ତକ ମାନବୀୟ ଚେତନାର ପରିପ୍ରକାଶରେ ସହାୟ ହେବ। ମୁଖ୍ୟଅତିଥି ପ୍ରଫେସର ସାମଲ କହିଲେ, ଗଣମାନସରେ ଦେବତା ପୁସ୍ତକ ଏକ ଶୁଦ୍ଧ ମାନବିକ ସଂକଳ୍ପ ଓ ସନାତନ ଆଧାତ୍ମିକ ଚେତନା ଏବଂ ବିଶ୍ୱଭାବର ଏକ ମୃଣ୍ମୟ ଆଲେଖ୍ୟ। ମାଟି, ସଂସ୍କୃତି ଓ ମାନବବାଦର ଅପୂର୍ବ ସମନ୍ୱୟ ତାଙ୍କ ପୁସ୍ତକ ଦ୍ୱୟରେ ଦେଖିବାକୁ ମିଳେ। ମୁଖ୍ୟବକ୍ତା ଡ. ମହାପାତ୍ର କହିଲେ, ଗଣମାନସରେ ଦେବତା ପୁସ୍ତକଟି ସାଧୁସନ୍ଥଙ୍କ ଆବିର୍ଭାବ ଓ ସେମାନଙ୍କ ମାର୍ଗଦର୍ଶନ ସମ୍ପର୍କରେ ସୂଚନା ପ୍ରଦାନ କରିବ। ଲେଖକ ଡ. ପରିଜା ଭାରତ ତଥା ବିଶ୍ୱର ଆଧାତ୍ମିକ ଯୋଗସିଦ୍ଧ ସାଧୁସନ୍ଥ ଓ ଧର୍ମ ପ୍ରଚାରକଙ୍କ ଜୀବନୀ, ସେମାନଙ୍କ ଆଧାତ୍ମିକ ସାଧନାକୁ ଯେପରି ଭାବରେ ଉପସ୍ଥାପନା କରିଛନ୍ତି, ତାହା ବାସ୍ତବିକ ପ୍ରଶଂସନୀୟ। ନାଟ୍ୟକାର ସଂଜିତ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରି ପୁସ୍ତକ ଦ୍ୱୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁବାଦକ ରଘୁନାଥ ମହାପାତ୍ର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଗୀତାଞ୍ଜଳି ମହାପାତ୍ର, ବ୍ରଜକିଶୋର ବେଉରା ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

## ବିଜେପି ନେତାଙ୍କ ନାମରେ ଏତଲା ଦେଲେ କର୍ମୀ

**କଟକ(ଏନ୍.ଏମ୍.):** କଟକର ଜଣେ ବରିଷ୍ଠ ବିଜେପି ନେତାଙ୍କ ବିରୋଧରେ ଥାନାରେ ଏତଲା ହେବା ଘଟଣା ଏବେ ଚର୍ଚ୍ଚାର ପରିସରକୁ ଆସିଛି। ବିଜେପିର ବରିଷ୍ଠ ନେତା ତଥା ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତିଙ୍କ ନାମରେ ମାଲଗୋଦାମ ଥାନାରେ ଜଣେ ମହିଳା ବିଜେପି କର୍ମୀ ସଂଗୀନ ଅଭିଯୋଗ ଆଣିଛନ୍ତି। କଟକ କଲେଜଛକ ପାଟରା ସାହି ଅଞ୍ଚଳର ରଞ୍ଜିତା ନାୟକ ନାମ୍ନୀ ମହିଳା ଜଣଙ୍କ ଏଭଳି ସଂଗୀନ ଅଭିଯୋଗ ଆଣି ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ଏପରିକି ତାଙ୍କ ଉପରେ ଏସିଡ ପକାଇବା ଓ ଗାଡ଼ି ଚଢ଼ାଇ ମାରିଦେବାକୁ ମଧ୍ୟ ଧମକ ଦିଆଯାଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ତେବେ ଏଭଳି ଘଟଣା ଘଟିଛିଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ନେଇ। ଜେଇ ବଳରାମ ସ୍ୱାଇଁଙ୍କୁ ଶ୍ରୀ ମହାନ୍ତି କଟକକୁ ବଦଳି କରି ଆଣିବା ସହ ତାଙ୍କ ଜରିଆରେ ନିଜ କାମ ହାସଲ କରୁଥିଲେ। ମାତ୍ର କୌଣସି କାରଣ ଯୋଗୁଁ ରଞ୍ଜିତା ସମ୍ପୃକ୍ତ ଜେଇଙ୍କ ନାମରେ ଏତଲା ଦେଇଥିଲେ। ଫଳରେ ଏହା ନୟନଙ୍କ କ୍ରୋଧର କାରଣ ହୋଇଥିବା ଜଣାପଡ଼ିଛି।

## ଗୋଟିଏ ଆଖି ନଥାଇବି ମିଳୁନାହିଁ ଭତ୍ତା

**ସୁବର୍ଣ୍ଣପୁରର (ଏନ୍.ଏମ୍.):** ସରକାର ସମସ୍ତ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପ୍ରତାରଣାରେ ପରିଣତ ହୋଇଛି। ଏପରିକି ଜଣେ ଯୁବତୀଙ୍କ ଗୋଟିଏ ଆଖି ନଥାଇ ମଧ୍ୟ ସେ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଗୋଟିଏ ପଟେ ସରକାର ସବକା ସାଥ ସବକା ବିକାଶ ବୋଲି ଡିଣ୍ଡିମ ପିଟୁଥିବାବେଳେ ଏହି ଯୁବତୀଙ୍କ କ୍ଷେତ୍ରରେ ସରକାରଙ୍କ ଘୋଷଣା କେବଳ କୁମ୍ଭୀର କାନ୍ଦଣା ସଦୃଶ ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଅଧିନସ୍ଥ ଖେମାଲୋଏ ଏଚ ତେନ୍ତୁଳି ଖୋଲ ଗାଁରେ। ଯାହା ସ୍ଥାନୀୟ ପ୍ରଶାସନର ଖାମଖିଆଲି ନୀତିକୁ ସ୍ପଷ୍ଟ କରୁଛି। ଏହି ଗ୍ରାମର ୨୦ ବର୍ଷୀୟା ଯୁବତୀ ବାସନ୍ତି ହାତୀଙ୍କ ଦୁଃଖଭରା କାହାଣୀ ଅତ୍ୟନ୍ତ ଦୟନୀୟ। ଜନ୍ମରୁ ତାଙ୍କର ଗୋଟିଏ ଆଖି ନାହିଁ ଏବଂ ପିଲାଟି ଦିନରୁ ବାପା ମାଙ୍କୁ ହରାଇ ବହୁ କଷ୍ଟରେ ଜୀବନ ଅତିବାହିତ କରନ୍ତି। ଦେଖା ଯାଉନଥିବା ସେ ଆଖିରୁ ରକ୍ତ ପଡୁଥିବାରୁ ବଡ଼ବଡ଼ ସରକାରୀ ଡାକ୍ତରଖାନାମାନଙ୍କରେ ଚିକିତ୍ସିତ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ବାସନ୍ତି ପିଲାଟି ଦିନରୁ ମା' ବାପାଙ୍କୁ ହରାଇ ଭାଗ୍ୟକୁ ଆଦରି ରହିଥିଲେ ସୁଦ୍ଧା ତାଙ୍କ ପାଇଁ ସରକାରୀ ସହାୟତା ଅପହଞ୍ଚ ହୋଇ ରହିଛି। ବାସନ୍ତି ଏ ନେଇ ସ୍ଥାନୀୟ ସରପଞ୍ଚ ଯଶୋବନ୍ତ ପଣ୍ଡାଙ୍କ ଗୋଡ ଧରି ନେହୁରା ହେଲେ ମଧ୍ୟ ତାଙ୍କୁ କୌଣସି



ପ୍ରକାର ସହାୟତା ମିଳୁନଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବାସନ୍ତୀଙ୍କ ଗୋଟିଏ ଆଖି ନଥାଇ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ମାତ୍ର ୩୦%ର ପ୍ରମାଣ ପତ୍ର ରହିଥିବାରୁ ସେ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ତେଣୁ ବାସନ୍ତୀ ନିଜ ପେଟକୁ ମୁଠାଏ ଦାନା ଯୋଗାଡ଼ କରିବା ତଥା ଔଷଧ ଖର୍ଚ୍ଚ ପାଇଁ ଦୁଃଖକୁ ଛାତିରେ ଚାପିଧରି ନିଜ ଗାଁର ସ୍ତ୍ରୀଲୋକଙ୍କ ସହିତ ପାଖ ଜଙ୍ଗଲକୁ ଯାଇ କିଛି ଶାଳ ପତ୍ର ଆଣି ସେଥିରେ ଖଲି ଦନା ତିଆରି କରି ବିକ୍ରିକରି ଗୁଜୁରାଣ ମେଣ୍ଟାଉଛନ୍ତି। ତେଣୁ ତାଙ୍କ ଭଳି ଗୋଟିଏ ଆଖି ନଥିବା ଅନ୍ୟ ବ୍ୟକ୍ତିଙ୍କୁ ଭତ୍ତା ମିଳୁଥିବାବେଳେ ତାଙ୍କ ପ୍ରତି ପ୍ରଶାସନ ଅବହେଳା କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ତାଙ୍କୁ ସରକାରୀ ସହାୟତା ଦେବାକୁ ସାଧାରଣରେ ଦାବି ହେଉଛି।

## ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି ପକ୍ଷରୁ

# ଜାତୀୟ ଶିକ୍ଷାନୀତି - ୨୦୨୦ ସମ୍ପର୍କରେ ଆଲୋଚନା ଚକ୍ର

**କଟକ(ଏନ୍.ଏମ୍.):** ସାରା ଭାରତ ଶିକ୍ଷା ବଂଚାଅ କମିଟି କଟକ ଜିଲ୍ଲା ପକ୍ଷରୁ କଟକର ଗୋପାଳପୁରଠାରେ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଆଜି ଆଲୋଚନା ଚକ୍ର୍ ଅନୁଷ୍ଠିତ ହୋଇଯାଇଛି। ଅବସପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି, ରାଜ୍ୟ ଉପ-ସଭାପତି ବିଶ୍ୱାବସୁ ଦାସ, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଓ ରାଜ୍ୟ ଅଫିସ ସମ୍ପାଦକ ତଥା କଟକ ଜିଲ୍ଲା ସଂପାଦକ ବବି ବଳବନ୍ତରାୟ ବକ୍ତା ଭାବରେ ଯୋଗ ଦେଇଥିଲେ। ବିଶିଷ୍ଟ କବି ଅକ୍ଷୟ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରରେ ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ବ୍ରଜ କିଶୋର ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ସି. ଆର. ଦାସ, ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ଦାସ, ଜୟନ୍ତ କୁମାର ଦାସ, ସୁକାନ୍ତ ଚନ୍ଦ୍ର ଷଡଙ୍ଗୀ, ପ୍ରଦୀପ୍ତ କୁମାର ପଣ୍ଡା, ସନାତନ ଦାସ, ଭାବଗ୍ରାହୀ ଦାସ, ରୁଦ୍ର ନାରାୟଣ ଲେଙ୍କା, କଲ୍ୟାଣୀ ରାଉତ, ଶିକ୍ଷକ ଅନିତା ମଣ୍ଡଳ, ଗନ୍ଧର୍ବ ଚରଣ ଦାସ, ଆନନ୍ଦ ଚନ୍ଦ୍ର ବେହେରା, ପ୍ରଭାତ କୁମାର ମହାନ୍ତି, ସଂଗଠନର ଜିଲ୍ଲା କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବକ୍ତାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏହି ଜାତୀୟ ଶିକ୍ଷା ନୀତି ବହୁ ଶିକ୍ଷାବିତ୍, ବୈଜ୍ଞାନିକ, ବୁଦ୍ଧିଜୀବି, ଶିକ୍ଷକ, ଅଧ୍ୟାପକ, ଅଭିଭାବକ, ଛାତ୍ର ତଥା ଜନସାଧାରଣଙ୍କ ମୂଲ୍ୟବାନ ମତାମତକୁ ଉପେକ୍ଷା କରି ଅତ୍ୟନ୍ତ ଅଗଣତାନ୍ତ୍ରିକ ଏବଂ ଏକତରଫା ଭାବରେ କେନ୍ଦ୍ର କ୍ୟାବିନେଟ୍ ଜାତୀୟ ଶିକ୍ଷାନୀତି - ୨୦୨୦କୁ ଅନୁମୋଦନ କରି ସାରା ଦେଶରେ କାର୍ଯ୍ୟକାରୀ କରାଯାଇଛି। ଆମ ଦେଶର ଶିକ୍ଷା ବ୍ୟବସ୍ଥାରେ ଥିବା ସମସ୍ୟା ଯଥା ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ମାତ୍ରାଧିକ ଫିସ ଆଦାୟ, ଶିକ୍ଷାକ୍ଷେତ୍ରରେ ସରକାରୀ ଖର୍ଚ୍ଚ କାଟ, ଶିକ୍ଷାର ସ୍ୱାତନ୍ତ୍ରତା ଉପରେ ଆକ୍ରମଣ ଇତ୍ୟାଦି ସମସ୍ୟାର ସମାଧାନ ପରିବର୍ତ୍ତେ ଜାତୀୟ ଶିକ୍ଷାନୀତି ଏସବୁକୁ ବୈଧ ଘୋଷଣା କରିଛି। କେବଳ ସୁନ୍ଦର ସୁନ୍ଦର ଶବ୍ଦ ଏବଂ ଅଳଙ୍କାରର ଆଢୁଆଳରେ ଏହା ପଛରେ ଥିବା ଅସଲ ଉଦ୍ଦେଶ୍ୟକୁ ଲୁକ୍କାଇତ ରଖାଯାଇଛି। ବିଶ୍ୱବଜାରରେ ଶିକ୍ଷାକୁ ଏକ ଲାଭଦାୟକ ପଣ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ଶିକ୍ଷାର ଏକାଡେମୀକ ଓ ପ୍ରଶାସନିକ କେନ୍ଦ୍ରୀକରଣ କରିବା ପାଇଁ ଏହି ଶିକ୍ଷାନୀତିରେ ବ୍ୟବସ୍ଥା କରାଯାଇଛି। ଆଦ୍ୟ ଶୈଶବ ଯତ୍ନ ଶିକ୍ଷା, ବିଦ୍ୟାଳୟ କମ୍ପ୍ଲେକ୍ସ, ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଜରିଆରେ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଶିକ୍ଷାନୁଷ୍ଠାନ ଗୁଡିକରେ ନାମଲେଖାର ବ୍ୟବସ୍ଥା କରିବା, ବ୍ଲେଣ୍ଡେଡ ପଦ୍ଧତିରେ ଶିକ୍ଷାଦାନ, ଚାରି ବର୍ଷିଆ ଡିଗ୍ରୀ କୋର୍ସ ପ୍ରଚଳନ କରିବା ଭଳି ମିଠା କଥାର ଆଢୁଆଳରେ ଏହା ଶିକ୍ଷାର ବ୍ୟବସାୟୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ସେହିଭଳି ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ଲାଗୁ କରିବା, ନବମ ଶ୍ରେଣୀରୁ ସେମିଷ୍ଟାର ବ୍ୟବସ୍ଥା, ଏକାଧିକ ପ୍ରବେଶ ଓ ପ୍ରସ୍ଥାନ ଏବଂ ଏକାଡେମୀକ ବ୍ୟାଙ୍କ ଅଫ୍ କ୍ରେଡିଟ ଆଦି ପୂର୍ଣ୍ଣାଙ୍ଗ ଜ୍ଞାନ ଆହରଣକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବ। ଏମ୍.ଫିଲ ଉଠାଇଦେବା, ପିଏଚ୍ଡି ପାଠ୍ୟକ୍ରମରେ ନାମଲେଖା ପାଇଁ ଚାରିବର୍ଷିଆ ସ୍ନାତକ ଡିଗ୍ରୀକୁ ଯୋଗ୍ୟତା ଭାବେ ଗ୍ରହଣ କରିବା ଏବଂ ନ୍ୟାସ୍ନାଲ୍ ରିସର୍ଚ୍ଚ ଫାଉଣ୍ଡେସନ୍ ପ୍ରତିଷ୍ଠା ଇତ୍ୟାଦି ଦେଶରେ ଗବେଷଣା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବ। ଏହା ବ୍ୟତୀତ ବିଜ୍ଞାନଭିତ୍ତିକ ଶିକ୍ଷା ବଦଳରେ ସିଲାବସ୍‌ରେ ବିଭିନ୍ନ ପ୍ରଚଳିତ ବିଶ୍ୱାସକୁ ସ୍ଥାନ ଦେବାକୁ ଏହି ନୀତି ସୁପାରିଶ କରିଛି। ଏଣୁ ଏହା ବିରୁଦ୍ଧରେ ସର୍ବସ୍ତରର ଜନସାଧାରଣ ସଂଗଠିତ ହୋଇ ପ୍ରତିବାଦକୁ ଶକ୍ତିଶାଳୀ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ।







# ହିଞ୍ଜିଳିରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ

**ହିଞ୍ଜିଳିକାଟୁ(ଏନ୍.ଏମ୍.) :** ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଠାରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ହିଞ୍ଜିଳି ବ୍ଲକ ସଭାପତି ଦୁର୍ଗାମଧାବ ସାହୁ ଏବଂପୌରାଞ୍ଚଳ ସଭାପତି ହୃଦୟାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ମିନିଷ୍ଟାଡିୟମ ଠାରୁ ବିଜେଡି କର୍ମୀମାନେ ଶୋଭାଯାତ୍ରାରେ ଆସି ସହର ପରିକ୍ରମା କରିଥିଲେ । ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ପଥପ୍ରାନ୍ତ ସଭା ଆୟୋଜନ କରିଥିଲେ । ସୁଚନାମୁତାବକ ପ୍ରତିଷ୍ଠା ଦିବସରେ କର୍ମୀମାନେ ସଂକଳ୍ପ ନେଇ ପ୍ରତ୍ୟେକ ଘରକୁ ଘର ଯାଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ ବର୍ଷର ସୁଶାସନ, ଜନ କଲ୍ୟାଣ ଯୋଜନା, ଆଇନଶୃଙ୍ଖଳା, ମହିଳାଙ୍କ ମିଶନଶକ୍ତି, ଦରଦାମ ନିୟନ୍ତ୍ରଣ କରାଯାଇଥିବା ବେଳେ ରଙ୍ଗମରା ବିଜେପି ସରକାର ବିଗତ ୧୮ ମାସରେ ଡବଲ ଇଞ୍ଜିନ ସରକାରଙ୍କ ସବୁ କ୍ଷେତ୍ରରେ ଅସଫଳତା, ନାରୀ ସୁରକ୍ଷା ବ୍ୟବସ୍ଥା ଫେଲ ମାରିଥିବା ଉପରେ ଜନଜାଗରଣ ସୃଷ୍ଟି କରିବା ସହ ଏକତାବଦ୍ଧ ହୋଇ ଲଢ଼େଇ କରିବା ନେଇ ଶପଥ ପାଠ କରିଥିଲେ । ଯେ କୌଣସି ବିଜେପି ନେତା ଓ କର୍ମୀଙ୍କୁ ଏଣିକି ଜନତା ପ୍ରଶ୍ନ କରିବେ କି ୩୦୦ ୟୁନିଟ ବିଜୁଳି ମାଗଣା , ମାସିକ ପ୍ରତ୍ୟେକ ମହିଳାଙ୍କୁ ୧୦୦୦ ଟଙ୍କା, ବାର୍ଦ୍ଧକ୍ୟ ଭତ୍ତା ୩୫୦୦ ଟଙ୍କା, ଚିଟଫଣ୍ଡ ଟଙ୍କା, ଓଡ଼ିଆ ଅସ୍ମିତା, ଶ୍ରୀମନ୍ଦିର ରତ୍ନଭଣ୍ଡାର, ବିକାଶ ମୁଳକ ଶିକ୍ଷା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ଦରଦାମ ବୃଦ୍ଧି ନେଇ ଜନସାଧାରଣ କେମିତି ପ୍ରଶ୍ନ କରିବେ ତାହାର ଏକ ଖସଡ଼ା ପ୍ରତିଷ୍ଠା ଦିବସରେ ପ୍ରସ୍ତୁତ କରାଗଲା । ଆୟୋଜିତ କାର୍ଯ୍ୟକ୍ରମରେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ପ୍ରଧାନ, ଡି. ବିଶ୍ୱନାଥ, ହିଞ୍ଜିଳି ପୌରପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ, ବିଧାୟକଙ୍କ ପ୍ରତିନିଧି ତଥା ଜିଲ୍ଲା ପରିଷଦ ସଭ୍ୟ ଏ ସୁଦର୍ଶନ, ବ୍ଲକ ଉପାଧକ୍ଷ ସୁନିଲ ଗନ୍ତାୟତ, ନାରୀ ନେତ୍ରୀ ରଶ୍ମିତା ବେହେରା, ସରପଞ୍ଚ, ସମିତ ସଭ୍ୟ /ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟା, ଛାତ୍ର ଓ ଯୁବ ବିଜେଡି କର୍ମୀ ପ୍ରମୁଖ ଭାଗ ନେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ପ୍ୟାରୀମୋହନ ପାଢ଼ୀ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବରିଷ୍ଠ ନେତା ନୀଳମଣି ପଟ୍ଟନାୟକ ଧନ୍ୟବାଦ ଜଣାଇଥିଲେ ।

## ବାଜପେୟୀଙ୍କ ଜୟନ୍ତୀ ଅବସରରେ କବିତା ପାଠୋତ୍ସବ

**ପୁରୀ(ଏନ୍.ଏମ୍.) :** ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ପୁରୀ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ଓ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହେଇଥିଲା । ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ ପ୍ରତିଭା ଦାଶ ଓ ସର୍ବାଣି ଦାସ । ଅଧିବକ୍ତା ରଚିତା ରାଉତରାୟ, ଶିକ୍ଷାବିତ୍ ବିଜୟ ପଣ୍ଡାଙ୍କ ଆୟୋଜିତ କବିତା ପାଠ ଉତ୍ସବରେ ଆଶାଲତା ପ୍ରଧାନ, ଚିନ୍ମୟୀ ଗଜେନ୍ଦ୍ର, ଯୋଗେନ୍ଦ୍ର ସାହୁ, ଅନନ୍ତ ପ୍ରଧାନ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ବିଚିତ୍ର ରଞ୍ଜନ ମହାପାତ୍ର, ବିଜୟ କୁମାର ପରିଡା, ଦୟାନିଧି ତ୍ରିପାଠୀ, ମହେଶ୍ୱର ଜେନା ପ୍ରମୁଖ ଦେଶାତ୍ମବୋଧ କବିତା ପାଠ କରିଥିଲେ । ପରିଶେଷରେ ବିପିନ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆତ୍ମନିର୍ଭର ଭାରତ-ସ୍ୱଦେଶୀ ଅଭିଯାନ କାର୍ଯ୍ୟକ୍ରମ

## ଆତ୍ମନିର୍ଭରଶୀଳ ଭାରତ ଗଢ଼ିବାକୁ ଆହ୍ୱାନ



**ଚିକିଟି(ଏନ୍.ଏମ୍.) :** ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଚିକିଟି ମହାବିଦ୍ୟାଳୟରେ ଆତ୍ମନିର୍ଭର ଭାରତ – ସ୍ୱଦେଶୀ ଅଭିଯାନ ଓ ଭୋକଲ ଫର ଲୋକାଲ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଅଛି । ଡିସେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ଓ ରିଲ୍ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । ଡିସେମ୍ବର ୨୬ ତାରିଖ ଦିନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ଚିକିଟିର ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟକ୍ଷ ଡ. ପଣ୍ଡା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ କହିବା ସହ ଆତ୍ମନିର୍ଭର ହେବାପାଇଁ ଛାତ୍ରୀଛାତ୍ରମାନଙ୍କୁ ନିଜ ଦକ୍ଷତା ଓ ସୃଜନଶୀଳତା ଉପରେ ବିଶ୍ୱାସ ରଖି କାର୍ଯ୍ୟ କରିବାକୁ ହେବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଅଧ୍ୟାପକ ଡ. ସଞ୍ଜୟ କୁମାର ପଣ୍ଡା ଆମ ଦେଶକୁ ଆତ୍ମନିର୍ଭର କରିବା ପାଇଁ ଗାନ୍ଧୀଜୀ ଯେଉଁପରି ଉଦ୍ୟମ କରିଥିଲେ, ଆମକୁ ମଧ୍ୟ ସେହିପରି ତ୍ୟାଗ ଓ ନିଷ୍ଠା ସହ ଉଦ୍ୟମ କରିବାକୁ ହେବ ବୋଲି ମନ୍ତବ୍ୟ ଦେଇଥିଲେ । ମୁଖ୍ୟ ଅତିଥି ଛାତ୍ରୀଛାତ୍ରମାନଙ୍କୁ 'ମୁଁ ଓ ମୋର ନୁହଁ, ଆମେ ଓ ଆମର' ମନ୍ତ୍ରରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଓ ସ୍ୱଦେଶୀ ଉତ୍ପାଦକୁ ବ୍ୟବହାର କରି ଏକ ସ୍ୱଚ୍ଛ ଓ ଆତ୍ମନିର୍ଭରଶୀଳ ଭାରତ ଗଢ଼ିବାକୁ ଆହ୍ୱାନ ଦେଇଥିଲେ । ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ପ୍ରକାଶ ବେହେରା ଅତିଥି ପରିଚୟ ପ୍ରଦାନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ମୁଖ୍ୟ ଅତିଥିଙ୍କ ସହ ସ୍ୱଦେଶୀ ସଂକଳ୍ପ ପତ୍ର ଶପଥ ପାଠ କରିଥିଲେ ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ




**ବ୍ରହ୍ମପୁର(ଏନ୍.ଏମ୍.) :** ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ପରିସରରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ୍, କମିଶନର ପ୍ରଥେମେଶ ଅରବିନ୍ଦ ରାଜସିର୍କେ, ଡେପୁଟି କମିଶନର ଆର୍ଶିବାଦ ପରିଡା, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ଯୋଗଦେଇ କ୍ରୀଡା ଦ୍ୱାରା ଯୁବକମାନଙ୍କ ମଧ୍ୟରେ ଏକାଗ୍ରତା ରହିବା ସହ ଶରୀର ସୁସ୍ଥ ରହେ ଏବଂ ବୌଦ୍ଧିକଜ୍ଞାନର ବିକାଶ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ମହାନଗର ନିଗମର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । କୃତିତ୍ୱହାସଲ କରିଥିବା ଖେଳାଳିମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ସାଂସଦ ଶ୍ରୀ ପାଣିଗ୍ରାହୀ ଖେଳରେ ଭାଗ ନେଇଥିବା ଛାତ୍ର, ଛାତ୍ରୀଙ୍କୁ ସେମାନଙ୍କ ଉତ୍ସାହ ଓ ରାଜ୍ୟ ତଥା ଦେଶ ପାଇଁ ନିଜର ଖେଳ ପ୍ରତିଭା ଆମ ଗଞ୍ଜାମ ତଥା ବ୍ରହ୍ମପୁର ସାଂସଦୀୟ କ୍ଷେତ୍ରକୁ ଗର୍ବିତ କରିବ । ଗଞ୍ଜାମ ସବୁ କ୍ଷେତ୍ରରେ ଆଗରେ ଅଛି ଓ ରହିବ, ଏହା ଅମର ପୁରା ବିଶ୍ୱାସ ବୋଲି ଦୃଢୋକ୍ତି ବାଢିଥିଲେ ।

### ୧୭ ବର୍ଷରୁ କମ୍ ଓଡ଼ିଶା ଫୁଟବଲ ଦଳରେ

## କେସିଙ୍ଗା ବ୍ଲକର ହସ୍ତରୀ ଶବର



**କଳାହାଣ୍ଡି(ଏନ୍.ଏମ୍.) :** କଳାହାଣ୍ଡି ଇତିହାସ ରେ ପ୍ରଥମ ଥର କେସିଙ୍ଗା ବ୍ଲକ ଦେଓଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ହସ୍ତରୀ ଶବର, ଝାରଖଣ୍ଡରେ ହେଉଥିବା ୬୯ତମ ଜାତୀୟ ସ୍କୁଲ ଖେଳ ପ୍ରତିଯୋଗିତାରେ ୧୭ ବର୍ଷରୁ କମ ଓଡ଼ିଶା ଫୁଟବଲ ଦଳରେ ସାମିଲ ହୋଇ କଳାହାଣ୍ଡି ପାଇଁ ଇତିହାସ ରଚିଛନ୍ତି । ଏଠାରେ ପ୍ରକାଶ ଥାଉକି ଉକ୍ତ ଜାତୀୟ ସ୍କୁଲ ଖେଳ ପ୍ରତିଯୋଗିତା ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଦେଓଗାଁ ଭଳି ଉପାନ୍ତ ଅଞ୍ଚଳରୁ ଆସି ଆଜି କଳାହାଣ୍ଡି ଜିଲ୍ଲା ପାଇଁ ଇତିହାସ ସୃଷ୍ଟି କରିଥିବା ହସ୍ତରୀ ଶବର ଅହଲ୍ୟା ଶବର ଓ ଆନନ୍ଦ ଶବରଙ୍କ କନ୍ୟା । ଖବର ପ୍ରସାରଣ ହେବା ପରେ କେସିଙ୍ଗାରେ ଖୁସିର ଲହରୀ ଖେଳିଯାଇଛି । କେସିଙ୍ଗା ନଗରପାଳ ନୃପରାଜ ଯାଦବ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସମେତ ସମସ୍ତ ରାଜନୈତିକ ଦଳର ଟାଉନ ସଭାପତିମାନେ ହସ୍ତରୀ ଶବରଙ୍କୁ ଶୁଭେଛା ଜଣାଇଛନ୍ତି ।

## କୋକସରା ମଣ୍ଡି ପରିଦର୍ଶନ କଲେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବେଣୁ ଦୁର୍ଗା



**ଭବାନୀପାଟଣା(ଏନ୍.ଏମ୍.) :** ଟୋକନ ବିଭ୍ରାଟ ସମସ୍ୟାକୁ ନେଇ ଚାଷୀ ମହଲରେ ଚିନ୍ତାର ବିଷୟ ଥିବା ବେଳେ ପ୍ରବଳ ଥଣ୍ଡା ହେବା ସତ୍ତ୍ୱେ ଚାଷୀ ଶୀତ କାକରରେ ମଣ୍ଡିରେ ଧାନ ବିକ୍ରି ପାଇଁ ଅପେକ୍ଷା କରି ବସିଛି । ଏନେଇ ମଣ୍ଡିରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଏହା ସହିତ ଚାଷୀଙ୍କୁ ହଇରାଣ ନ କରି ମଣ୍ଡିରେ ହେଉଥିବା ସବୁ ଅବ୍ୟବସ୍ଥାକୁ ଦୂର କରିବା ସମସ୍ୟା ନେଇ ସରକାର ଏବଂ ପ୍ରଶାସନ ପ୍ରତିକ୍ରିୟାରେ ଟୋକନ୍ ମିଳି ନଥିବା ଶୀଘ୍ର ଟୋକନ୍ ପ୍ରଦାନ କରି ଚାଷୀଙ୍କଠାରୁ ଧାନ ଶୀଘ୍ର କିଣିବାକୁ ଅନୁରୋଧ କଲେ ।

### କେବେ ଖୋଲିବ ମଣ୍ଡି ?

# ବିଡିଓଙ୍କୁ ଦାବିପତ୍ର ଦେଲେ କୃଷକସଂଘ

**ପୁରୁଷୋତ୍ତମପୁର(ଏନ୍.ଏମ୍.) :** ଋଷିକୂଲ୍ୟା ରୟତ ମହାସଙ୍ଘ ତରଫରୁ ସ୍ଥାନୀୟ ବି ଡିଓ ଙ୍କୁ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ସ୍ୱପ୍ନେଶ୍ୱର କୃଷକ ସଙ୍ଘର ସଭାପତିଙ୍କ ସଂଯୋଜନାରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ବି.ଡି.ଓ.ଙ୍କୁ ସେମାନଙ୍କ ଦାବିପତ୍ର ଦେଇଥିଲେ । ସେମାଙ୍କ କହିବା କଥା ହେଲା ସରକାରଙ୍କ ଘୋଷଣା ଅନୁଯାୟୀ ଗତ ୨୩ତାରିଖରୁ ଜିଲାରେ ମଣ୍ଡି ଖୋଲାଯିବା କଥା କିନ୍ତୁ ଆଜି ପର୍ଯ୍ୟନ୍ତ କଣ ପାଇଁ ପୁରୁଷୋତ୍ତମପୁରରେ ମଣ୍ଡି ଖୋଲା ହୋଇନି । ଏପଟେ ସରକାର ବାରମ୍ବାର ସତର୍କ ରହିବାକୁ ପରାମର୍ଶ ଦେଉଛନ୍ତି ଯେ ବିଲରୁ ଧାନ ତୁରନ୍ତ ଆଣିବାପାଇଁ, ଯେହେତୁ ଆଗକୁ ଲଘୁଚାପର ସମ୍ଭାବନା ରହିଛି । ହେଲେ ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଲେଣି କଣ କରିବେ ଏବ,ଯେହେତୁ ଧାନ ଫସଲ ଭଲ ହୋଇଛି । ଅଧିକ ଧାନବି ଅମଳ ହୋଇଛି । ଏତେ ପରିମାଣର ଧାନ ଆଣି କେଉଁଠି ରଖିବେ ଯାହାକି ଘରେ ରଖିବା ସମ୍ଭବ ନୁହେଁ । ଯଦି ବିକିବାକୁ ଚାହିଁବେ ତାହେଲେ ମୁନାଫାଖୋର ବ୍ୟବସାୟୀ ମାନେ ଶାଗମାଛ ଦରରେ ନେବାକୁ ବାଧ କରୁଛନ୍ତି । ଏପରିସ୍ଥଳେ ସରକାରଙ୍କ ନିକମ୍ମା ଗୁଣ ଯୋଗୁଁ, ବିଚରା ଚାଷୀଟି



ସେହି ଡରରେ ବିକିବାକୁ ବାଧ । ତେଣୁ ଯଥାଶୀଘ୍ର ମଣ୍ଡି ଖୋଲି ଗରିବ ଚାଷୀମାନଙ୍କ ଠାରୁ ସରକାର ଧାନ ନେବା ପ୍ରକ୍ରିୟା ଚାଲୁ କରିବାକୁ ସେମାନେ ଦାବି ଜଣାଇଛନ୍ତି । ସରକାରଙ୍କ ନିୟମ ଅନୁସାରେ ୨୬ଟି ପଞ୍ଚାୟତରେ ୨୯ଟି ମଣ୍ଡି ଖୋଲିବ ପାଇଁ ଧାର୍ଯ୍ୟ ହୋଇଛି । ସେଥିରୁ ୧୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ୧୫ଟି ମଣ୍ଡିକୁ ସୋସାଇଟି ପରିଚାଳନା କରିବେ ବୋଲି ବି.ଡି.ଓ.ତାଙ୍କ ପ୍ରତିକ୍ରିୟାରେ କହିଥିଲେ । ଚାଷୀମାନଙ୍କ କହିବାକଥା ହେଲା ଉପଯୁକ୍ତ ପଦକ୍ଷେପ ଅଭାବରୁ ମିଲ୍ଲର ମାନେ ସେମାନେ ମନଇଚ୍ଛା ଚାଷୀଙ୍କ ଠାରୁ ବସ୍ତାକୁ ୪ରୁ ୫ଶହ ପର୍ଯ୍ୟନ୍ତ ଧାନ ବଳକା ନେଇଯାଉଛନ୍ତି । ଏଥିପ୍ରତି ଧାନ ଦେବାକୁ ସେମାନେ ଅଭିଯୋଗ କରିଥିଲେ । ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତାହେଲେ ଏ ପରି ଅସାଧୁ ମିଲରଙ୍କ ଠାରୁ ସେମାନଙ୍କୁ ତ୍ରାହି ମିଳିବ । ସେମାନଙ୍କ କହିବା ଅନୁଯାୟୀ କିଛି ଜାଗାରେ ସେକ୍ରେଟାରୀ ଓ ମିଲ୍ଲରଙ୍କ ଅସାଧୁ ମେଣ୍ଟ ପାଇଁ ନିରୀହ ଚାଷୀମାନେ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି । ତେଣୁ ଏହି ଅସାଧୁ ମେଣ୍ଟକୁ ସାବାଡ଼ କରିବାପାଇଁ ସେମାନେ ବି ଡି ଓଙ୍କ ପାଖରେ ମଧ ଦାବି ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ଭାବେ ରମେଶଗୌଡ଼, ସନ୍ତୋଷ ବେହେରା, ନାରାୟଣ ପାଣିଗ୍ରାହୀ, ମୁନା ଗୌଡ଼, ପୂର୍ଣ୍ଣଚନ୍ଦ୍ର ପାତ୍ର, ଓ ଅନ୍ୟ କୃଷକ ମାନେ ଯୋଗ ଦେଇଥିଲେ ।

## ପୁରୀ ଜିଲ୍ଲାସ୍ତରୀୟ ସୁଶାସନ ଦିବସ

**ପୁରୀ(ଏନ୍.ଏମ୍.) :** ମଣିଷ ପଣିଆ ସହ ଆଗକୁ ବଢ଼ିବା ହିଁ ସୁଶାସନ । ସାଧାରଣ ଲୋକମାନଙ୍କୁ ସାମାଜିକ ନ୍ୟାୟ ଓ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଯେଉଁ ଅବଦାନ ରଖି ଯାଇଛନ୍ତି ତାହା ପ୍ରକୃତ ସୁଶାସନ । ଅଟଳଜୀ ସୁଶାସନର ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ ବୋଲି କହିଛନ୍ତି ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର । ସଂସ୍କୃତି ଭବନ ପରିସରରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ଓ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଡା. ପାତ୍ର ବାଜପେୟୀ ଜଣେ ବହୁବିଧ ପ୍ରତିଭାର ଅଧିକାରୀ, ରାଷ୍ଟ୍ରନୀତିଜ୍ଞ, ଧୈର୍ଯ୍ୟ ଓ ସହନଶୀଳତାର ପ୍ରତୀକ ଥିଲେ ବୋଲି କହିଥିଲେ । ସେ ଜଣେ ଦେଶଭକ୍ତ ଓ ଦୂରଦ୍ରଷ୍ଟା ଥିଲେ । ଦେଶର ବିକାଶ ପାଇଁ ଦଳୀୟ ମନୋଭାବକୁ ପରିହାର କରି ଆଗକୁ ବଢ଼ିବାର ଅଛି । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କାର୍ଯ୍ୟଶୈଳୀ ବିକଶିତ ଭାରତ ପାଇଁ ଉଦ୍ଦିଷ୍ଟ । ପିଏମ ମାନେ କେବଳ ପ୍ରଧାନମନ୍ତ୍ରୀ ନୁହେଁ, ପି ମାନେ ପସିନା ଓ ଏମ ମାନେ ମେହନତ । ଅଟଳଜୀଙ୍କ ସରଳ, ନିରାଡମ୍ବର ଓ ପ୍ରତିବଦ୍ଧତାପୂର୍ଣ୍ଣ ଜୀବନ ଶୈଳୀ ସମସ୍ତଙ୍କୁ ଅନୁପ୍ରାଣିତ କରୁଥିବ ବୋଲି ସେ କହିଥିଲେ ।

## ବାଜପେୟୀଙ୍କ ଜୟନ୍ତୀରେ ଭୀମପଡା ଠାରେ ଗ୍ରାମୀଣ କ୍ରିକେଟ୍ ପ୍ରତିଯୋଗିତା




**ବୋଲଗଡ(ଏନ୍.ଏମ୍.) :** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଭୀମପଡ଼ା ଖେଳପଡିଆଠାରେ ପୂଜ୍ୟପୂଜା ଭୀମପଡ଼ା ତରଫରୁ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଜୟନ୍ତୀରେ ଏକ ଦିବସୀୟ ଦିବାରାତ୍ରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଅଛି । ଅଧିବକ୍ତା ଲୋତକ ବିନ୍ଦୁ ପଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କ୍ରିକେଟ୍ ମ୍ୟାଚରେ ଭୀମପଡ଼ା, କୁଶୁପଲ୍ଲୀ , କାଉତରା, ମଣ୍ଡଳସିଂହ, ଦିଘିରୀ, ଟାଙ୍ଗୀସାହି ଓ କୋଟପଲ୍ଲୀ କ୍ରିକେଟ୍ ଟିମ୍ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଦିଘିରି ଓ ମଣ୍ଡଳସିଂହ କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇ ମଣ୍ଡଳ ସିଂହ ବିଜୟୀ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଅଧିକାର ଆଇଟିଆଇ କଲେଜ ଗଣିଆ ଅଧ୍ୟକ୍ଷ ଇଂ. କର୍ପୁର ସାହୁ, ଶିକ୍ଷକ ରବୀନ୍ଦ୍ର ବେହେରା, ବିରଞ୍ଚି କୁମାର ସାହୁ, ପର୍ଶୁରାମ ମୁଦୁଲି, ମଦନ ମୋହନ ପୃଷ୍ଟି, ରତିକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପୁରସ୍କୃତ କରିଥିଲେ ।

## ଶିଖ୍ ସମ୍ପ୍ରଦାୟର ବୀର ବାଲ ଦିବସ



**ବ୍ରହ୍ମପୁର(ଏନ୍.ଏମ୍.) :** ଜାତୀୟ ବୀର୍ ବାଲ ଦିବସ ପାଳନ ଉପଲକ୍ଷେ ଗୁରୁ ଗୋବିନ୍ଦ ସିଂହ ଜୀଙ୍କ ପ୍ରକାଶ ପର୍ବ ଅବସରରେ ଦଶମ ଶିଖ ଗୁରୁ ଗୋବିନ୍ଦ ସିଂଙ୍କ ପୁତ୍ର ସାହିବଜାଦେ ବାବା ଜୋର୍ ୱାର ସିଂହ ଏବଂ ବାବା ଫତେହ ସିଂହ ଜୀଙ୍କ ବଳିଦାନ ସ୍ମୃତିରେ ପ୍ରତିବର୍ଷ ଡିସେମ୍ବର ୨୬ ତାରିଖକୁ 'ବୀର୍ ବାଲ ଦିବସ ' ଭାବରେ ପାଳନ କରିବାକୁ ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ କରିଥିଲେ । ବୀର ବାଲ ଦିବସରେ ଆମେ ବୀର ସାହିବଜଦେଙ୍କ ଅସାଧାରଣ ବୀରତ୍ୱ ଏବଂ ବଳିଦାନକୁ ମନେ ପକାଇ ଥାଉ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗିରି ରୋଡ ସ୍ଥିତ ଗୁରୁଦ୍ୱାର ଠାରେ ବିଧାୟକ କେ ଅନିଲ କୁମାର ଏବଂ ଜିଲ୍ଲା ସଭାପତି ସରୋଜ ସାବତଙ୍କ ନେତୃତ୍ୱରେ ଶତାଧିକ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଏହି ଦିବସ ର ମହତ୍ତ୍ୱ ଏବଂ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ୨୦୨୨ ପରଠାରୁ ଭାରତୀୟ ଜନତା ପାର୍ଟି ସରକାର ଏହି ଦିବସକୁ ବହୁ ଗୁରୁତ୍ୱ ସହକାରେ ନେଇ ଦେଶ ପାଇଁ ବଳିଦାନର ଗୌରବଗାଥା ଏବଂ ଜନଜାଗରଣ ପାଇଁ ଡିସେମ୍ବର ୨୬ ତାରିଖରେ ଦେଶ ବ୍ୟାପି 'ବୀର ବାଲ ଦିବସ ' କାର୍ଯ୍ୟକ୍ରମ ବ୍ୟାପକ ଭାବରେ ପାଳନ କରାଯାଉଛି । ଏହି ସଭାରେ ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ସାଂସଦ ପ୍ରତିନିଧି ବାଲକୃଷ୍ଣ ସାମନ୍ତରାୟ, ରାଜ୍ୟ ପ୍ରବକ୍ତା ଟି ଗୋପି,କର୍ପୋରେଟର ବନିତା ସାହୁ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସରତ ପଟ୍ଟନାୟକ, ମଣ୍ଡଳ ସଭାପତି ଜଗନ୍ନାଥ ଜେନା, ରାମକୃଷ୍ଣ ପଟ୍ଟନାୟକ, ପତିତ ଗନ୍ତାୟତ, କେ ସାଇ କୁମାର, ସୁମନ୍ତ ଦଳେଇ, ସୁରେଶ ତ୍ରିପାଠୀ ବିନୋଦ ସିଂ,ପ୍ରମୁଖ ଗୁରୁଦ୍ୱାର ଠାରେ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ବ୍ରହ୍ମପୁର ଶିଖ୍ ସମ୍ପ୍ରଦାୟର ଭାଇ ଭଉଣୀ ମାନେ ଯଶ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ଆଜି ର ଦିବସ କୁ ଜାତୀୟ ବୀର ବାଲ ଦିବସ ରୂପେ ଘୋଷଣା କରିଥିବାରୁ ଶିଖ୍ ସମ୍ପ୍ରଦାୟ ସବୁବେଳେ ଋଣୀ ରହିବ । ଭାଜପା ଗଞ୍ଜାମ ଜିଲ୍ଲା ସଭାପତି ଶ୍ରୀ ସାବତ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ ଶିଖ୍ ସମ୍ପ୍ରଦାୟର ଭୁମିକା ଭାରତ ସ୍ୱାଧୀନତାରେ ବହୁ ମୂଲ୍ୟବାନ ଥିଲା ସେମାନଙ୍କ ତ୍ୟାଗ ସବୁବେଳେ ଭାରତ ନାଗରିକ ମାନେ ଭୁଲି ପାରିବେ ନାହିଁ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ପଣ୍ଡିତ ରଘୁନାଥ ମୁର୍ମୁ ...

କିଛି ପିଲା ଭଲ ପାଠ ପଢନ୍ତି, ଆଉ କିଛି ପିଲା ଭଲ ଖେଳନ୍ତି । ଅନ୍ୟ କିଛି ପିଲାଙ୍କର ନାଚ, ଗୀତ ଓ ଅନ୍ୟାନ୍ୟ ବିଷୟରେ ରୁଚି ଥାଏ । ସବୁଠୁ ବଡ଼ କଥା ହେଉଛି, ନିଜ ଭିତରେ ଥିବା ପ୍ରତିଭାକୁ ଜାଣିବା, ଚିହ୍ନିବା । ଯଦି ନିଜ ପ୍ରତିଭାକୁ ଜାଣିପାରିବ, ଏବଂ ନିଜ ପ୍ରତିଭା ଅନୁଯାୟୀ ଆଗକୁ ବଢିବାର ପ୍ରୟାସ କରିବ, ତେବେ ତୁମକୁ କେହି ରୋକିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜିକାଲି ଯୁଗ ହେଉଛି, ପ୍ରଫେସନାଲ ଏକ୍ସେଲେନ୍ସର ଯୁଗ । ଦକ୍ଷତାର ଯୁଗ । ଯେକୌଣସି କ୍ଷେତ୍ରରେ କେହି ପାଦ ଦେଇ ପାର, କିନ୍ତୁ ଦକ୍ଷ ହେବାକୁ ପଡ଼ିବ । ଦକ୍ଷ ହେଲେ ଦେଶ ମଧ୍ୟ ପ୍ରଗତି କରିବ । ଆଜିକାଲିର ଛାତ୍ରଛାତ୍ରୀଙ୍କ ଜ୍ଞାନ ଓ ଦକ୍ଷତାକୁ ଭିତ୍ତିକରି, ଭାରତ ବିଶ୍ୱରେ ଶ୍ରେଷ୍ଠ ହେବ । ଆଜି ଆଧୁନିକ ଯୁଗରେ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆସିଛି । ନୂତନ ଶିକ୍ଷାନୀତି-୨୦୨୦ ଏହାର ଏକ ଜ୍ୱଳନ୍ତ ଉଦାହରଣ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଦିଗଦର୍ଶନରେ ଏହି ଶିକ୍ଷା ନୀତି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଅଛି ।

## ନିଜ ଛୁଆକୁ ହତ୍ୟା...

କହିପାରୁ ନାହିଁ । ସ୍ୱାମୀ ତାଙ୍କୁ ବାରମ୍ବାର ବୁଝାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେ ବୁଝିପାରି ନଥିଲେ । ଡିସେମ୍ବର ୨୩ ରାତିରେ, ଅଭିଯୁକ୍ତ ମହିଳା ଝିଅଟିକୁ ହତ୍ୟା କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଥିଲେ ।

ସୂଚନା ଅନୁସାରେ ଡିସେମ୍ବର ୨୩ ତାରିଖରେ ଝିଅଟିର ଜେଜେମା ତାକୁ ଦେଖା କରିବାକୁ ଆସିଥିଲେ, କିନ୍ତୁ ସେ ନିଖୋଜ ଥିଲେ । କିଛି ସମୟ ପରେ, ଯେତେବେଳେ ଝିଅଟିର ବାପା ଘରକୁ ଫେରିଲେ, ସେ ତାକୁ ଅଚେତ ଅବସ୍ଥାରେ ପାଇଲେ । ସେ ତୁରନ୍ତ ତାକୁ ଡାକ୍ତରଖାନାକୁ ନେଇଗଲେ । ପ୍ରାରମ୍ଭରେ, ହତ୍ୟାକାରୀ ମାଆ ତାଙ୍କ ଝିଅକୁ ହୃଦଘାତ ହୋଇଛି ବୋଲି କହିଥିଲେ । କିନ୍ତୁ ପୁଲିସ ଏଥିରେ ବିଶ୍ୱାସ କରିନଥିଲା । ସେମାନେ ଡାକ୍ତରଙ୍କଠାରୁ ଏକ ସ୍ୱତନ୍ତ୍ର ପୋଷ୍ଟମର୍ଟମ୍ ପରୀକ୍ଷା ପାଇଁ ଅନୁରୋଧ କରିଥିଲେ । ପ୍ରାରମ୍ଭିକ ରିପୋର୍ଟରେ ଜଣାପଡ଼ିଥିଲା ଯେ ପିଲାଟିର ମୃତ୍ୟୁ ଶ୍ୱାସରୁଦ୍ଧ ଯୋଗୁଁ ହୋଇଛି । ଏହା ପରେ, ପୁଲିସ ଉଭୟ ପିତାମାତାଙ୍କୁ ପଚରାଉଚରା କରିଥିଲା । ଛଅ ଘଣ୍ଟାର ପଚରାଉଚରା ସମୟରେ, ହତ୍ୟାକାରୀ ମାଆ ସତ୍ୟ ପ୍ରକାଶ କରିବାକୁ ଆରମ୍ଭ କଲା । ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଲା ଯେ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିବାରୁ ଚିକିତ୍ସା ଚାଲିଛି । ପୁଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି ।

## ଓଡ଼ିଶାବାସୀଙ୍କୁ ମିଳିଲା ...

ଅନୁ ଗର୍ଗଙ୍କୁ ଅବସ୍ଥାପିତ କରିଛନ୍ତି । ଏଥି ସହିତ ରାଜ୍ୟବାସୀଙ୍କୁ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ମିଳିଛି । ଅନୁ ଗର୍ଗ ଆଉ ୩ବର୍ଷ ପରେ ଅବସର ନେବେ । ସୂଚନାଯୋଗ୍ୟ, ୧୯୯୧ ବ୍ୟାଚର ଆଇଏଏସ୍ ଅଧିକାରୀ ରାଜ୍ୟର ମୁଖ୍ୟ ଶାସନ ସଚିବ ହେବେ ବୋଲି ପ୍ରାୟ ଦୁଇ ବର୍ଷ ହେବ ଚର୍ଚ୍ଚା ହୋଇ ଆସୁଥିଲା । ବିଭିନ୍ନ ବିଭାଗରେ ଅନୁ ଗର୍ଗଙ୍କ କାର୍ଯ୍ୟଦକ୍ଷତା ରହିଛି । ସେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ସମେତ ଆହୁରି ଅନେକଗୁଡ଼ିଏ ବିଭାଗରେ କାମ କରିଛନ୍ତି । ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିବା ବେଳେ ସେ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ସେହିପରି ପୁରୀରେ ରଥଯାତ୍ରା-୨୦୨୫ ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଭଳି ପରିସ୍ଥିତି ଘଟଣାରେ ପୁରୀ ଅଘଟଣ ତଦନ୍ତକାରୀ କମିଟି ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ । ରାଜ୍ୟ ସରକାର କୋଭିଡ-୧୯ ସଂକଟ କାଳରେ ଅନୁ ଗର୍ଗଙ୍କୁ ଗୁରୁ ଦାୟିତ୍ୱ ଦେଇଥିଲେ । ୧୪ଜଣିଆ କୋଭିଡ ପର୍ଯ୍ୟବେକ୍ଷକ ତାଲିକାରେ ଅନୁ ଗର୍ଗଙ୍କୁ ସାମିଲ କରିଥିଲେ ।

# ମାଲକାନଗିରି ଡାକ୍ତରଙ୍କ ଘଣ୍ଟିକିଆ କାର୍ଯ୍ୟବନ୍ଦ ଡାକରା




ମାଲକାନଗିରି(ଏନ୍.ଏମ୍.) : ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ଡାକ୍ତର ମାନଙ୍କ ଦ୍ୱାରା ଆଜି ଏକ ଘଣ୍ଟିଆ କାର୍ଯ୍ୟ ବନ୍ଦ ଡାକରା ଦେଇ ଆନ୍ଦୋଳନ ଆରମ୍ଭ କରାଯାଇଛି । ଆଜି ଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ୧୦ଟା ରୁ ୧୧ଟା ଯାଏଁ ବହିର୍ବିଭାଗରେ ଡାକ୍ତର ସେବା ବନ୍ଦ ପାଇଁ ଓମ୍ସା ପକ୍ଷରୁ ଏହି ଡାକରା ଦିଆଯାଇଛି । ଏହି ଡାକରା ରେ ମାଲକାନଗିରି ଜିଲ୍ଲାର ସମସ୍ତ ଡାକ୍ତର ସାମିଲ ହୋଇଛନ୍ତି । ଏହାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ କାର୍ଯ୍ୟରତ ଡାକ୍ତର ମାନେ ବିକ୍ଷୋଭ କରିଛନ୍ତି । ତେବେ ଡାକ୍ତର ମାନଙ୍କ ଦାବି ମଧ୍ୟରେ ରହିଛି, କେବିକେ ଏକ୍ସିଜିଟ ପଲିସି, ସେଣ୍ଟ୍ରାଲ ଡିଏସିପି ଅର୍ଥାତ କେନ୍ଦ୍ରୀୟ ନିୟମ ଅନୁଯାୟୀ ଚାକିରୀ କାଳୀନ ସୁବିଧା, ଡାକ୍ତର ଏବଂ ତାଙ୍କ ପରିବାରକୁ ସ୍ୱାସ୍ଥ୍ୟ ବୀମା, କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ପ୍ରଦାନ, କ୍ୟାଡର ରିଷ୍ଟ୍ରକ୍ଚର ଭଳି ମୋଟ ଅଠରଟି ଦାବି ନେଇ ଏହି ବିକ୍ଷୋଭ କରାଯାଇଛି । ମାଲକାନଗିରି ଓମ୍ସା ସଭାପତି ଶଚିକାନ୍ତ ଲେଙ୍କାଙ୍କ ସହ ଅନ୍ୟ ଡାକ୍ତର ମାନେ ଏହି ବିକ୍ଷୋଭରେ ସାମିଲ ହୋଇଛନ୍ତି ।

### ଆଇଏଏସ୍ ଅଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ତାଗିଦ

# ସମ୍ପତ୍ତି ତଥ୍ୟ ନଦେଲେ ପଦୋନ୍ନତି ବନ୍ଦ




ନୂଆଦିଲ୍ଲୀ (ଏଜେନ୍ସି): ସମ୍ପତ୍ତି ତାଲିକା ଦିଅ, ନହେଲେ ନିଆଯିବ କାର୍ଯ୍ୟାନୁଷ୍ଠାନ, ବନ୍ଦ ହୋଇଯିବ ପଦୋନ୍ନତି । ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କୁ ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ସରକାର । ସମୟରେ ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ ନକଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ପଦୋନ୍ନତି ବନ୍ଦ କରି ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି । ଭାରତୀୟ ପ୍ରଶାସନିକ ସେବା ନିୟମ ଅନୁସାରେ, ସମସ୍ତ ଆଇଏଏସ୍ ଅଧିକାରୀ ସେମାନଙ୍କ ଅଚଳ ସମ୍ପତ୍ତି ତାଲିକା ପ୍ରତିବର୍ଷ ଜାନୁଆରୀ ୩୧ ମଧ୍ୟରେ ଦାଖଲ କରିବେ । ଯେଉଁମାନେ ଏଥିରେ ବିଫଳ ହେବେ ତାହାକୁ ଗୁରୁତର ଭୁଲ୍ ଭାବେ ବିବେଚନା କରାଯିବ ବୋଲି କାର୍ମିକ ଓ ପ୍ରଶିକ୍ଷଣ ନ୍ତ୍ରଣାଳୟ କହିଛି ।

ବାର୍ଷିକ ସମ୍ପତ୍ତି ତାଲିକା ଦେବାରେ ବିଫଳ ହେଲେ ଆଇଏଏସ୍, ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରିକି ପଦୋନ୍ନତି ବନ୍ଦ କରି ଦିଆଯିବ । ସମୟରେ ସମ୍ପତ୍ତି ତାଲିକା ଦେଉନଥିବା ବାବୁଙ୍କ ଦରମା ମଧ୍ୟ ବୃଦ୍ଧି ହେବ ନାହିଁ । ଏଥିପାଇଁ କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ ପକ୍ଷରୁ ଅନଲାଇନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ।

ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରିକି ପଦୋନ୍ନତି ବନ୍ଦ କରି ଦିଆଯିବ । ସମୟରେ ସମ୍ପତ୍ତି ତାଲିକା ଦେଉନଥିବା ବାବୁଙ୍କ ଦରମା ମଧ୍ୟ ବୃଦ୍ଧି ହେବ ନାହିଁ । ଏଥିପାଇଁ କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ ପକ୍ଷରୁ ଅନଲାଇନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ୨୦୧୭ ଜାନୁଆରୀରୁ ଆଇଏଏସ୍ ଅଧିକାରୀ ଅନଲାଇନ୍‌ରେ ସମ୍ପତ୍ତି ତଥ୍ୟ ସ୍ପାରୋ ପୋର୍ଟାଲରେ ଦେଇ ପାରୁଛନ୍ତି । ଅଧିକାରୀ ଚାହିଁଲେ ଅନଲାଇନ୍‌ରେ ତଥ୍ୟ ଭରି ପାରିବେ ଅଥିବା ନିଜେ ପୂରଣ କରି ସ୍କାନ୍ କପିକୁ ଅପଲୋଡ୍ କରିପାରିବେ ।

କେନ୍ଦ୍ର ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ ଅନୁସାରେ, ବିଗତ କିଛି ବର୍ଷ ହେବ ଆଇଏଏସ୍‌ଙ୍କ ସମ୍ପତ୍ତି ତାଲିକା ଦାଖଲ ସନ୍ତୋଷଜନକ ରହିଛି । ଅଧିକାରୀ ବାର୍ଷିକ ସମ୍ପତ୍ତି ତାଲିକା ଦେବା ଲାଗି ଅନଲାଇନ୍ ବ୍ୟବସ୍ଥାର ଅଧିକରୁ ଅଧିକ ଉପଯୋଗ କରୁଛନ୍ତି । ୨୦୨୫ ବର୍ଷ ଲାଗି ବାର୍ଷିକ ସମ୍ପତ୍ତି ତଥ୍ୟ ଦାଖଲ ଲାଗି ସ୍ପାରୋ ପୋର୍ଟାଲ୍ ୨୦୨୬ ଜାନୁଆରୀ ୩୧ ପର୍ଯ୍ୟନ୍ତ ଖୋଲା ରହିବ । ଏହି ଅବଧି ଭିତରେ ସମସ୍ତ ଆଇଏଏସ୍ ସେମାନଙ୍କର ସମ୍ପତ୍ତି ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ସ୍ପାରୋ ପୋର୍ଟାଲର ତଥ୍ୟ ଅନୁସାରେ, ଓଡ଼ିଶା କ୍ୟାଡ଼ର ୧୮ ଜଣ ଆଇଏଏସ୍ ଜାନୁଆରୀ ୨୦୨୪ ସୁଦ୍ଧା ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ କରି ନଥିଲେ । ସେହିଭଳି ୨୦୨୫ ଜାନୁଆରୀ ସୁଦ୍ଧା ୪ ଜଣ ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ଦେଇ ନାହାନ୍ତି ବାର୍ଷିକ ସମ୍ପତ୍ତି ତାଲିକା ।

### ପୁରୁଷୋତ୍ତମପୁର ସବରେଜିଷ୍ଟର ଅଫିସରେ ଜମି ବିକୁଛି ମୃତ ବ୍ୟକ୍ତି

# ଜମି ଲୁଟେରାଙ୍କ କବ୍‌ଜାରେ ସବରେଜିଷ୍ଟର !




ପୁରୁଷୋତ୍ତମପୁର(ଏନ୍.ଏମ୍.): ଶୁଣିଲେ ହସିବେ ନା କାନ୍ଦିବେ ? ମଲା ଲୋକ ଆସି ସବ ରେଜିଷ୍ଟର ଅଫିସରେ ଆଧାର କାର୍ଡ ଦେଖାଇ ଜମି ରେଜିଷ୍ଟ୍ରି କରିଛି । ଘଟଣାଟି ହେଉଛି ସ୍ଥାନୀୟ ସବ ରେଜିଷ୍ଟ୍ରାର ଅଫିସରେ ଜଣେ ପ୍ରକୃତ ଜମି ମାଲିକଙ୍କ ମୃତ୍ୟୁ ହେବା ସତ୍ତ୍ୱେ ଅନ୍ୟ ଜଣେ ବ୍ୟକ୍ତି ନିଜକୁ ପ୍ରକୃତ ମାଲିକ ବୋଲି ନକଲି ଆଧାର କାର୍ଡ ଦେଖାଇ ବିକ୍ରି କରିବାରେ ସକ୍ଷମ ହୋଇଛନ୍ତି । ଯାହାକି ସାରା ପୁରୁଷୋତ୍ତମପୁରକୁ ଲଜ୍ଜାରେ ବୁଡେଇ ଦେଇଛି । ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରିତ ହେଲା ପରେ ବି ଏହି ଜମି କାରବାରରେ ମୁଖ୍ୟ ଖଳନାୟକଙ୍କ ସହ ଅନ୍ୟ ଯେଉଁମାନେ ଏଥିରେ ଲିପ୍ତ ଅଛନ୍ତି ସେହିମାନଙ୍କୁ ତୁରନ୍ତ ଚିହ୍ନଟ କରିବାରେ ସରକାର ଅସମର୍ଥ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଲେ ମଧ୍ୟ ସରକାର ମୁହଁ ଲୁଚାଇ ବସିଛି । ଏତେ ଜଘନ୍ୟ କାରନାମା ହେଲେ ସୁଦ୍ଧା, ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ଅଥବା ଚାପଗ୍ରସ୍ତ ହୋଇଛି । ଏହା ମଧ୍ୟରେ ଉପଜିଲ୍ଲାପାଳ ଆସି ଅନୁଧ୍ୟାନ କରି ଯାଇଛନ୍ତି କିନ୍ତୁ କିଛି ଫଳବାହାରି ପାରିନି । ସୂଚନାଯୋଗ୍ୟ ଯେ ଗତ କିଛି ଦିନତଳେ କଂଗ୍ରେସ ତରଫରୁ ଉପ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦିଆଯାଇଛି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜଣାଇଲେ ନଚେତ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ମଧ୍ୟ ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ପୂର୍ବତନ ସବରେଜିଷ୍ଟ୍ରାର କାଳୀ ପ୍ରସାଦ ଧଳ କେମିତି ଜାଣିପାରିଲେନି ନକଲି ଆଧାର କାର୍ଡ ଜରିଆରେ ଜମି ବିକ୍ରି କରିବାରେ ସହମତି ଦେଖାଇଲେ । କାରଣ ତାଙ୍କ ପାଖରେ ଆଧାର ଚେକ କରିବା ପାଇଁ ସମସ୍ତ ବ୍ୟବସ୍ଥା ଥାଇ ମଧ୍ୟ କେମିତି ଜାଣିପାରିଲେନି । ଯେଉଁ ବ୍ୟକ୍ତି ଜମି ବିକ୍ରି କରିଛନ୍ତି ସେ କଣ ଜାଣିଶୁଣି ମୃତବ୍ୟକ୍ତିର ପରିଚୟ ଦେଇ ଜାଲ ଆଧାର କାର୍ଡ ଦେଖାଇ ଜଣେ ଶିକ୍ଷିତ ବ୍ୟକ୍ତିଙ୍କୁ କିପରି ବିକ୍ରି କଲେ ସେହିପରି ଜଣେ ଶିକ୍ଷିତ ବ୍ୟକ୍ତି କିପରି ଏହା ଜାଣି ନପାରି ଜମିକୁ ନିଜ ନାମରେ କିଣି ପାରିଲେ, ଏହା ହେଉଛି ସରକାରୀସ୍ତରର ନଗ୍ନ ଉଦାହରଣ । ଏହା ଭିତରେ ଅନ୍ୟ କେଉଁମାନେ ସହଯୋଗ କରିଛନ୍ତି, ପ୍ରଶାସନ ତରଫରୁ ଉପଯୁକ୍ତ ଦୋଷୀ ମାନଙ୍କୁ ଖୋଜିବା ସହ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀମାନଙ୍କୁ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନସାଧାରଣରେ ଦୃଢ ଦାବି ହେଉଛି ।

ସୂଚନା ଥାଉକି ପୁରୁଷୋତ୍ତମପୁର ତହସିଲ ଅନ୍ତର୍ଗତ ରାଣୀଗାଁ ମୌଜାର ବଡବରଗାଁ ଗ୍ରାମର ଡି. ବାଉରୀ ଦୋରା ପିତା ଡି. କ୍ରିଷ୍ଣମା ଦୋରାଙ୍କ ନାମରେ ଥିବା ଖାତା ନଂ ୩୧୦ରେ ଥିବା ୨ଟି ପ୍ଲଟରେ ଥିବା ବିଲ ପ୍ଲଟ ନଂ ୩୦୬୨ ଓ ୩୦୬୩ ରହିଛି । ସେହି ବ୍ୟକ୍ତିଙ୍କର ୨୦୧୦ ମସିହାରେ ମୃତ୍ୟୁ ହୋଇସାରିଲାଣି । ଉକ୍ତ ଜମିକୁ କୋଳାସିଙ୍ଗି ଗ୍ରାମର ପି ମହେନ୍ଦ୍ର ଦୋରା ନାମକ ବ୍ୟକ୍ତି ନିଜର ଆଧାର କାର୍ଡକୁ ଜାଲିଆତି କରି ଡି.ବାଉରୀ ଦୋରାଙ୍କ ନାମରେ ନକଲ କରି ବଡଖରିଡା ପଞ୍ଚାୟତର ବୀର ଜଗନ୍ନାଥ ପୁର ଗ୍ରାମର ଭାଗ୍ୟଲତା ମହାପାତ୍ରଙ୍କୁ ଗଲା ଜୁନ ମାସରେ ବିକ୍ରି କରିଛନ୍ତି । ଏଥିରେ ଆହୁରି କିଛି ମାଷ୍ଟର ମାଇଣ୍ଡ ବି ରହିଥିବାର ଜନସାଧାରଣରେ ଚର୍ଚ୍ଚା ହେଉଛି । ତେଣୁ ଏହାର ନ୍ୟାୟିକ ତଦନ୍ତ ହେଲେ ସବ ରେଜିଷ୍ଟ୍ରାର ଅଫିସର ବହୁ ଦୁର୍ନୀତି ବାହାରକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

# ଘୋଘରପାଳି ପ୍ରକଳ୍ପରେ କମ୍ପାନୀକୁ ଜମିଦେବାକୁ ଗ୍ରାମବାସୀ ନାରାଜ



ରାଉରକେଲା(ଏନ୍.ଏମ୍.): ହେମଗିର ପଞ୍ଚମ ଅନୁସୂଚିତ ଜନଜାତିଙ୍କ ଅଂଚଳରେ ଗ୍ରାମସଭାକୁ ଅବମାନନା କରି ସୁନ୍ଦରଗଡ ଜିଲ୍ଲା କମ୍ପାନୀ ଜମି ଅଧିଗ୍ରହଣ କରିଥିବାବେଳେ, ଜିଲ୍ଲାସାରା ଏଥିପତି ଜନଆକ୍ରୋଶ, ବିରୋଧ ଦେଖିବାକୁ ମିଳୁଛି । ଏହି ପରିପେକ୍ଷିରେ ହେମଗିରି ବ୍ଲକ ଅନ୍ତର୍ଗତ ଘୋଘରପାଳି କୋଇଲା ଖଣି ପ୍ରକଳ୍ପ ବେଦାନ୍ତ କମ୍ପାନୀକୁ ଆବଣ୍ଟନ କରାଯାଇଛି । ଗତ ନଭେମ୍ବର ୩୦ତାରିଖ ଦିନ ପ୍ରଶାସନ ପକ୍ଷରୁ ଜନଶୁଣାଣି ରଖାଯାଇଥିଲା । ଏହାକୁ ଖାରଜ କରିବା ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳ, ପ୍ରଦୂଷଣ ବିଭାଗକୁ ଏକ ଦାବିପତ୍ର ଦେବାସହ ଉଚ୍ଚନ୍ୟାୟାଳୟଙ୍କରେ ମଧ୍ୟ ଏକ ପିଟିସନ ଦାୟର ହୋଇଛି । ଜନବିରୋଧକୁ ଦେଖି ପ୍ରଶାସନ ଜିଲ୍ଲାରେ ବିଭିନ୍ନ ପର୍ବ ପର୍ବାଣି ଏପରିକି ନୂଆପଡା ନିର୍ବାଚନ ପାଇଁ ପୋଲିସ ପ୍ଲାଟୁନର ଅଭାବ ଥିବା ଯୋଗୁ ଜନଶୁଣାଣି ସ୍ଥଗିତ ରଖିବାକୁ ବାଧ୍ୟ ହୋଇଥିଲା । ଏହାପରେ ଉଚ୍ଚ ନ୍ୟାୟାଳୟର ଆଦେଶରେ ଏବଂ ଲୋକଙ୍କ ଅଭିଯୋଗ ଉପରେ ଜିଲ୍ଲାପାଳ ବେଦାନ୍ତ କମ୍ପାନୀକୁ ନୋଟିସ କରି ଲୋକଙ୍କ ଅଭିଯୋଗ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଲୋକଙ୍କ ମତ ଯେ କୌଣସି ପ୍ରକାରରେ ବେଦାନ୍ତ କମ୍ପାନୀକୁ ଆଉ ଜମି ଦେବୁନାହିଁ । ଦେଲେ ଆଗାମୀ ଦିନରେ ବେଦାନ୍ତ କମ୍ପାନୀ ଜମି ଅଧିଗ୍ରହଣରେ ଅଡୁଆ ବଢାଇବ ବୋଲି ଆଲୋଚନା କରାଯାଉଛି । ଏହି ଆଲୋଚନାରେ ସଦର ବିଧାୟକ ଯୋଗେଶ ସିଂହ, ବିସ୍ଥାପିତ ନେତା ରାଜେନ୍ଦ୍ର ନାଏକ, ସରପଞ୍ଚ ସନାସୀ ବାଘ ସମେତ ବିସ୍ଥାପିତ ହେବାକୁ ଯାଉଥିବା ଗ୍ରାମ ଗୁଡିକର ଗ୍ରାମ ବାସୀମାନେ ଉପସ୍ଥିତ ରହି ସ୍ଥିରିକୃତ ହୋଇଥିବା ବେଳେ ଆଗାମୀ ଦିନ ରେ ଏହା କଂପାନିକୁ ଘୋର ବିରୋଧ କରି ଜମି ନ ଦେବାକୁ ଗ୍ରାମ ବାସୀ ସ୍ଥିର କରିଛନ୍ତି ।

### ବାହାର ରାଜ୍ୟର ଧାନ ଗାଡି ଉପରେ ନଜର

# ନୂଆପଡା ସମେତ ବିଭିନ୍ନ ଜିଲାରେ ନିଯୁକ୍ତ ଅଛନ୍ତି ଏନଫୋର୍ସମେଣ୍ଟ ଟିମ୍



ଭୁବନେଶ୍ୱର(ଏନ୍.ଏମ୍.): ରାଜ୍ୟରେ କୃଷକ ମାନଙ୍କ ଠାରୁ ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଯୋଗ୍ୟ ଚାଷୀ ସେମାନଙ୍କ ଧାନକୁ ସରକାରୀ ସ୍ତରରେ ବିକ୍ରୟ କରିପାରିବେ ଏଥିନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ବାହାର ରାଜ୍ୟରୁ ଯେଭଳି ଧାନ ଆସି ରାଜ୍ୟରେ ବିକ୍ରୟ ନହୁଏ ଏହା ଉପରେ ତୀକ୍ଷ୍ଣ ନଜର ରଖାଇଯାଇଛି । ବିଶେଷକରି ରାଜ୍ୟର ସୀମାନ୍ତ ଅଞ୍ଚଳରେ ଏହି ବ୍ୟବସ୍ଥାକୁ କଡାକଡି କରାଯାଇଛି ।

ଏହି ଉଦ୍ଦେଶ୍ୟରେ ନୂଆପଡା, ବରଗଡ଼, ଝାରସୁଗୁଡା ଓ ସୁନ୍ଦରଗଡ ଭଳି ଅନ୍ୟାନ୍ୟ ସୀମାନ୍ତ ଜିଲ୍ଲା ଗୁଡିକରେ ଜିଲ୍ଲାରେ ସ୍କ୍ୱାଡ଼ ସମେତ ବିଭିନ୍ନ ଜିଲ୍ଲାରେ ଏନଫୋର୍ସମେଣ୍ଟ ଟିମକୁ ନିଯୁକ୍ତ କରାଯାଇଛି । ବିଶେଷ କରି ନୂଆପଡା ଜିଲ୍ଲାରେ କ୍ୟାମେରା ଖଞ୍ଜିତ ଏନଫୋର୍ସମେଣ୍ଟ ଗାଡି ଗୁଡିକ ଖଡିଆଳ ରୋଡ଼ ଏବଂ ସିନାପାଲି ଠାରେ ମୁତୟନ ରହି ବାହାର ରାଜ୍ୟ ଧାନ ଗାଡି ଗୁଡିକ ଉପରେ ତୀକ୍ଷଣ ନଜର ରଖିଛନ୍ତି । ପଡୋଶୀ ଛତିଶଗଡରୁ ଓଡିଶା କିମ୍ବା ଆମ ରାଜ୍ୟରୁ ଛତିଶଗଡକୁ ଧାନ ନେଇ ଯାଉଥିବା ଗାଡି ଉପରେ ନଜର ରଖାଯାଉଛି । ସେହିଭଳି ସମ୍ପୃକ୍ତ ଥାନା ଆଇଆଇସି ମାନେ ମଧ୍ୟ ଟିମ ମୁତୟନ କରି ୨୪ ଘଣ୍ଟିଆ ନଜର ରଖୁଛନ୍ତି । କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେହି ଗାଡିକୁ ଜବତ କରିବାକୁ ସେମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ସମ୍ପୃକ୍ତ ଜିଲ୍ଲାର ଯୋଗାଣ ଅଧିକାରୀ ମାନେ ଏଥି ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ । ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ମାନେ ମଧ୍ୟ ଏହି ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି । ଟୋକନ ପ୍ରାପ୍ତ ଚାଷୀମାନେ ମଣ୍ଡିକୁ ଆସି ସେମାନଙ୍କ ଧାନ ବିକ୍ରୟ କରି ଉତ୍ତମ ଅନୁଭୂତି ନେଇ ଫେରିବେ ଏଥିପ୍ରତି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ବିଭିନ୍ନ ମଣ୍ଡିରେ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ପୂର୍ବରୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

### ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା

# ନୂଆ ବିବାଦ ସୃଷ୍ଟି କଲାଣି ସ୍ମାର୍ଟ ମିଟର

ଭୁବନେଶ୍ୱର(ଏନ୍.ଏମ୍.): ସ୍ମାର୍ଟ ମିଟର ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି ସରକାର । ହେଲେ ଏ ମିଟର ଲଗାଯିବା ଘଟଣା ଓଡ଼ିଶାରେ ନୂଆ ବିବାଦ ସୃଷ୍ଟି କଲାଣି । କେଉଁ କଂପାନିର ମିଟର ଲଗାଇବେ କର୍ତ୍ତୃପକ୍ଷ ? ଘରୋଇ କମ୍ପାନୀ ପାଇଁ ରାଜ୍ୟବାସୀ କାହିଁକି କ୍ଷତି ସହିବେ ? ଏମିତି ମାଳ ମାଳ ପ୍ରଶ୍ନରେ ଛନ୍ଦି ହୋଇଗଲାଣି ସ୍ମାର୍ଟ ମିଟର । ଉପଭୋକ୍ତା ମହାସଂଘର ଏସବୁ ପ୍ରଶ୍ନର କିନ୍ତୁ ଏଯାଏଁ ଉତ୍ତର ଦେଇନାହାନ୍ତି ସରକାର । ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା-ସ୍ମାର୍ଟ ମିଟର ସଂଯୋଗର ପ୍ରଥମ ପର୍ଯ୍ୟାୟ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ହେଲେ ଉପଭୋକ୍ତା ମହାସଂଘ କହୁଛି ଯେ ଅନେକ ଦିନ ପୂର୍ବରୁ ଲାଗିଲାଣି ସ୍ମାର୍ଟ ମିଟର । କେବଳ ସେତିକି ନୁହେଁ, ଟାଟା ପାୱାର ଲଗାଉଥିବା ମିଟରର ବିଶ୍ୱନିୟତା ଉପରେ ବି ଉଠାଇଛନ୍ତି ପ୍ରଶ୍ନ । ମିଟର କିଏ ଦେଉଛି ? ଏଥିପାଇଁ ଖୋଲା ଟେଣ୍ଡର ହୋଇଥିଲା ତ ?

ଏସବୁ କେତେ ଉପଯୁକ୍ତ, କିଏ ଯାଞ୍ଚ କରିଛି ? ବୋଲି ପ୍ରଶ୍ନ କରିଛି ଉପଭୋକ୍ତା ସଂଘ । ଟାଟା ପୁଞ୍ଜିନିବେଶ ନକରି ରାଜ୍ୟ ବଜେଟ ଅନୁଦାନ ମାଧ୍ୟମରେ ସ୍ମାର୍ଟ ମିଟର ଲଗାଉଛି । ଏଥିପାଇଁ ରାଜ୍ୟ କ୍ୟାବିନେଟ ପ୍ରଥମ ପର୍ଯ୍ୟାୟ ଅର୍ଥ ପ୍ରସ୍ତାବରେ ମୋହର ମାରିଛି । ସ୍ମାର୍ଟ ମିଟର ପାଇଁ ଅନ୍ୟ ରାଜ୍ୟ କେନ୍ଦ୍ରୀୟ ଅନୁଦାନ ପାଉଥିଲାବେଳେ ଓଡିଶା ସରକାର କାହିଁକି ନିଜେ ଖର୍ଚ୍ଚ କରିବେ ବୋଲି ପଚାରିଛନ୍ତି ଶକ୍ତି ସମୀକ୍ଷକ । କିଛି ବିଶେଷଜ୍ଞ ପରାମର୍ଶ ଦେଇ କହିଛନ୍ତି ସ୍ମାର୍ଟ ମିଟର ଲଗାଇବା ବେଳେ ଉପଭୋକ୍ତାଙ୍କ ଘରେ ଥିବା ପୁରୁଣା ମିଟରକୁ ମଧ୍ୟ ଚାଲୁ ରଖାଯାଉ, ଫଳରେ ସ୍ମାର୍ଟ ମିଟରର କାର୍ଯ୍ୟଦକ୍ଷତା ବୁଝାପଡ଼ିବ ।

### ସାନ୍ତାଳୀଭାଷାର ଉନ୍ନତି ପାଇଁ ବିଧାୟକଙ୍କ ଲଢୁଆ ଉଦ୍ୟମ

# ସାରସକଣା ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେଲେ ସରକାର

ମୟୂରଭଞ୍ଜ,ସାରସକଣା (ଏନ୍.ଏମ୍.): ସାରସକଣା ବିଧାୟକ ଭାଦ୍ରବ ହାଁସଦା ବିଧାନ ସଭାରେ ଉଠାଇ ଥିବା ପ୍ରଶ୍ନ, ଆମ ଭାରତବର୍ଷର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ୨୦୦୨/୦୩ ମସିହାରେ ସାନ୍ତାଳୀ, କୋଙ୍କଣୀ ଏବଂ ବୋଡୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲକରି ଭାରତବର୍ଷରେ ବସବାସ କରୁଥିବା ସାନ୍ତାଳୀ ଭାଷାଭାଷୀ ଲୋକଙ୍କୁ ସମ୍ମାନ ଦେଇଥିଲେ । କିନ୍ତୁ ଦୀର୍ଘଦିନ ହେଲା ଆମ ରାଜ୍ୟ ସରକାର ଯେଉଁଭଳି ଭାବରେ ସାନ୍ତାଳୀ ଭାଷାକୁ ପ୍ରଚଳନ କରିବାପାଇଁ ରାଜ୍ୟରେ ବ୍ୟବସ୍ଥା କରିବାକଥା ତାହା ଠିକ୍ ଭାବରେ ହୋଇପାରିନାହିଁ । ତେଣୁ, ସେ ବାଚସ୍ପତିଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ ରାଜ୍ୟରେ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ଗୋଟିଏ ସାନ୍ତାଳୀ ସାହିତ୍ୟ ଏକାଡେମୀ ଏବଂ ଏହି ଭାଷାର ପ୍ରଚାର ପ୍ରସାର ପାଇଁ ପ୍ରଥମ ଶ୍ରେଣୀରୁ ପିଜି ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ ଏହି ଭାଷାକୁ ଅନ୍ତର୍ଭୁକ୍ତ କରାଯାଉ ଏବଂ ଏହି ସାନ୍ତାଳୀ ଭାଷାକୁ ଗୋଟିଏ ସଂଖ୍ୟା ଲଘୁ ଭାଷା ଭାବରେ ମାନ୍ୟତା ଦେବାପାଇଁ ଅନୁରୋଧ କରିଥିଲେ । ଏହାର ପ୍ରତ୍ୟୁତ୍ତର ରେ ସରକାରଙ୍କ ଚିଠି ନଂ ୩୮୦/୨୫/୨୬ ରେ ସ୍ୱୀକୃତି ଦେଇ ପ୍ରକାଶ କରିଛନ୍ତି ଯେ ସାନ୍ତାଳୀ ଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନସ୍ଥ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଦ୍ୱାରା ବହୁଭାଷୀ ପଠନ ପୁସ୍ତିକା, ସାନ୍ତାଳୀ ଶବ୍ଦକୋଷ, ତ୍ରିଭାଷୀ ଶିକ୍ଷଣ ପୁସ୍ତକା, ସାନ୍ତାଳୀ ଲୋକ ସାହିତ୍ୟ, ସାନ୍ତାଳୀ ଜ୍ଞାନକୌଶଳ, ଅତିରିକ୍ତ ପଠନ ପୁସ୍ତିକା ଏବଂ ବୃହତ୍ତ ସାନ୍ତାଳୀ ଓଡିଆ ଇଂରାଜୀ ଶବ୍ଦକୋଷ ଇତ୍ୟାଦିମାନ ପ୍ରକାଶିତ କରାଯାଇ ଛାତ୍ରଛାତ୍ରୀଙ୍କ ପଠନ ନିମନ୍ତେ ବିଦ୍ୟାଳୟମାନଙ୍କରେ ବଣ୍ଟନ କରାଯାଇଛି । ଏହାବ୍ୟତୀତ, ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନସ୍ଥ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ସାନ୍ତାଳୀ ଭାଷାରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟ ପୁସ୍ତକର ଏକ ଖସଡ଼ା ପ୍ରସ୍ତୁତ କରାଯାଇ ପଠନ ଏବଂ ବଣ୍ଟନ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରାଯାଉଅଛି । ପୁନଶ୍ଚ, ପ୍ରାଥମିକସ୍ତରରେ ପଢୁଥିବା ସାନ୍ତାଳୀ ଭାଷାଭାଷୀ ଛାତ୍ରଛାତ୍ରୀମାନଙ୍କ ପାଠ ପଢାରେ ସାହାଯ୍ୟ ପାଇଁ ବିଭାଗ ଦ୍ୱାରା ୩୫ ଜଣ ସାନ୍ତାଳୀ ବହୁଭାଷୀ ଶିକ୍ଷକ ନିଯୁକ୍ତ ହୋଇଅଛନ୍ତି ଏବଂ ୨୬ ଜଣ ସାନ୍ତାଳୀ ବହୁଭାଷୀ ଶିକ୍ଷକ ନିଯୁକ୍ତି ନିମନ୍ତେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗକୁ ଅନୁରୋଧ କରାଯାଇଛି ବୋଲି ଚିଠିରେ ଉତ୍ତର ଆସିଛି ।




# ବିଜୟ ହଜାରେ ଟ୍ରଫିରେ ଯୁବ ଖେଳାଳିଙ୍କ କମାଲ



**ନୂଆଦିଲ୍ଲୀ(ଏଜେନ୍ସି):** ବିଜୟ ହଜାରେ ଟ୍ରଫିରେ କମାଲ କରୁଛନ୍ତି ଯୁବ ଖେଳାଳି। ବିରାଟ କୋହଲି, ରୋହିତ ଶର୍ମାଙ୍କ ଭଳି ଅଭିଜ୍ଞ ଖେଳାଳି ଚଳିତ ସିଜିନରେ ଖେଳୁଛନ୍ତି । ବିରାଟଙ୍କ ଦମଦାର ବ୍ୟାଟିଂ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି। ବିରାଟ ଦୁଇଟି ମ୍ୟାଚରେ ୨୦୮ ରନ କରିଛନ୍ତି। ଯେଉଁଥିରେ ଗୋଟିଏ ଶତକ ମଧ ରହିଛି। ଅନ୍ୟପଟେ ରୋହିତ ଶର୍ମା କିନ୍ତୁ ଭଲ ପ୍ରଦର୍ଶନ କରି ପାରିନାହାନ୍ତି। ସେପଟେ କିନ୍ତୁ ଯୁବ ଖେଳାଳିମାନେ କମାଲ କରିବାରେ ? ଲାଗିଛନ୍ତି। ୫ ଜଣ ଖେଳାଳିଙ୍କ ପ୍ରଦର୍ଶନ ଏଭଳି ରହିଛି ଯାହା ସମସ୍ତଙ୍କୁ ଚମକାଇ ଦେବ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ କି, ଏହି ତାଲିକାରେ ଜଣେ ଓଡ଼ିଆ ଖେଳାଳି ରହିଛନ୍ତି। ତେବେ ଏହିସବୁ ଯୁବ ଖେଳାଳି ମାନେ କିଏ ?

**ଦେବିଦତ୍ତ ପାଡିକଲ୍ :** ଏକଦା କୋହଲିଙ୍କ ସହ ଆଇପିଏଲରେ କୋହଲିଙ୍କ ସହ ଖେଳିବାର ଅଭିଜ୍ଞତା ରଖିଥିବା ଦେବିଦତ୍ତ ପାଡିକଲ ଏବେ ଘରୋଇ କ୍ରିକେଟରେ କମାଲ କରୁଛନ୍ତି । ଦୁଇଟି ମ୍ୟାଚରେ ସେ ଦୁଇଟି ଶତକ ହାସଲ କରି ସାରିଲେଣି। ସେ କର୍ଣ୍ଣାଟକ ପକ୍ଷରୁ ଖେଳୁ ଥିବା ବେଳେ ଦୁଇଟି ମ୍ୟାଚରେ ୨୭୧ ରନ ସଂଗ୍ରହ କରି ସାରିଲେଣି।

**ଧ୍ରୁବ୍ ସୋରେ :** ବିଦର୍ଭ ପକ୍ଷରୁ ଖେଳୁଥିବା ସଲମୀ କ୍ରିକେଟର ଧ୍ରୁବ୍ ସୋରେ ଏବେ ଘରୋଇ କ୍ରିକେଟରେ କମାଲ କରୁଛନ୍ତି। ବିଜୟ ହଜାରେ ? ଟ୍ରଫିରେ ସେ ମଧ ଦୁଇଟି ମ୍ୟାଚରେ ଦୁଇଟି ଶତକ ହାସଲ କରି ସାରିଲେଣି। ୧୨୧ରୁ ଅଧିକ ଷ୍ଟ୍ରାଇକ୍ ରେଟରେ ସେ ୨୪୫ ରନ କରିଛନ୍ତି। ଯାହାକୁ ନେଇ ସେ ଚର୍ଚ୍ଚାରେ ମଧ ରହିଛନ୍ତି।

**ସମର ଗଜ୍ଜର :** ସୌରାଷ୍ଟ୍ର ପାଇଁ ଖେଳୁଥିବା ସମର ଗଜ୍ଜର ଦୁଇଟି ମ୍ୟାଚରେ ୨୧୫ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କର ଷ୍ଟ୍ରାଇକ୍ ରେଟ୍ ରହିଛି ୧୩୨। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି, ସେ ମଧ ଦୁଇଟି ମ୍ୟାଚରେ ଦୁଇଟି ଶତକ ହାସଲ କରିଛନ୍ତି।

**ଆର୍ଯ୍ୟନ ଜୁୟାଲ :** ଉତ୍ତର ପ୍ରଦେଶର ଓ୍ୱିକେଟ କିପର ବ୍ୟାଟ୍ସମ୍ୟାନ୍ ଆର୍ଯ୍ୟନ ଜୁୟାଲ ଜଣେ ଉଚ୍ଚ କୋଟିର ଖେଳାଳି। ସେ ଦୁଇଟି ମ୍ୟାଚରେ ୨୧୪ ରନ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଶତକ ମଧ ରହିଛି।

**ସ୍ୱସ୍ତିକ ସାମଲ :** ଆମ ଓଡ଼ିଆ କ୍ରିକେଟର ସ୍ୱସ୍ତିକ ସାମଲ ମଧ ବିଜୟ ହଜାରେ ଟ୍ରଫିରେ ଏବେ କମାଲ କରୁଛନ୍ତି। ଯଦିଓ ଦଳ ପ୍ରଥମ ଦୁଇଟି ଯାକ ମ୍ୟାଚରେ ବିଜୟ ହାସଲ କରିପାରିନାହିଁ। ତଥାପି ସ୍ୱସ୍ତିକ ସାମଲ ଉଚ୍ଚ କୋଟିର ଖେଳ ଜାରି ରଖିଛନ୍ତି। ସେ ଦୁଇଟି ମ୍ୟାଚରେ ୨୧୨ ରନ୍ କରିଛନ୍ତି। ତେବେ ପ୍ରଥମ ମ୍ୟାଚରେ ସେ ଦ୍ୱିତୀୟ ପାଳି ଖେଳିଥିଲେ। ଦଳ ଯଦିଓ ବଡ଼ ସ୍କୋର କରିବା ପରେ ମଧ ପରାଜୟ ବରଣ କରିଥିଲା। ତେବେ ବିଜୟ ହଜାରେ ଟ୍ରଫିରେ ସର୍ବାଧିକ ସ୍କୋର କରିବା ତାଲିକାରେ ଓଡ଼ିଆ ଖେଳାଳି ସ୍ୱସ୍ତିକ ସାମଲ ପଞ୍ଚମ ସ୍ଥାନରେ ରହିଛନ୍ତି।

■ ୧୫ ବର୍ଷ ପରେ ଅଷ୍ଟ୍ରେଲିଆରେ

# ବକ୍ସିଂ ଡେ ଟେଷ୍ଟ ଜିତିଲା ଇଂଲଣ୍ଡ




**ମେଲବୋର୍ଣ୍ଣ(ଏଜେନ୍ସି):** ୨୦୨୫-୨୬ ଆସସ୍ ସିରିଜର ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ଚାରି ଓ୍ୱିକେଟରେ ପରାସ୍ତ କରିଛି। ଏହା ସିରିଜରେ ଇଂଲଣ୍ଡର ପ୍ରଥମ ବିଜୟ। ଏହି ବିଜୟ ଗୁରୁତ୍ୱବହନ କରୁଛି, କାରଣ ପ୍ରାୟ ୧୫ ବର୍ଷ ପରେ ଇଂଲାଣ୍ଡ ଅଷ୍ଟ୍ରେଲିଆରେ ବକ୍ସିଂ ଡେ ଟେଷ୍ଟ ଜିତିଛି । ଶେଷ ଥର ପାଇଁ ଇଂଲଣ୍ଡ ୨୦୧୦ ମସିହାରେ ଅଷ୍ଟ୍ରେଲିଆ ମାଟିରେ ବକ୍ସିଂ ଡେ ଟେଷ୍ଟ ଜିତିଥିଲା। ଖେଳର ଦ୍ୱିତୀୟ ଦିନରେ, ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଏକ ବୋଲର-ଅନୁକୂଳ ପିଚ୍ରେ, ଭ୍ରମଣକାରୀ ଇଂଲଣ୍ଡ ଦଳ ୧୭୫ ରନର ଟାର୍ଗେଟକୁ ପିଛା କରି ମ୍ୟାଚ୍ ଜିତିଥିଲା। ତେବେ ଏହି ବିଜୟ କେବଳ ଇଂଲଣ୍ଡର ସମ୍ମାନକୁ ରକ୍ଷା କରିଛି, କାରଣ ଅଷ୍ଟ୍ରେଲିଆ ପ୍ରଥମ ତିନୋଟି ମ୍ୟାଚ୍ ଜିତିବା ପରେ ସିରିଜକୁ ନିଜ ନାଁରେ କରିସାରିଛି । ବକ୍ସିଂ ଡେ ଟେଷ୍ଟରେ, ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବୋଲରମାନେ ଷ୍ଟୋକ୍ସଙ୍କ ନିଷ୍ପତ୍ତିକୁ ସଠିକ୍ ପ୍ରମାଣିତ କରିଥିଲେ, ଖେଳର ପ୍ରଥମ ଦିନରେ ଅଷ୍ଟ୍ରେଲିଆକୁ ମାତ୍ର ୧୫୨ ରନରେ ଅଲଆଉଟ୍ କରିଥିଲେ। ଏହାର ଜବାବରେ ଇଂଲଣ୍ଡ ମାତ୍ର ୧୧୦ ଦିନରେ ଅଲଆଉଟ୍ ହୋଇଯାଇଥିଲା । ଏହା ପରେ ଅଷ୍ଟ୍ରେଲିଆ ନିଜର ୨ୟ ଇନିଂସରେ ୧୩୨ ରନରେ ଅଲଆଉଟ ହୋଇ ଇଂଲଣ୍ଡ ଆଗରେ ୧୭୫ ରନର ଲକ୍ଷ୍ୟ ରଖିଥିଲା । ଏହା ପରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୭୮ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଥମ ଇନିଂସରେ ୫ଟି ଓ୍ୱିକେଟ ନେଇଥିବା ଜୋସ୍ ଟଙ୍ଗଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ବଡ଼ଦିନର ପରବର୍ତ୍ତୀ ଦିନ (ଡିସେମ୍ବର ୨୬) କୁ ବକ୍ସିଂ ଡେ' କୁହାଯାଏ । ପ୍ରତିବର୍ଷ ବକ୍ସିଂ ଟେଷ୍ଟ ମ୍ୟାଚ ଡିସେମ୍ବର ୨୬ରେ ଆରମ୍ଭ ହୁଏ ଓ ଏହା ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଏ । ସେହି ସମୟରେ ଯେଉଁ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଥାଏ, ତା ସହିତ ବକ୍ସିଂ ଡେ ଖେଳାଯାଏ ।

# ବିଜୟ ହଜାରେ ଟ୍ରଫିରେ ୩ୟ ମ୍ୟାଚ ଖେଳିବେ କୋହଲି !




**ନୂଆଦିଲ୍ଲୀ (ଏଜେନ୍ସି) :** ବିଜୟ ହଜାରେ ଟ୍ରଫିରେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ବ୍ୟାଟିଂକୁ ପ୍ରଶଂସକମାନେ ପୂରା ଉପଭୋଗ କରିଥିଲେ। ଡିସେମ୍ବର ୨୪ ତାରିଖରେ ଉଭୟ ପ୍ରଥମ ମ୍ୟାଚରେ ଶତକ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବିରାଟ ୭୭ ରନ କରିଥିଲେ, କିନ୍ତୁ ରୋହିତ ଗୋଲ୍ଡେନ ଡକ ପାଇଁ ଆଉଟ ହୋଇଥିଲେ। ପ୍ରଶ୍ନ ହେଉଛି ଯେ ରୋହିତ ଏବଂ ବିରାଟଙ୍କୁ ପୁଣି ବିଜୟ ହଜାରେ ଟ୍ରଫିରେ ଖେଳିବାର ଦେଖାଯିବ କି, କାରଣ ଏହି ଟୁର୍ନାମେଣ୍ଟ ଜାନୁଆରୀ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ସ୍ଥିର ହୋଇଛି। ଏକ ରିପୋର୍ଟ ଅନୁଯାୟୀ, ରୋହିତ ଶର୍ମାଙ୍କ ପରି ବିରାଟ କୋହଲିଙ୍କୁ ପ୍ରଥମେ ବିଜୟ ହଜାରେ ଟ୍ରଫିରେ କେବଳ ଦୁଇଟି ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ଥିଲା। ତଥାପି, ସେ ଏବେ ଜାନୁଆରୀ ୬ ତାରିଖରେ ରେଲଓ୍ୱେ ବିପକ୍ଷ ମ୍ୟାଚରେ ଖେଳିବାର ଦେଖାଯାଇପାରନ୍ତି। ବିରାଟ ଏବେ ପାଇଁ ବେଙ୍ଗାଲୁରୁ ଛାଡି ସାରିଛନ୍ତି, କିନ୍ତୁ ତାଙ୍କ ଫେରିବାର ଆଶା ରହିଛି। ରିପୋର୍ଟ କରାଯାଉଛି ଯେ ବିରାଟ କୋହଲିଙ୍କ ପୋଷାକ ଏବଂ ଜିନିଷପତ୍ର ଏବେ ବି ଦିଲ୍ଲୀ ଦଳ ପାଖରେ ଅଛି। ଜାନୁଆରୀ ୬ ତାରିଖରେ ବିରାଟ କୋହଲି ଦିଲ୍ଲୀ ଦଳ ପାଇଁ ଖେଳିବେ କି ନାହିଁ ତାହା ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର ଉପରେ ନିର୍ଭର କରିବ। ଭାରତ ଏବଂ ନ୍ୟୁଜିଲାଣ୍ଡ ମଧରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଜାନୁଆରୀ ୧୧ ତାରିଖରୁ ଆରମ୍ଭ ହେଉଛି। ବିରାଟ ଏପର୍ଯ୍ୟନ୍ତ ବିଜୟ ହଜାରେ ଟ୍ରଫି ୨୦୨୫-୨୬ର ଦୁଇଟି ମ୍ୟାଚରେ ୨୦୮ ରନ କରିଛନ୍ତି।

ବିଜୟ ହଜାରେ ଟ୍ରଫି

# ପ୍ରଥମ ବିଜୟ ହାସଲ କଲା ଓଡ଼ିଶା




**ନୂଆଦିଲ୍ଲୀ(ଏଜେନ୍ସି) :** ପ୍ରଥମ ଓଡ଼ିଆ ଭାବେ ଦ୍ରୁତ ବୋଲର ରାଜେଶ ମହାନ୍ତି ବିଜୟ ହଜାରେ ଟ୍ରଫିରେ ହ୍ୟାଟ୍ରିକ୍ ଓ୍ୱିକେଟ୍ ହାସଲ କରିବାର ଗୌରବ ଲାଭ କରିଛନ୍ତି। ଅନ୍ୟତମ ଦ୍ରୁତ ବୋଲର ସମ୍ବିତ ବରାଳଙ୍କ ସହ ଘାତକ ବୋଲିଂ କରି ସେ ଦଳକୁ ସର୍ଭିସେସ୍ ବିପକ୍ଷରେ ଆଜି ୪ ଓ୍ୱିକେଟ୍ରେ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଶା ଦଳର ଏହା ପ୍ରଥମ ବିଜୟ। ୪ଟି ଓ୍ୱିକେଟ୍ ଏବଂ ୧୨ ରନ୍ କରିଥିବାରୁ ରାଜେଶ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ବେଙ୍ଗାଲୁରୁର ଆଲୁର ପିଚ୍ ଦ୍ରୁତ ବୋଲରଙ୍କୁ ସୁହାଇଥିଲା । ଯଦିଓ ପ୍ରଥମ ୬ ଓଭର ସର୍ଭିସେସ୍ ଓପନର ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ । କିନ୍ତୁ ସପ୍ତମ ଓଭରରେ ରାଜେଶ ଘଟାଇଥିଲେ ଭୟଙ୍କର ବିପର୍ଯ୍ୟୟ। ୬.୧ ଓଭରରେ ଓପନର ସାଗର ଦହିୟା (୯), ୬.୨ ଓଭରରେ ଅମିତ ଶୁକ୍ଳା (୦) ଏବଂ ୬.୩ ଓଭରରେ ରବି ଚୌହାନଙ୍କୁ (୦) ଆଉଟ୍ କରି ହ୍ୟାଟ୍ରିକ୍ ପୂରଣ କରିଥିଲେ । ମାତ୍ର ୨୧ ରନ୍ରେ ଦଳ ପ୍ରମୁଖ ୪ଟି ଓ୍ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସମ୍ବିତ ମଧ ଘାତକ ବୋଲିଂ କରିଥିଲେ । ଫଳରେ ସର୍ଭିସେସ୍ ମାତ୍ର ୨୧.୫ ଓଭରରେ ୮୩ ରନ୍ରେ ଅଲଆଉଟ୍ ହୋଇଥିଲା । ରାଜେଶ ଓ ସମ୍ବିତ ୪ଟି ଲେଖାଏଁ ଓ୍ୱିକେଟ୍ ନେଇଥିଲେ । ସର୍ଭିସେସ୍ର ନୀତିନ ତନୱାର ୧୧, ଅର୍ଜ୍ଜୁନ ଶର୍ମା ୧୩ (ଅପରାଜିତ) ଏବଂ ପୁନ ପୁନିଆ ୨୫ ରନ୍ କରିଥିଲେ। ୮୪ ରନର ବିଜୟ ଲକ୍ଷ୍ୟ ଓଡ଼ିଶା ପାଇଁ ସହଜ ନଥିଲା । ସର୍ଭିସେସ ପେସର ମଧ ଘାତକ ବୋଲିଂ କରିଥିଲେ । ପୂର୍ବ ମ୍ୟାଚରେ ଦ୍ୱିଶତକୀୟ ଇନିଂସ ଖେଳିଥିବା ସ୍ୱସ୍ତିକ ସାମଲ ଖାତା ଖୋଲି ପାରିନଥିଲେ । ସେମିତି ଓମ୍ ଟି ମୁଣ୍ଡେ ୧ ରନ୍ କରି ଫେରିଥିଲେ। ୪୦ ରନ୍ରେ ଓଡ଼ିଶା ପ୍ରମୁଖ ୩ଟି ଓ୍ୱିକେଟ୍ ହରାଇ ବସିଥିଲା । କିନ୍ତୁ ସନ୍ଦୀପ ପଟ୍ଟନାୟକ ଶେଷ ପର୍ଯ୍ୟନ୍ତ ବେଶ ଧୈର୍ଯ୍ୟର ସହ ଅପରାଜିତ ରହି ୩୨ ରନ୍ କରିବା ସହ ଦଳକୁ ୨୪.୩ ଓଭରରେ ଜିତାଇଥିଲେ । ଏଥିରେ ରାଜେଶଙ୍କ ୧୨ ରନର ଯୋଗଦାନ ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ଅନ୍ୟମାନଙ୍କ ମଧରେ ଗୋବିନ୍ଦ ପୋଦ୍ଦାର ୧୧, ସମ୍ବିତ ୭, ବିପ୍ଳବ ୪ ଏବଂ ପ୍ରୟାସ ସିଂ ୯ (ଅପରାଜିତ) ରନ୍ କରିଥିଲେ । ପୁନିଆ ୨୭ ରନ୍ ଦେଇ ଏକାକୀ ୪ଟି ଓ୍ୱିକେଟ୍ ହାସଲ କରିଥିଲେ। ନୀତିନ ଯାଦବଙ୍କୁ ୨ଟି ଓ୍ୱିକେଟ୍ ମିଳିଥିଲା । ଗ୍ରୁପ୍ ଡି'ର ପ୍ରଥମ ମ୍ୟାଚ୍ରେ ଓଡ଼ିଶା ୫ ଓ୍ୱିକେଟ୍ରେ ସୌରାଷ୍ଟ୍ର ଠାରୁ ପରାଜିତ ହୋଇଥିଲା। ସର୍ଭିସେସ୍କୁ ପରାସ୍ତ କରି ଓଡ଼ିଶା ୪ ପଏଣ୍ଟ ସହ ଟେବୁଲରେ ଦିଲ୍ଲୀ ତଳକୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି ।

ନିଷ୍କର୍ଷ ମିଡିଆ ଏଣ୍ଟରଟେଣ୍ଟମେଣ୍ଟ ପବ୍ଲିକେଶନ ସବୁବେଳେ ନିରପେକ୍ଷ ଖବର ପରିବେଷଣ କରିଥାଏ । ସାମ୍ବାଦିକତାକୁ ବ୍ୟବହାର କରି ଗଣମାଧମକୁ ତଳକୁ ପକାଇ ସ୍ୱାର୍ଥ ହାସଲ କରିବା ଉପରେ ଏହି ଅନୁଷ୍ଠାନ ବିଶ୍ୱାସ କରେ ନାହିଁ । ସୁସ୍ଥ ସମାଜ ଗଠନ ପାଇଁ ସୁସ୍ଥ ସାମ୍ବାଦିକତା ଆବଶ୍ୟକ ତେଣୁ କାମଳ ସାମ୍ବାଦିକତାରୁ ଦୂରେଇ ରହିବା ପାଇଁ ନିଷ୍କର୍ଷ ଏବଂ ଏନଟିଭି ତାର ପ୍ରତିନିଧିଙ୍କୁ ପରାମର୍ଶ ଦେଉଛି । - ସମ୍ପାଦକ

N TV NISHKARSHA

ନିଷ୍କର୍ଷ
NISHKARSHA

ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ ନିଷ୍କର୍ଷ ମିଡିଆ ଅଙ୍ଗୀକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ, ୟୁଟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ ସର୍ଚ୍ଚ କରନ୍ତୁ
nishkarsha.com

ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

# କ୍ରୀଡା ପ୍ରତିଭାର ବିକାଶ ହେବ : ସାଂସଦ ଡା ସମ୍ବିତ ପାତ୍ର



**ପୁରୀ(ଏନ୍.ଏମ୍.) :** ପୁରୀ ଲୋକସଭା ସଂସଦୀୟ କ୍ଷେତ୍ର ଅଧିନସ୍ଥ ୪ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ପିପିଲି, ସତ୍ୟବାଦୀ, ପୁରୀ ସଦର ଓ ବ୍ରହ୍ମଗିରିର କ୍ରୀଡା ପ୍ରତିଭାର ବିକାଶ ପାଇଁ ଆୟୋଜିତ ସାଂସଦ ଖେଳ ମହୋତ୍ସବ ଆଜି ଅପରାହ୍ନରେ ଉଦଯାପିତ ହୋଇ ଯାଇଛି । ସେପ୍ଟେମ୍ବର ୨୧ ତାରିଖରୁ ଗଣଦୌଡରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ କ୍ରିକେଟ ଫାଇନାଲରେ ଶେଷ ହୋଇଥିଲା । ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦେଇ ପ୍ରତିଟି ଯୁବବର୍ଗ ମଧରେ ଅଫୁରନ୍ତ ଶକ୍ତି, ପ୍ରତିଭା ଓ ଦକ୍ଷତା ରହିଛି ବୋଲି କହିଥିଲେ। ଆଜିର ସମୟରେ କ୍ରୀଡା କେବଳ ଶାରୀରିକ ସୁସ୍ଥତା ପାଇଁ ନୁହେଁ ଆତ୍ମନିର୍ଭର ଓ ପ୍ରତିଭାର ବିକାଶ ଦିଗରେ ସହାୟକ ହୋଇଛି । ଏହାକୁ ଆହୁରି ପରିବର୍ଦ୍ଧିତ କରିବା ପାଇଁ ଓ ଯୁବ ଶକ୍ତିର ଉତଥାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଂସଦ ଖେଳ ମହୋତ୍ସବର ପରିକଳ୍ପନା କରିଥିଲେ। ବଡ ଖୁସିର କଥା ସମଗ୍ର ଦେଶରେ ପୁରୀ ସଂସଦୀୟ କ୍ଷେତ୍ରରୁ ସର୍ବାଧିକ ପ୍ରତିଯୋଗୀ ପଞ୍ଜିକରଣ କରିଥିଲେ ଏହା ସମସ୍ତଙ୍କ ପାଇଁ ପ୍ରେରଣା। ଆଗାମୀ ଦିନରେ କ୍ରୀଡାକୁ ଅଧିକ ପ୍ରାଧାନ୍ୟ ଦିଆଯିବ ଓ ଅଧିକ ପ୍ରତିଯୋଗୀଙ୍କୁ ସାମିଲ କରାଯିବ ବୋଲି ସେ କହିବା ସହ ସମସ୍ତ କ୍ରୀଡାବିତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏଥିରେ ଯୋଗ ଦେଇଥିଲେ। କ୍ରିକେଟ ଫାଇନାଲରେ ରେଲୱେ ଦଳ ଚମ୍ପିୟାନ ହୋଇ ଥିବାବେଳେ ତେଲଗୁ ୱାରିଅର୍ସ ରନର୍ସ ଅପ ହୋଇ ପୁରସ୍କୃତ ହୋଇଥିଲେ। ଅନ୍ୟ କ୍ରିଡାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଡା ପାତ୍ର ପୁରସ୍କୃତ କରିଥିଲେ।

ବେଦାନ୍ତ ଆଲୁମିନିୟମର କ୍ରୀଡା ପ୍ରୋତ୍ସାହନ, ଗ୍ରାମୀଣ କ୍ରୀଡ଼ାବିତ୍ଙ୍କୁ ସଶକ୍ତ କରୁଛି ବେଦାନ୍ତ

# ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ପ୍ରତିଯୋଗିତା ପାଇଁ ଦୁଇ କ୍ରୀଡ଼ାବିତଙ୍କର ଯୋଗ୍ୟତା ହାସଲ

**ଲାଞ୍ଜିଗଡ଼, କଳାହାଣ୍ଡି(ଏନ୍.ଏମ୍.):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ। ବେଦାନ୍ତ ଲାଞ୍ଜିଗଡ଼ କ୍ରୀଡା ପ୍ରୋତ୍ସାହନ ମାଧମରେ ଗ୍ରାମୀଣ ଯୁବ କ୍ରୀଡାବିତମାନଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରି ସଶକ୍ତ କରିଆସୁଛି। କଟକରେ ଅନୁଷ୍ଠିତ ହେବାକୁ ଥିବା ୭୧ତମ ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ମିଟ୍ ପାଇଁ ଦୁଇ ଜଣ ଆଥଲେଟ୍ ଯୋଗ୍ୟତା ଅର୍ଜନ କରିବାରେ ସକ୍ଷମ ହୋଇଛନ୍ତି । ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍, କଳାହାଣ୍ଡି ଦ୍ୱାରା ଆୟୋଜିତ ଜିଲ୍ଲା ଆଥଲେଟିକ୍ସ ମିଟ୍ ୨୦୨୫ରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପରେ ଏହି ଯୋଗ୍ୟତା ମିଳିଛି। କମ୍ପାନୀ ଏହି ସାମୁଦାୟର ବିକାଶ ପାଇଁ ଗ୍ରାମୀଣ ଓଡ଼ିଶାରେ ତୃଣମୂଳ ସ୍ତରୀୟ କ୍ରୀଡା ବିକାଶକୁ ସୁଦୃଢ଼ କରିବାରେ ପ୍ରୟାସ ଜାରି ରଖିଛି। ଜିଲ୍ଲାସ୍ତରୀୟ ଚାମ୍ପିଅନସିପରେ ଜିଲ୍ଲାର ୪୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ବେଦାନ୍ତ ତରଫରୁ କ୍ରୀଡା ସେଲରେ ପ୍ରତିନିଧିତ୍ୱ କରି, ୨୬ ଜଣ ଖେଳାଳି ପ୍ରତିଯୋଗିତରେ ଭାଗ ନେଇ ୨୨ଟି ପଦକ ହାସଲ କରିଥିଲେ। ଯାହା କ୍ରୀଡା ବିକାଶ ପାଇଁ କମ୍ପାନୀର ସଂରଚିତ ଏବଂ ସାମଗ୍ରିକ ଆଭିମୁଖ୍ୟର ପ୍ରଭାବକୁ ସ୍ପଷ୍ଟ କରିଥିଲା। ରାଜ୍ୟ ଚାମ୍ପିଅନସିପର ଯୋଗ୍ୟତା ପର୍ଯ୍ୟାୟରେ ହେମସାଗର ପାତ୍ର ୪୦୦ ମିଟର ଏବଂ ଭୂଷଣ ମାଝୀ, ୧୦୦ ମିଟର ଏବଂ ୨୦୦ ମିଟର ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଏହି ସଫଳତା ଉପରେ ମତ ଦେଇ, ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'କ୍ରୀଡାରେ ସ୍ଥିରତା ସୃଷ୍ଟି କରିବାର, ଶୃଙ୍ଖଳା ସୃଷ୍ଟି କରିବାର ଏବଂ ସାମାଜିକ ପରିବର୍ତ୍ତନ ପାଇଁ ସୁଯୋଗ ସୃଷ୍ଟି କରିବାର ଶକ୍ତି ଅଛି। ଏହି ଯୁବ ଖେଳାଳିମାନଙ୍କ ସଫଳତା ଗ୍ରାମୀଣ ଭାରତରେ ଥିବା ବିଶାଳ କ୍ରୀଡା ପ୍ରତିଭା ଏବଂ ଆମର ସଂରଚିତ ତାଲିମ ଇକୋସିଷ୍ଟମର ପ୍ରଭାବକୁ ପ୍ରତିଫଳିତ କରେ। ବେଦାନ୍ତ ଆଲୁମିନିୟମରେ, ଆମେ ଯୁବପିଢ଼ିଙ୍କୁ ଉଚ୍ଚକାଂକ୍ଷୀ କରିବା ଏବଂ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ପ୍ରତିଯୋଗିତା କରିବା ପାଇଁ ସକ୍ଷମ କରିବା ପାଇଁ ପ୍ରତିବଦ୍ଧ। ଏହା ଅଧୀନରେ, ଖେଳାଳିମାନେ ପୂର୍ବତନ ଅଲିମ୍ପିଆନ୍ ରାହୁଲ ବାନାର୍ଜୀଙ୍କ ଠାରୁ ବୈଷୟିକ ମାର୍ଗଦର୍ଶନ ନେବା ତଥା ବିଶେଷଜ୍ଞମାନଙ୍କ ଠାରୁ ପ୍ରଶିକ୍ଷଣ ଗ୍ରହଣ କରିବା ସହିତ ପୁଷ୍ଟିକର ସହାୟତା, କ୍ରୀଡା କିଟ୍ ଏବଂ ୟୁନିଫର୍ମ ଯୋଗାଇ ଦିଆ ଯାଉଛି। ବର୍ତ୍ତମାନ୍ ୧୦୦ରୁ ଅଧିକ ଗ୍ରାମୀଣ ଯୁବକଙ୍କୁ ଆଥଲେଟିକ୍ସ ଏବଂ ତୀରନ୍ଦାଜୀରେ ତାଲିମ ଦିଆଯାଉଛି, ଯାହା ସେମାନଙ୍କ ପାଇଁ ଉତ୍କର୍ଷ ହାସଲ କରିବାର ପଥ ସୃଷ୍ଟି କରିବ।

ଏହାଉପରେ ଆଲୋକପାତ କରି, ଓଡ଼ିଶା କ୍ରିକେଟ୍ ଆସୋସିଏସନର ଉପାଧକ୍ଷ ଏବଂ କଳାହାଣ୍ଡି ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ କହିଛନ୍ତି, 'କଳାହାଣ୍ଡି ଜିଲ୍ଲାରେ କ୍ରୀଡା, ବିଶେଷକରି ଆଥଲେଟିକ୍ସରେ ଅପାର ସମ୍ଭାବନା ରହିଛି। ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା ସୃଷ୍ଟି ହୋଇଥିବା ପ୍ଲାଟଫର୍ମ ସଠିକ୍ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
Editor : TAPAN KUMAR SAHOO